ODIA DAILY EDITION
21.11.2024
କଟକ, ଗୁରୁବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ନଭେମ୍ବର-୨୧, ୨୦୨୪
ବର୍ଷ-୩୬, ସଂଖ୍ୟା-୧୩୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ଆସନ୍ତା ୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



**ଭୁବନେଶ୍ୱର, ୨୦।୧୧:** ଆସନ୍ତା ମାସ ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରରେ ପହଞ୍ଚିବେ। ନୂଆଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ୩ ତାରିଖରେ ସେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ଅବତରଣ କରିବେ ବୋଲି ତାଙ୍କ ଗସ୍ତ ସୂଚୀରୁ ଜଣାପଡ଼ିଛି। ୩ରୁ ୭ ତାରିଖ ଯାଏ ସେ ଓଡ଼ିଶା ଗସ୍ତରେ ରହିବେ। ୪ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନେଭି ଡେ କାର୍ଯ୍ୟକ୍ରମରେ ଯୋଗ ଦେବେ। ୫ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱର କୋର୍ଟର ନୂଆ ବିଲ୍ଡିଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

୩ରୁ ୭ ତାରିଖ ଯାଏ ସେ ଓଡ଼ିଶା ଗସ୍ତରେ ରହିବେ। ୪ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନେଭି ଡେ କାର୍ଯ୍ୟକ୍ରମରେ ଯୋଗ ଦେବେ। ୫ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱର କୋର୍ଟର ନୂଆ ବିଲ୍ଡିଂ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଭାରତର ରାଷ୍ଟ୍ରପତି ଡିସେମ୍ବର ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗସ୍ତରେ ଆସିବେ ରାଷ୍ଟ୍ରପତି

### ୭ ଯାଏ ରହିବେ

ଦ୍ରୌପଦୀ ମୁର୍ମୁ। କାର୍ଯ୍ୟକ୍ରମ ସୂଚନା ଅନୁସାରେ, ଭୁବନେଶ୍ୱର ଓ ପୁରୀରେ ବିଭିନ୍ନ କାର୍ଯ୍ୟକ୍ରମରେ ୩ ଦିନ ଧରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଯୋଗଦେବା ପରେ ୬ ତାରିଖରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ବିମାନ ଯୋଗେ ପଶ୍ଚିମବଙ୍ଗରେ ଥିବା ପ୍ରତିରକ୍ଷା ବିଭାଗ କଲେଇକୁଣ୍ଡା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ୍ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡ୍ରେ ଅବତରଣ କରି ସଡ଼କ ପଥରେ ନିଜ ଜନ୍ମମାଟି ଉପରବେଡ଼ା ଗାଁକୁ ଯିବେ।

# ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ

- ଡିଜିଏମ୍ ଅଫିସ୍ ଯାଉଥିବାବେଳେ ଗାଡ଼ି ଭଙ୍ଗାରୁଜା କଲେ ଆକ୍ରମଣକାରୀ
- ଅଳ୍ପକେ ବର୍ତ୍ତିଲେ ବିଧାୟକ ହିମାଂଶୁ
- ଆକ୍ରମଣ ପଛରେ ପ୍ରଣବ ପ୍ରକାଶଙ୍କ ହାତ ଥିବାର ଅଭିଯୋଗ ଆଣିଲେ

**ଯାଜପୁର, ୨୦।୧୧:** ଯାଜପୁରରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସମର୍ଥକମାନେ ତାଙ୍କୁ ଆକ୍ରମଣ କରିଥିବା କହିଛନ୍ତି ନିଜେ ବିଧାୟକ ଶ୍ରୀ ସାହୁ। ଡିଡିଏମ୍‌ଙ୍କ ଅଫିସକୁ ମିଟିଂ ପାଇଁ ଯିବା ବେଳେ ଯାଜପୁର ବୁଢ଼ାପୋଲ ନିକଟରେ ବିଧାୟକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି।

ବିଧାୟକ ଶ୍ରୀ ସାହୁ କହିଛନ୍ତି, କିଛି ଲୋକ ରାସ୍ତାରୋକ କରିଥିଲେ। ରାସ୍ତା ବନ୍ଦ ଥିବାରୁ ମୋ ଗାଡ଼ି ସେଠାରେ ଅଟକି ଥିଲା। ରାସ୍ତା ବନ୍ଦ ଥିବାରୁ ମୋ ଗାଡ଼ି ସେଠାରେ ଅଟକି ଥିଲା। ସେମାନେ ମୋ ଗାଡ଼ିକୁ ରଡ୍ ଓ ଠେଙ୍ଗାରେ ପିଟିଥିଲେ। ଗାଡ଼ିରେ ମୋତେ ଦେଖି ମୋ ଆଡ଼କୁ ମାଡ଼ି ଆସିଥିଲେ। ମୋତେ ପିଟି, ମୋ ଚେନ୍ ଛଡ଼ାଇ ନେଇଥିଲେ। ବବି ଭାଇ ଜିନ୍ଦାବାଦ୍ କହି ମୋତେ ସେମାନେ ଆକ୍ରମଣ କରିଥିଲେ। ତୁରନ୍ତ ଏଠୁ ପଳା, ନହେଲେ ମାରିଦେବୁ ବୋଲି ସେମାନେ କହିଥିଲେ।




ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବିଜେପି କର୍ମୀ ଓ ସମର୍ଥକମାନେ ସେଠାରେ ପହଞ୍ଚିଛନ୍ତି। ସେମାନେ ବିଧାୟକଙ୍କ ଗାଡ଼ିକୁ ଘେରି ରହିଛନ୍ତି। ପୁଲିସ ସେଠାରେ ଉପସ୍ଥିତ ଅଛି। ପୁଲିସ ଘଟଣାର ତଦନ୍ତ କରାଯାଉଛି।

ବିଧାୟକ ହିମାଂଶୁ ସାହୁ ରାସ୍ତାରେ ଅଟକି ରହିଛନ୍ତି। ସେ ଘଟଣାସ୍ଥଳ ଛାଡ଼ି ନାହାନ୍ତି। କାହିଁକି ତାଙ୍କ ଉପରକୁ ଆକ୍ରମଣ ହେଲା ବୋଲି ସେ ପ୍ରଶ୍ନ କରିବା ସହିତ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ରାସ୍ତାରୁ ସେମାନେ ହଟିବେ ନାହିଁ କହିଛନ୍ତି ବିଜେପି କର୍ମୀ ଓ ସମର୍ଥକ ।

ଅନ୍ୟପକ୍ଷରେ ଧର୍ମଶାଳା ବିଧାୟକ ବାରମ୍ବାର ବିରଜା ପ୍ରକଳ୍ପ ଓ ଯାଜପୁରକୁ ନେଇ ଜାଣିଶୁଣି ଆକ୍ଷେପ କରି କହୁଥିବାରୁ ଆଜି ଏହି ଘଟଣା ଘଟିଲା ବୋଲି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ତାଙ୍କ ଭାଇ ଲଲ କହିଛନ୍ତି। ତେବେ ବିଜେଡି ହିଂସାକୁ ପ୍ରଶୟ ଦିଏ ନାହିଁ ଓ ଏହି ଘଟଣାକୁ ସେ ନିନ୍ଦା କରୁଥିବା କହିଛନ୍ତି ବବି ଦାସ। ଏହା ସହିତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପ୍ରଶାସନକୁ କହିଥିବା ତଥା ତାଙ୍କ ପକ୍ଷରୁ ସମସ୍ତ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମରେ କହିଛନ୍ତି ବବି।

## ଫେବ୍ରୁଆରୀ ୧୮ରୁ +୨ ପରୀକ୍ଷା

**ଭୁବନେଶ୍ୱର, ୨୦।୧୧:** ଯୁକ୍ତ ୨ ପରୀକ୍ଷା ନେଇ କାର୍ଯ୍ୟସୂଚୀ ପ୍ରକାଶ କରିଛି ସିଏଚଏସଇ । ଫେବ୍ରୁଆରୀ ୧୮ରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା । ଫେବ୍ରୁଆରୀ ୧୮ରୁ ମାର୍ଚ୍ଚ ୨୭ ଯାଏଁ ଚାଲିବ ପରୀକ୍ଷା । କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ପତ୍ରବିନିମୟ ପରୀକ୍ଷା । ୧୮ ତାରିଖରେ ବିଜ୍ଞାନ ବିଭାଗର ଏମ୍ଆଇଏଲ୍ ଓଡ଼ିଆ ପରୀକ୍ଷା ହେବ । ସେହିପରି ୧୯ରେ କଳା ଓ ବାଣିଜ୍ୟ ପିଲାଙ୍କ ଏମ୍ଆଇଏଲ୍ ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ ।

## ୨୪ରେ ଆସିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୨୦।୧୧:** ବାତ୍ୟା ଦାନା କ୍ଷତି ଆକଳନ ପାଇଁ ଆସିବେ କେନ୍ଦ୍ରୀୟ ଟିମ୍ । ଆସନ୍ତା ୨୪ ତାରିଖରେ ଟିମ୍ ପହଂଚିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଟିମ୍ ରହିବେ । ଗୃହ ମନ୍ତ୍ରାଳୟ ଯୁଗ୍ମ ସଚିବ ପି.କେ ରାୟଙ୍କ ନେତୃତ୍ୱରେ ଆସିବ ଟିମ୍ । ୭ ଜଣିଆ ଟିମ୍ ଆସିବେ, କ୍ଷତିଗ୍ରସ୍ତ ଜିଲ୍ଲା ଗସ୍ତ କରିବେ ।୨୫ରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଯିବ ଟିମ୍ ।

**ବାତ୍ୟା ଦାନା କ୍ଷୟକ୍ଷତି ଆକଳନ**

| | |
|---|---|
| ସେନ୍‌ସେକ୍ସ | ୭୭,୫୭୮ |
| ନିଫ୍ଟି | ୨୩,୫୧୮ |
| ସୁନା/୧୦ଗ୍ରା | ୭୭,୯୬୫ |
| ରୂପା/କିଗ୍ରା | ୭୯,୫୦୦ |
| ଡଲାର | ୮୪.୩୭ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୦.୦° |
| କଟକ: | ୨୭.୯° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୬.୦° |
| କଟକ: | ୧୬.୦° |

### ହାଲ୍‌ଚାଲ୍



ରାଜ୍ୟରେ ଖୋଲିଲା ଧାନମଣ୍ଡି
ସଂଗ୍ରହ ଆରମ୍ଭ ହୋଇଲା
ଯୋଗାଣ ମନ୍ତ୍ରୀ ଉଦ୍‌ଘାଟନ କଲେ
ଚାଷୀଙ୍କ ଉତ୍ସବ ପାଳିଲା
କଳାବଜାରୀ ରୋକିବାକୁ ନଜର
ପାଟ୍ରୋଲିଂ ବ୍ୟବସ୍ଥା କରାଗଲା ।

# ରାଜ୍ୟରେ ଖୋଲିଲା ଧାନ ମଣ୍ଡି

- କୃଷକଙ୍କ ଉନ୍ନତିକୁ ଲୋକଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି : ମୁଖ୍ୟମନ୍ତ୍ରୀ
- ଚାଷୀଙ୍କ ପାଇଁ ଉତ୍ସବର ଦିନ : ଯୋଗାଣ ମନ୍ତ୍ରୀ

**ବରଗଡ଼, ୨୦।୧୧:** ରାଜ୍ୟରେ ଆଜିଠୁ ଖୋଲିଲା ଧାନ ମଣ୍ଡି । ବରଗଡ଼ରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି।

ଚଳିତ ବର୍ଷ ମୋହନ ମାଝୀ ସରକାର ଅମଳରେ କଟନୀ ଛଟନୀ ସମସ୍ୟା ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କ୍ୱିଣ୍ଟାଲ ପ୍ରତି ଚାଷୀ ୩୧ ଶହ ଟଙ୍କା ପାଇବେ । ଏଥିସହ ଧାନର କଳାବଜାରୀ ରୋକିବାକୁ ସୀମା ସିଲ୍ କରାଯିବ ।

ବରଗଡ଼ କଳାପାଣି ମଣ୍ଡିରେ ଆଜି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଯୋଗାଣ ମନ୍ତ୍ରୀ । ବରଗଡ଼ ଅତାବିରା ସମେତ ସମୁଦାୟ ୩ଟି ସ୍ଥାନରେ ମନ୍ତ୍ରୀ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି । ଆସନ୍ତା କାଲିଠୁ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ ହେବ ।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆଜିର ଦିନ ହେଉଛି ଚାଷୀଙ୍କ ପାଇଁ ଉତ୍ସବର ଦିନ । ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତ ହାଣ୍ଡି। ତେଣୁ ଏହିଠାରୁ ମଣ୍ଡି ଖୋଲିବାର ଶୁଭାରମ୍ଭ କରାଗଲା। ଆସନ୍ତା କାଲିଠୁ ଅନ୍ୟ ଜିଲ୍ଲାମାନଙ୍କରେ ମଣ୍ଡିରେ ଧାନ କିଣା ଆରମ୍ଭ ହେବ । ଆମ ସରକାର ଦେଇଥିବା କଥା ରଖିଲା। ସୀମା ସିଲ୍ କରାଯିବାର ବ୍ୟବସ୍ଥା କରାଯାଇଛି। ସୀମାରେ ସିସିଟିଭି ଲଗାଯାଇଛି। ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟର ଧାନ ଆମ ରାଜ୍ୟରେ ପଶିବନି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ମଣ୍ଡିରେ ଚାଷୀଙ୍କ ପାଇଁ ଖାଇବା, ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପଲିଥିନ ବ୍ୟବସ୍ଥା ବି କରାଯାଇଛି। ବାହାର ରାଜ୍ୟର ଧାନ କିପରି ଆମ ରାଜ୍ୟରେ ପ୍ରବେଶ ନ କରିବ ତାହାର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲ୍ଲାରେ ବିଜେପି କର୍ମୀ ବି ସଜାଗ ଅଛନ୍ତି। ଧାନର ଯେପରି କଳା ବଜାରୀ ନ ହେବ କି ଚୋରା କାରବାର ନ ହେବ ତା' ଉପରେ ତୀକ୍ଷଣ ଦୃଷ୍ଟି ରଖାଯାଇଛି।

ତେବେ ଏଥର ଯେପରି ଧାନର କଳାବଜାରୀ ନ ହୁଏ ତା' ଉପରେ କଡ଼ା ନଜର ରଖାଯାଇଛି। ଧାନ କିଣାରୁ ବିକ୍ରି ପର୍ଯ୍ୟନ୍ତ ମଣ୍ଡିରେ ଅଫିସର ଜଗିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ୪ରୁ ୫ଟି ମଣ୍ଡିକୁ ନେଇ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ଓ ଦଲାଲମାନେ ଯେପରି ମଣ୍ଡିକୁ ନ ଆସିବେ ସେଥିପାଇଁ ପାଟ୍ରୋଲିଂ କରାଯିବ। ୮୦୦ ଟଙ୍କା ସବସିଡି ପାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

## ନିଜ ଆଡୁ ଜନସ୍ୱାର୍ଥ ମାମଲା ଦାୟର କଲେ ହାଇକୋର୍ଟ

- ବିଦ୍ୟୁତ ଆଘାତରେ ୩ ହାତୀ ମୃତ୍ୟୁ ଘଟଣା

**କଟକ, ୨୦।୧୧:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ରେଞ୍ଜ ବୁରମାଲ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ୩ ହାତୀ ମୃତ୍ୟୁ ଘଟଣାକୁ ନେଇ ନିଜ ଆଡୁ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ହାଇକୋର୍ଟ। ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିବା ସହ ହାଇକୋର୍ଟ ଆସନ୍ତା ମଙ୍ଗଳବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ ବୋଲି ଜଣାପଡିଛି।

ସେପଟେ ଏକସଙ୍ଗରେ ୩ଟି ହାତୀଙ୍କ ମୃତ୍ୟୁ ରାଜ୍ୟ ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତି ସପ୍ତାହରେ ଓଡ଼ିଶାରେ ମରୁଛନ୍ତି ଏକାଧିକ ହାତୀ। ବୟସାଧିକ୍ୟ, ରୋଗ ବା ନିଜ ନିଜ ମଧ୍ୟରେ ସଂଘର୍ଷ ଯୋଗୁଁ ମୃତ୍ୟୁ ସଂଖ୍ୟା ଯଥେଷ୍ଟ କମ୍ ଥିବାବେଳେ ବିଦ୍ୟୁତ୍ ଆଘାତ, ଟ୍ରେନ୍ ଧକ୍କା ଓ ଶିକାରୀ ଗୁଳିରେ ଅଧିକ ସଂଖ୍ୟକ ହାତୀ ମୃତ୍ୟୁବରଣ କରୁଛନ୍ତି। ମାତ୍ର ଏ କ୍ଷେତ୍ରରେ ସରକାର କଡ଼ା



କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ନିଦାବିଷ୍ଟ ସାଜିବା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ହାତୀ ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଓ ବିଭାଗୀୟ କର୍ମଚାରୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରି ସରକାର ହାତୀ ହତ୍ୟାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷେର ଏହି ଘଟଣାର ତଦନ୍ତ ପରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗର ତ୍ରୁଟି ଥିବା ସମ୍ବଲପୁର ଆର୍‌ସିସିଏଫ୍ ଟି. ଅଶୋକ କୁମାର କହିଛନ୍ତି। ବିଦ୍ୟୁତ୍ ଚୋରିକୁ ଅନୁଧ୍ୟାନ କରିବା ଶକ୍ତି ବିଭାଗର କାମ ହୋଇଥିଲେ ସୁଦ୍ଧା ସେମାନେ ସଠିକ୍ ଭାବ କାର୍ଯ୍ୟ କରୁ ନାହାନ୍ତି।

## ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ପାଇଁ ଉଚ୍ଚସ୍ତରୀୟ କମିଟି ଗଠିତ

**ନୂଆଦିଲ୍ଲୀ, ୨୦।୧୧:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଅଧ୍ୟକ୍ଷ ଥିବାବେଳେ ଅନ୍ୟ ୨୩ଜଣ ସଦସ୍ୟ ଅଛନ୍ତି। ରାଜ୍ୟର ଅବସରପ୍ରାପ୍ତ ପ୍ରଶାସକଙ୍କ ସମେତ ପ୍ରତିଷ୍ଠିତ ସାହିତ୍ୟିକ ଓ ରାଜନେତାମାନେ ଏହି କମିଟିରେ ସ୍ଥାନ ପାଇଛନ୍ତି।

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସ୍ୱର୍ଗତ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ଭାରତ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଏକ୍ସ-ଅଫିସୋ ସଦସ୍ୟ ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ,କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ,



- କେନ୍ଦ୍ର ସରକାର ଗଢ଼ିଲେ କମିଟି
- ଶାହ ଅଧ୍ୟକ୍ଷ, ୨୩ଜଣ ସଦସ୍ୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ, ପ୍ରଧାନମନ୍ତ୍ରୀ ମ୍ୟୁଜିୟମ ଓ ଲାଇବ୍ରେରୀ ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର, ସରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏକ୍ସ-ଅଫିସୋ ସଦସ୍ୟ ଓ ସଂସ୍କୃତି ସଚିବ ଅରୁନିଶ୍ ଚାୱ୍ଲା କମିଟିର ସଦସ୍ୟ ସଚିବ ଅଛନ୍ତି।

କମିଟିରେ ସଦସ୍ୟ ଭାବେ ବିଜେପି ନେତା ମନମୋହନ ସାମଲ, ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଓ ସପନ ଦାସଗୁପ୍ତାଙ୍କ ସମେତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଅର୍ଥନୀତିକ ଉପଦେଷ୍ଟା ପରିଷଦର ସଦସ୍ୟ ସଞ୍ଜିବ ସାନ୍ୟାଲ, ଜାତୀୟ ଐତିହ୍ୟ ପ୍ରାଧିକରଣ ଅଧ୍ୟକ୍ଷ ପ୍ରଫେସର କିଶୋର ବାସା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଲୋକ କୁମାର ରାଏ, ଅବସରପ୍ରାପ୍ତ ଆଇଏଏସ୍ ଯୁଗଳ କିଶୋର ମହାପାତ୍ର, ଅବସରପ୍ରାପ୍ତ ଆଇଏଫଏସ୍ ଲଳିତ ମାନସିଂ, ଅବସରପ୍ରାପ୍ତ ଆଇଆରଏସ୍ ସିଦ୍ଧାର୍ଥ ପ୍ରଧାନ, ଓଡ଼ିଆ ଲେଖିକା ଡଃ ପ୍ରତିଭା ରାୟ, ଗୌରହରି ଦାସ, ଡଃ ରାଜେନ୍ଦ୍ର କିଶୋର ପଣ୍ଡା, ଡଃ ହରପ୍ରସାଦ ଦାସ ଓ ଓଡ଼ିଆ ଲେଖକ ତରୁଣକାନ୍ତି ମିଶ୍ର(ପୂର୍ବତନ ମୁଖ୍ୟ ସଚିବ)ଙ୍କୁ ଏହି କମିଟିର ସଦସ୍ୟ ଭାବେ ସାମିଲ କରାଯାଇଛି।

## ଏନଡିଏ ଆଗୁଆ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା

**ନୂଆଦିଲ୍ଲୀ, ୨୦।୧୧:** ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଶେଷ ହୋଇଛି। ଭୋଟ ଶେଷ ହେବା ମାତ୍ରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ୍‌ଜିଟ୍

### ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ନିର୍ବାଚନର ବୁଥ୍‌ବାହୁଡ଼ା ମତ

ପୋଲ୍ ଫଳାଫଳ ମଧ୍ୟ ସାମ୍ନାକୁ ଆସିଛି । ଏନଡିଏ ଆଗୁଆ ରହିଥିବାବେଳେ ଇଣ୍ଡିଆ ମେଣ୍ଟକୁ ବଡ଼ ଝଟ୍‌କା ଲାଗିବ ବୋଲି ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଛି।

ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ର ଆକଳନ ଅନୁସାରେ ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏର ସହଯୋଗୀ ମହାୟୁତି ପୁଣି ସରକାର ଗଠନ କରିବ। ସେହିପରି ଝାଡ଼ଖଣ୍ଡରେ ବିଜେପି ମେଣ୍ଟ ସଫଳତା




ହାସଲ କରିବ।

ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ମଧ୍ୟରୁ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୧୪୫। ମାଟ୍ରିଜ କରିଥିବା ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ମହାରାଷ୍ଟ୍ରରେ ୧୫୦-୧୭୦ଟି ଆସନ ଜିତିବ। ସେହିପରି କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନସିପି ମିଳିତ ଭାବେ ଗଠନ କରିଥିବା ମହା ବିକାଶ ଅଘାଡ଼ି ୧୧୦ରୁ ୧୩୦ ଓ ଅନ୍ୟାନ୍ୟ ଦଳ ୮ରୁ ୧୦ଟି ଆସନ ଜିତିବେ।

ମାଟ୍ରିଜ ଅନୁସାରେ ମହାରାଷ୍ଟ୍ରରେ ବିଜେପି ଏକାକୀ ୮୯ରୁ ୧୦୧, କଂଗ୍ରେସ ୩୯ରୁ ୪୭, ଶିବସେନା ୩୭ରୁ ୪୫, ଏନସିପି(ଶରଦ ପାୱାର) ୩୫ରୁ ୪୩, ଶିବସେନା (ଉଦ୍ଧବ ଠାକରେ) ୨୧ରୁ ୨୯ ଓ ଏନସିପି(ଅଜିତ ପାୱାର) ୧୭ରୁ ୨୬ଟି ଆସନ ଜିତିବ।

ପି-ଏମଆରକ୍ୟୁ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ଯେ ବିଜେପି ମେଣ୍ଟ ୧୩୭ରୁ ୧୫୭, ଏମଭିଏ ୧୨୬ରୁ ୧୪୬ ଓ ଅନ୍ୟାନ୍ୟ ଦଳ ୨ରୁ ୮ ଆସନ ଜିତିବେ।

ପିପୁଲ୍ସ ପ୍ଲସ ଏକ୍‌ଜିଟ୍ ପୋଲ୍ ଅନୁସାରେ ମହାରାଷ୍ଟ୍ରରେ ବିଜେପି ମେଣ୍ଟ ୧୭୫ରୁ ୧୯୫, ଏମଭିଏ ୮୫ରୁ ୧୧୨ ଓ ଅନ୍ୟାନ୍ୟ ଦଳ ୭ରୁ ୧୨ଟି ଆସନ ପାଇବେ।

ଚାଣକ୍ୟ ଷ୍ଟ୍ରାଟେଟିଜ୍ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି ମହାରାଷ୍ଟ୍ରରେ ମହାୟୁତି ସରକାରକୁ ଫେରିବ। ଭାଜପା ସହଯୋଗୀ ଦଳ ୧୫୨ ରୁ ୧୬୦ ଆସନ ପାଇବେ। କଂଗ୍ରେସ ମିଳିତ ଇଣ୍ଡିଆ ମେଣ୍ଟ ୧୩୦ ରୁ ୧୩୮ ଆସନ ପାଇବ।

ସେହିପରି ଝାଡ଼ଖଣ୍ଡରେ ଏନଡିଏ ଆଗୁଆ ରହିଥିବା ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଛି। ମାଟ୍ରିଜ୍ ଏକ୍‌ଜିଟ୍ ପୋଲ୍‌ରେ ଝାଡ଼ଖଣ୍ଡରେ ଭାଜପା ନେତୃତ୍ୱାଧୀନ ଏନଡିଏକୁ ୪୨ରୁ ୪୭ଟି ଆସନ ମିଳିବ। ସେହିପରି ଇଣ୍ଡିଆ ମେଣ୍ଟକୁ ୨୫ରୁ ୩୦ ଆସନ ମିଳିବ। ଅନ୍ୟାନ୍ୟ ଦଳ ୧ରୁ ୪ଟି ମଧ୍ୟରେ ଆସନ ପାଇବେ ବୋଲି ଦର୍ଶାଯାଇଛି ।

## ୨୪ଘଣ୍ଟା ଖୋଲା ରହିବ 'ନିରାମୟ'

**ଭୁବନେଶ୍ୱର, ୨୦।୧୧:** ରୋଗୀଙ୍କ ସୁବିଧା ପାଇଁ ରାଜ୍ୟର ସମସ୍ତ 'ନିରାମୟ' ମେଡିସିନ୍ ଷ୍ଟୋର ୨୪ଘଣ୍ଟା ଖୋଲା ରହିବ। ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିରାମୟ ମେଡିସିନ୍ ଷ୍ଟୋରରେ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକୀୟ ଔଷଧ ଗଚ୍ଛିତ ରହୁଛି କି ନାହିଁ। ଏସବୁ ପାଇଁ ସ୍କ୍ୱାର୍ଡ ଗଠନ କରାଯାଇଛି ଓ ସେମାନେ ଏହା ତଦାରଖ କରିବେ। ରାଜ୍ୟ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଓଡ଼ିଶା ରାଜ୍ୟ ଔଷଧ ନିଗମର ସମୀକ୍ଷାବେଳେ ଏହି ନିର୍ଦ୍ଦେଶ ଦେଇଛନ୍ତି।

**ବନ୍ଦ କଲେ କାର୍ଯ୍ୟାନୁଷ୍ଠାନ**

ସୂଚନା ଅନୁସାରେ, ରାଜ୍ୟ ସରକାର ରୋଗୀଙ୍କୁ ମାଗଣାରେ ସମସ୍ତ 'ନିରାମୟ' ମେଡିସିନ୍ ଷ୍ଟୋରରେ ଔଷଧ ଯୋଗାଉଛନ୍ତି। କିନ୍ତୁ ଏହି ନିରାମୟ କେନ୍ଦ୍ରଗୁଡ଼ିକ ରାତିରେ ବନ୍ଦ ରହୁଥିବା ଓ ଆବଶ୍ୟକ ଔଷଧ ନଥିବା ଯୋଗୁ ରୋଗୀଙ୍କୁ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଜି ଓଡ଼ିଶା ଔଷଧ ନିଗମର ସମୀକ୍ଷା ବେଳେ ମନ୍ତ୍ରୀ ଶ୍ରୀ ମହାପାତ୍ର ରୋଗୀଙ୍କୁ ସମସ୍ତ ନିରାମୟ କେନ୍ଦ୍ରରେ ୨୪ଘଣ୍ଟିଆ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ଠିକ୍ ସମୟରେ ଅତ୍ୟାବଶ୍ୟକ ଔଷଧ ଓ ମେଡିକାଲ ଉପକରଣ ଯୋଗାଇବାକୁ ସୁନିଶ୍ଚିତ କରିବାକୁ ମଧ୍ୟ ସେ ତାଗିଦ୍ କରିଛନ୍ତି। ନିରାମୟ ମେଡିସିନ୍ ଷ୍ଟୋରଗୁଡ଼ିକ ୨୪ଘଣ୍ଟା ଖୋଲା ରହୁଛି କି ନାହିଁ ତାହା ତଦାରଖ କରିବାକୁ ସ୍କ୍ୱାର୍ଡ ଗଠନ କରାଯାଇଛି। ଏହି ନିର୍ଦ୍ଦେଶର ଉଲ୍ଲଂଘନ ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୬ ଦୁଷ୍କର୍ମକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**କଳାହାଣ୍ଡି, ୨୦।୧୧:** କଳାହାଣ୍ଡି ଜିଲ୍ଲାର ବହୁ ଚର୍ଚ୍ଚିତ ଜାରିଂ ଗଣଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି। ୬ ଅଭିଯୁକ୍ତଙ୍କୁ ଦୋଷୀ ପ୍ରମାଣିତ କରି ସେମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ।

ଘଟଣାଟି ୨୦୧୯ ମସିହା ସେପ୍ଟେମ୍ବର ମାସ ୧୪ ତାରିଖରେ ଘଟିଥିଲା। ପୀଡ଼ିତା ତାଙ୍କର ବ୍ୟକ୍ତିଗତ କାମରେ ଭବାନୀପାଟଣା ଯାଇଥିଲେ। ସେଠାରେ କାମ ସାରି ଘରକୁ ଫେରିବା ପାଇଁ ଦିନ ପ୍ରାୟ ଗୋଟାଏ ବେଳେ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ଲଳିନ୍ଦ୍ର ଶବର ସେଠାରେ ପହଞ୍ଚିଥିଲେ। ଲଳିନ୍ଦ୍ରଙ୍କୁ ପୀଡ଼ିତା ପୂର୍ବରୁ ଜାଣିଥିଲେ। ଲଳିନ୍ଦ୍ର ତାଙ୍କୁ ବାଇକ୍‌ରେ ନେଇ ଘରେ ଛାଡ଼ିଦେବେ

### ଜାରିଂ ଗଣଦୁଷ୍କର୍ମ ମାମଲା
### ଲିଫ୍ଟ ବାହାନାରେ ଧୋକା ଦେଇଥିଲେ ପରିଚିତ ବ୍ୟକ୍ତି

ବୋଲି କହିଥିଲେ। ଜଣାଶୁଣା ହୋଇଥିବାରୁ ଲଳିନ୍ଦ୍ରଙ୍କ ପ୍ରସ୍ତାବରେ ହିଁ ମାରିଥିଲେ ପୀଡ଼ିତ ଓ ତାଙ୍କ ସହିତ ବାଇକ୍‌ରେ ଯାଇଥିଲେ।



ଜାରିଂ ପାଖରେ ଲଳିନ୍ଦ୍ର ଶବର ଗାଡ଼ିର ବେଗ ମନ୍ଥର କରି ଦେଇଥିଲେ ଓ ପରେ ଗୋଟିଏ ସ୍ଥାନରେ ଅଟକି ଯାଇଥିଲେ। ସେତେବେଳେ ଅନ୍ୟ ଦୋଷୀମାନେ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଜବରଦସ୍ତି ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ସେମାନେ ପୀଡ଼ିତାଙ୍କୁ ଛୁରୀ ଦେଖାଇ ଦୁଷ୍କର୍ମ କରିଥିଲେ। ତା'ସହିତ ତାଙ୍କୁ ମାଡ଼ ମାରିଥିଲେ। ଦୁଷ୍କର୍ମ ବେଳେ ମୋବାଇଲ ଫୋନ୍‌ରେ ଭିଡିଓ ଉତ୍ତୋଳନ କରାଯାଇଥିଲା। ଉକ୍ତ ଭିଡିଓକୁ ସୋଶାଲ ମିଡିଆରେ ଭାଇରାଲ କରାଯାଇଥିଲା।

ଘଟଣା ଘଟିବାର ପ୍ରାୟ ୧୦ ଦିନ ପରେ ପୀଡ଼ିତା ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍‌କାଳୀନ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଘଟଣାର ତଦନ୍ତ କରି ଜଣେ ନାବାଳକଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିଲା। ସେହିପରି ଗଣ ଦୁଷ୍କର୍ମର ଭିଡିଓ ଭାଇରାଲ କରିବା ଅଭିଯୋଗରେ ଆଉ ୩ ଜଣଙ୍କୁ ଗିରଫ କରିଥିଲା।

## ହ୍ୟାଲୋ ବଲିଉଡ୍



### 'ୱାର୍-୨'ରେ ନଜର ଆସିବେ ଶ୍ରଦ୍ଧା !

'ସ୍ତ୍ରୀ-୨'ର ସଫଳତା ପରଠୁ ଦର୍ଶକ ଉତ୍ସାହର ସହ ଶ୍ରଦ୍ଧା କପୁରଙ୍କ ଅପ୍‌କମିଙ୍ଗ୍ ପ୍ରୋଜେକ୍ଟକୁ ଅପେକ୍ଷା କରିଛନ୍ତି । ଶ୍ରଦ୍ଧା ଅଦ୍ୟାବଧି ଏ ବିଷୟରେ ଘୋଷଣା କରିନାହାନ୍ତି, କିନ୍ତୁ ଇଣ୍ଟର୍‌ନେଟ୍‌ରେ ତାଙ୍କୁ ନେଇ ଅନେକ ଗୁଜବ ଚର୍ଚ୍ଚା ହେଉଛି । ଗୋଟିଏ ରିପୋର୍ଟ ଅନୁସାରେ, 'ପୁଷ୍ପା-୨' ନିର୍ମାତା ଶ୍ରଦ୍ଧାଙ୍କୁ ଅଲ୍ଲୁଙ୍କ ଅପୋଜିଟ୍‌ରେ ଏକ ଗୀତରେ ପ୍ରଦର୍ଶନର ଅଫର୍ ଦେଇଥିଲେ । କିନ୍ତୁ ପାରିଶ୍ରମିକ ଉପରେ କଥା ଅଟକିଗଲା । ଶେଷରେ ସାଉଥ୍ ନାୟିକା ଶ୍ରୀଲୀଲାଙ୍କୁ ସାଇନ୍ କରାଗଲା । ଏବେ ଶ୍ରଦ୍ଧାଙ୍କ ହାତରେ ଆଉ ଏକ ସିକ୍ୱେଲ ରହିଥିବା ଚର୍ଚ୍ଚା ହେଉଛି । ସୋସିଆଲ ମିଡିଆରେ ପ୍ରସାରିତ ଖବର ଅନୁସାରେ, ବଲିଉଡ୍ ଷ୍ଟାର୍ ଋତ୍ୱିକ ରୋଶନ ଓ ତେଲୁଗୁ ସୁପର୍‌ଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ୱାର୍-୨'ରେ ସେ ନଜର ଆସିପାରନ୍ତି । ତେବେ ସେ ଫିଲ୍ମରେ ଫିମେଲ ଲିଡ୍ ହେବେ ନାହିଁ । ଏକ ଗୀତରେ ଉଭୟ ଋତ୍ୱିକ ଓ ଏନ୍‌ଟିଆର୍‌ଙ୍କ ସହ ନୃତ୍ୟ କରିବେ । ଆୟାନ ମୁଖର୍ଜୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ୱାର୍-୨' ଆସନ୍ତା ବର୍ଷ ଅଗଷ୍ଟ ୧୪ ତାରିଖରେ ଥିଏଟରକୁ ଆସିବ । ୟଶରାଜ୍ ଫିଲ୍ମସ ସ୍ପାଇ ୟୁନିଭର୍ସର ଏହି ଆକ୍ସନ୍- ଥ୍ରିଲର୍‌ରେ ଋତ୍ୱିକଙ୍କ ଅପୋଜିଟ୍‌ରେ ନଜର ଆସିବେ କିଆରା ଆଡ୍‌ଭାନି । ଜୁନିଅର ଏନ୍‌ଟିଆର୍ ନେଗେଟିଭ୍ ରୋଲ୍ ପ୍ଲେ କରିବେ ।

କଲବଲ କରୁଛି ପ୍ରଦୂଷଣ

# ୱାର୍କ ଫ୍ରମ୍ ହୋମ୍ ଲାଗୁ, ଅଫିସ୍ ଆସିବେ ୫୦% କର୍ମଚାରୀ

**ନୂଆଦିଲ୍ଲୀ:** କଲବଲ କରୁଛି ପ୍ରଦୂଷଣ । ବିଷ ପାଲଟି ଗଲାଣି ବାୟୁ । ଧୂଳି ଓ ଧୂଆଁର ମୋଟା ଚାଦର ତଳେ ରାଜଧାନୀ ଦିଲ୍ଲୀ । ପ୍ରଦୂଷଣ ଲାଗି ଘରୁ ବାହାରିବା ହୋଇପଡିଛି ମୁସ୍କିଲ । ଦିନକୁ ଦିନ ସାଙ୍ଘାତିକ ହେବାରେ ଲାଗିଛି ସ୍ଥିତି । ବାୟୁର ଗୁଣବତ୍ତା ୫୦୦ ପାର୍

**ଥଣ୍ଡା ଯେତିକି ବଢୁଛି ବାୟୁ ସେତେ ବିଷାକ୍ତ ହେଉଛି**



କରିଛି । ଥଣ୍ଡା ଯେତିକି ବଢୁଛି ସେହି ହିସାବରେ ଦିଲ୍ଲୀର ବାୟୁ ବିଷାକ୍ତ ହୋଇ ଚାଲିଛି । ବିଷାକ୍ତ ବାୟୁ ଯୋଗୁ ଲେକଙ୍କ ସ୍ୱାସ୍ଥ୍ୟ ମଧ ଖରାପ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଏବେ ସରକାରୀ କର୍ମଚାରୀଙ୍କୁ ଘରକୁ କାମ କରୁବାକୁ ଦିଲ୍ଲୀ ସରକାର କହିଛନ୍ତି ।

ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ହେତୁ ଲୋକଙ୍କ ନିଶ୍ୱାସ ନେବା କଷ୍ଟକର ହୋଇପଡିଛି । ସହରର ଜଳବାୟୁ ବିଷାକ୍ତ ହୋଇଥିବାର ଦେଖି ଦିଲ୍ଲୀ ସରକାର ବର୍ତ୍ତମାନ ଘରୁ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ପ୍ରଦୂଷଣକୁ ହ୍ରାସ କରିବା ପାଇଁ ସରକାରୀ ଅଫିସଗୁଡିକରେ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର । ୫୦% କର୍ମଚାରୀ ଘରୁ କାମ କରିବେ ।

କହିରଖୁ, ପୂର୍ବରୁ ଘରୋଇ କମ୍ପାନୀର କର୍ମଚାରୀଙ୍କୁ ମଧ ଘରୁ କାମ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ସେପଟେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏନ୍‌ସିଆର୍‌ରେ ସମସ୍ତ ସ୍କୁଲ କଲେଜ ମଧ ମଧ ରହିଛି । ଅନ୍‌ଲାଇନ୍ କ୍ଲାସ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ପରାମର୍ଶ ଦିଆଯାଇଛି । ଦିଲ୍ଲୀରେ ବିଷାକ୍ତ ବାୟୁ ଯୋଗୁ ଲେକଙ୍କ ସ୍ୱାସ୍ଥ୍ୟ ମଧ ଖରାପ ହେବାରେ ଲାଗିଛି । ଏଥିପାଇଁ ହନ୍ତସନ୍ତ ହେଉଛନ୍ତି ଦିଲ୍ଲୀବାସୀ । ଆଖିପୋଡିବା ସହ ନିଶ୍ୱାସ ନେବା କଷ୍ଟକର ହୋଇପଡିଛି । ଲଗାତାର ଭାବେ ୮ ଦିନ ହେବ ଏକ୍ୟୁଆଇ ସାଂଘାତିକ ସ୍ତରରେ ପହଞ୍ଚିଛି । ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି)-୪ ଲାଗୁ କରାଯାଇଛି । ଏହାର ବ୍ୟବହାରକୁ ନିଶ୍ଚିତ କରିବା ପାଇଁ ଦିଲ୍ଲୀ ପୁଲିସ ମଙ୍ଗଳବାର ରାତିରେ ପେଟ୍ରୋଲିଂ କରିବା ସହ ବିଭିନ୍ନ ଯାନ ଯାଞ୍ଚ କରିଥିଲା ।

ସେପଟେ ବାୟୁ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯିବା ନେଇ ବିଚାର କରୁଛନ୍ତି ଦିଲ୍ଲୀ ସରକାର । ଏଥିପାଇଁ ଦିଲ୍ଲୀ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଗତକାଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ଏକ ଚିଠି ଜରିଆରେ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯିବା ନେଇ ମୋଦିଙ୍କୁ ନିବେଦନ କରିଥିଲେ ।

## ପ୍ରତିବନ୍ଧକ ହଟିବା ପରେ ୬ଟି ଆମେରିକୀୟ ମିସାଇଲ୍ ମାଡ଼ କରିଛି ୟୁକ୍ରେନ୍: ଋଷ

**ନୂଆଦିଲ୍ଲୀ:** ଯୁଦ୍ଧକୁ ୦୧୦୦୦ ଦିନ ବିତିଥିବା ବେଳେ ୟୁକ୍ରେନ୍ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ଋଷ । ଆମେରିକା ପାଖରୁ ଅନୁମତି ମିଳିବା ପରେ ୟୁକ୍ରେନ୍ ୬ଟି ଆମେରିକୀୟ ATACMS ମିସାଇଲ୍ ଯୁଦ୍ଧରେ ବ୍ୟବହାର କରିଛି ବୋଲି ଋଷ ଦାବି କରିଛି । ଦୂରଗାମୀ ଆମେରିକୀୟ ମିସାଇଲ୍ ବ୍ୟବହାର କରିବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ରାଷ୍ଟ୍ରପତି ବାଇଡେନ୍ ହଟାଇ ଦେଇଛନ୍ତି । ଏହା ପରେ ଋଷୀୟ ଅଞ୍ଚଳ 'ବ୍ରିୟାନ୍ସକ୍'ରେ ୟୁକ୍ରେନ୍ ଏହି ମିସାଇଲ ମାଡ଼ କରିଛି ବୋଲି ମଙ୍ଗଳବାର ଋଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି । ସେପଟେ ବ୍ରିୟାନ୍ସକରେ ଯୁଦ୍ଧାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ୍ ଦାବି କରିଥିଲେ ହେଁ, ଯୁଦ୍ଧାସ୍ତ୍ର ସଂପର୍କରେ କୌଣସି ସୂଚନା ଦେଇନାହିଁ । ଋଷୀୟ ଗଣମାଧମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ସେନା ୫ଟି ଟାକ୍ଟିକାଲ୍ ମିସାଇଲ୍ ସିଷ୍ଟମ (ATACMS)କୁ ଖସାଇଥିଲା । ଏହା ପରେ ଅନ୍ୟ ଏକ ମିସାଇଲ୍‌କୁ ଧ୍ୱଂସ କରିଥିଲା ସେନା । କିନ୍ତୁ ଏହା ଦ୍ୱାରା କେଉଁଣସି କ୍ଷୟକ୍ଷତି ହୋଇ ନାହିଁ ବୋଲି ଋଷ ଦାବି କରିଛି । ଏବେ ଉଭୟ ପକ୍ଷ ଏହି ଘଟଣାରେ ତଦନ୍ତ କରିବେ ବୋଲି କହିଛନ୍ତି । ତେବେ ଆଭ୍ୟନ୍ତରୀଣ ଋଷରେ ଆକ୍ରମଣ କରିବା ଲାଗି ଆମେରିକା ନିର୍ମିତ ମିସାଇଲ୍ ବ୍ୟବହାର କରିବାକୁ ରାଷ୍ଟ୍ରପତି ବାଇଡେନ୍ ୟୁକ୍ରେନକୁ ଅନୁମତି ଦେବା ପରେ ଏହି ନୂଆ ବିବାଦ ମୁଣ୍ଡ ଟେକିଛି ।

ଏହା ପୂର୍ବରୁ ୟୁକ୍ରେନୀୟ ଅଧିକାରୀ ଦାବି କରିଥିଲେ ଯେ, ଲଗାତାର ତୃତୀୟ ଦିନ ଜନବସତି ଅଞ୍ଚଳରେ ରକେଟ ମାଡ଼ କରିଛି ଋଷ । ଏହି ଆକ୍ରମଣରେ ଜଣେ ଶିଶୁଙ୍କ ସମେତ ୧୨ ଜଣଙ୍କ ଜୀବନ ଯାଇଛି । ରବିବାର ଋଷର ଏକ ମିସାଇଲ୍ ଉତ୍ତର ୟୁକ୍ରେନୀୟ ସହର ସୁମିରେ ଆତଙ୍କ ଖେଳାଇଥିଲା । ମିସାଇଲ୍ ମାଡ଼ ଯୋଗୁଁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୪ ଜଣ ଆହତ ହୋଇଥିଲେ । ଏହା ବ୍ୟତୀତ ଓଡେଶାରେ ମଧ ଧ୍ୱଂସଲୀଳା ରଚିଛି ଋଷ ସେନା ।

# ଭାଇ ଟଙ୍କା ନ ଦେବାରୁ ଭାଉଜ ଓ ଝିଆରୀକୁ ହତ୍ୟା

**ଗାଜିଆବାଦ:** ଟଙ୍କା ଓ କିଛି ପୁରୁଣା ରାଗ ପାଇଁ ଭାଉଜ ଓ ଝିଆରିକୁ ହତ୍ୟା । ଦୁବାଇ ଯିବା ପାଇଁ ଭାଇ ୩୦ ହଜାର ଟଙ୍କା ନ ଦେବାରୁ ଭାଇର ସ୍ତ୍ରୀ ଏବଂ ତିନି ମାସର ଝିଅକୁ ସାନ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୁଲିସ ଏହି ମାମଲାରେ ଅଭିଯୁକ୍ତ ଭାଇକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁସାରେ, ଏହି ଘଟଣା ଉତ୍ତରପ୍ରଦେଶର ଗାଜିଆବାଦରେ ଘଟିଛି । ଅଭିଯୁକ୍ତ ଜଣକ ହେଉଛନ୍ତି ୨୩ ବର୍ଷୀୟ ଜିଶାନ । ସେ ତାଙ୍କ ଭାଉଜ ଶାହିନ ପରବୀନ (୩୪) ଏବଂ ଝିଆରୀ ଆଫିୟାକୁ ହତ୍ୟା କରିଥିବା ଅଭିଯୋଗ ହୋଇଛି ।

ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ଜିଶାନ ଏବଂ ଶାହିନଙ୍କ ଘର ବିହାରରେ । ସେଠାରେ ଗୃହ ନିର୍ମାଣକୁ ନେଇ ପାରିବାରିକ ବିବାଦ ଲାଗି ରହିଥିଲା । ଦୁଇ ମାସ ତଳେ ଶାହିନଙ୍କ ଜଣେ ସମ୍ପର୍କୀୟ ଭାଇ ଅଫରୋଜ ଏହି ବିବାଦକୁ ନେଇ ଜିଶାନଙ୍କୁ ଅପମାନିତ କରିବା ସହ ତାଙ୍କ ଶାର୍ଟ କଲର୍ ଧରି ଘୋଷାଡ଼ି ନେଇଥିଲେ ।

ଏହାର ପ୍ରତିଶୋଧ ନେବାକୁ ଚାହୁଁଥିଲେ ଜିଶାନ । ଏହା ବାଦ୍ ସେ ଦୁବାଇ ଯିବାକୁ ମଧ ଚାହୁଁଥିଲେ । ଏଥିପାଇଁ ଭିସା କରିବାକୁ ଭାଇଙ୍କୁ ଅର୍ଥାତ୍ ଶାହିନଙ୍କ ସ୍ୱାମୀ ବୁରହାନଙ୍କୁ ୩୦ ହଜାର ଟଙ୍କା ମାଗିଥିଲେ । କିନ୍ତୁ ଜିଶାନଙ୍କୁ ଟଙ୍କା ନ ଦେବା ପାଇଁ ଶାହିନ ବୁରହାନଙ୍କୁ ମନା କରି ଦେଇଥିଲେ ।



ଏହାକୁ ନେଇ ଜିଶାନ ଭାଉଜ ଏବଂ ଝିଆରୀଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ପୁଲିସ କହିଛି ଯେ, ଅନ୍ୟ ଜଣେ ତିନି ବର୍ଷର ଝିଆରୀକୁ ମଧ ହତ୍ୟା କରିବାକୁ ଉଦ୍ୟମ କରିଥିଲା ଜିଶାନ । କିନ୍ତୁ ସେ ଘଟଣାସ୍ଥଳରୁ ଖସି ଯିବାରୁ ରକ୍ଷା ପାଇଯାଇଛନ୍ତି ।

ଗାଜିଆବାଦ ଗ୍ରାମୀଣ ଡେପୁଟି କମିଶନର (ଡିସିପି) ସୁରେନ୍ଦ୍ରନାଥ ତ୍ରିପାଠୀ କହିଛନ୍ତି ଯେ, ଗତକାଲି ୱେଭ୍ ସିଟି ପୁଲିସ ଷ୍ଟେସନ ଅନ୍ତର୍ଗତ ବମହେତା ନିକଟରେ ଏହି ହତ୍ୟାକାଣ୍ଡ ଘଟିଛି ।

ଜିଶାନ ପ୍ରଥମେ ଦୁଇ ପିଲାଙ୍କ ଆଗରେ ଶାହିନଙ୍କ ତଣ୍ଟି ଚିପି ହତ୍ୟା କରିଥିଲା । ଓଢଣୀ ସାହାଯ୍ୟରେ ଭାଉଜର ତଣ୍ଟି ଚିପି ହତ୍ୟା କରିବା ପରେ ତିନି ମାସର ଝିଆରୀକୁ ମଧ ସମାନ ଭାବେ ହତ୍ୟା କରିଥିଲା । ଏସବୁ ଦେଖୁଥିବା ତିନି ବର୍ଷର ଝିଅ ସେଠାରୁ ଖସିଯିବା ଫଳରେ ବର୍ତ୍ତି ଯାଇଛି ।

ହତ୍ୟା କରିବା ପରେ ଜିଶାନ ନୋଏଡା ଚାଲି ଯାଇଥିଲା । ସେଠାରେ ଜଣେ ମହିଳାଙ୍କଠୁ ମୋବାଇଲ୍ ଛଡାଇ ଆଣି ଭାଇ ବୁରହାନକୁ କଲ୍ କରି ତାଙ୍କୁ ମଧ ହତ୍ୟା ଧମକ ଦେଇଥିଲା । ସେଠାରୁ ଗାଜିଆବାଦ ଫେରିବା ସମୟରେ ଜିଶାନକୁ ଗିରଫ କରିଛି ପୁଲିସ ।

## ଶିଶୁ ମନ୍ଦିରରେ ବାର୍ଷିକ ବନବିହାର କାର୍ଯ୍ୟକ୍ରମ

**ଘଟଗାଁ:** ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର, ଅଳତି ତରଫରୁ ବାର୍ଷିକ ବନ ବିହାର କାର୍ଯ୍ୟକ୍ରମ କଜଳେଇ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ରାଉତଙ୍କ ସଂଯୋଜନାରେ ଶିଶୁ ବାଟିକା ଏବଂ ପ୍ରଥମରୁ ତୃତୀୟ ଶ୍ରେଣୀ ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ଏହି ବନ ବିହାର କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶିଶୁ ଭାଇ ଭଉଣୀ ମାନେ ବିଭିନ୍ନ ଶିଶୁ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ ଏବଂ ଶିଶୁ ମାନଙ୍କ ଦ୍ୱାରା ଗଛ ମୋର ବନ୍ଧୁ ଡ୍ରାମା ପରିବେଷଣ ହୋଇଥିଲା । ଉପସ୍ଥିତ ପ୍ରଧାନ ଆଚାର୍ଯ୍ୟ ଶିଶୁ ମାନଙ୍କର ମାନସିକ ବିକାଶରେ ଶିକ୍ଷାର ଉନ୍ନତି ହେବ ବୋଲି ଉପସ୍ଥିତ ଶିଶୁ ମାନଙ୍କୁ ଉଦବୋଧନ ଦେଇଥିଲେ । ଶିଶୁ ମାନେ ଏହି କାର୍ଯ୍ୟକ୍ରମରେ ଅତ୍ୟନ୍ତ ଆନନ୍ଦିତ ହେବା ସହ ପାହାଡ଼ ଉପରେ ଥିବା ପ୍ରଭୁ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୋଷାଧକ୍ଷ ନିରଞ୍ଜନ ବରାଳ, ସଦସ୍ୟ ସୁଶାନ୍ତ କୁମାର ସେଠୀ ସକ୍ରିୟ ଅଂଶଗ୍ରହଣ କରି ଶିଶୁ ମାନଙ୍କ ବୌଦ୍ଧିକ ବିକାଶରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶିଶୁ ମାନେ ବିଭିନ୍ନ ସୁ ସ୍ୱାଦ ଖାଦ୍ୟ ଖାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ।

# ପ୍ୟାରିସରୁ ଦିଲ୍ଲୀ ଆସୁଥିବା ବିମାନ ଜୟପୁର ଡାଇଭର୍ଟ, ଅଧା ବାଟରୁ ଡ୍ୟୁଟି ଛାଡ଼ିଲେ ପାଇଲଟ୍

**ନୂଆଦିଲ୍ଲୀ:** ପ୍ୟାରିସରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନ ସଂଖ୍ୟା ଇଓ-୨୦୨୨କୁ କୁହୁଡ଼ି ଯୋଗୁଁ ସୋମବାର ଇନ୍ଦିରା ଗାନ୍ଧୀ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ଅବତରଣ ପାଇଁ ଅନୁମତି ଦିଆଯାଇନଥିଲା । ଏହାପରେ ବିମାନକୁ

**ବିମାନ ବନ୍ଦରରେ ଫସି ରହିଲେ ଯାତ୍ରୀ**

ଜୟପୁର ଡାଇଭର୍ଟ କରାଯାଇଥିଲା । ତେବେ ସେଠାରେ ପାଇଲଟ୍ ନିଜ ଡ୍ୟୁଟି ସମୟ ଶେଷ ହୋଇଥିବା ଦର୍ଶାଇ ବିମାନ ଉଡାଇବାକୁ ମନା କରିଦେଲେ । ଏହାପରେ ଜୟପୁର ବିମାନ ବନ୍ଦରରେ ସ୍ଥିତି ଜଟିଳ ହୋଇଥିଲା । ଅନେକ ଘଣ୍ଟା ଯାଏ ଯାତ୍ରୀ ସେଠାରେ ଫସି ରହିଥିଲେ । ପରେ ବିମାନ ପରିଚାଳନା କମ୍ପାନି ବସ ଜରିଆରେ ସଡ଼କ ମାର୍ଗରେ ଯାତ୍ରୀଙ୍କୁ ଦିଲ୍ଲୀରେ ପହଞ୍ଚାଇଥିଲା ।

ଏହି ମାମଲାରେ ଏୟାର ଇଣ୍ଡିଆ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଔପଚାରିକ ବୟାନ ଆସିନାହିଁ । ସୂତ୍ର ଅନୁସାରେ ବିମାନ କମ୍ପାନି ଜୟପୁର ଏୟାରପୋର୍ଟରେ ବିକଳ୍ପ ବ୍ୟବସ୍ଥା କରିନଥିଲା, କାରଣ ଏପରି କରିବା ଦ୍ୱାରା ଅଧିକ ସମୟ ଲାଗିଥାନ୍ତା । ଏୟାର ଇଣ୍ଡିଆ ବିମାନ



ରବିବାର ରାତି ୧୦ଟାରେ ପ୍ୟାରିସରୁ ଉଡାଣ ଭରିଥିଲା । ସୋମବାର ସକାଳ ୧୦.୧୫ରେ ଦିଲ୍ଲୀରେ ଅବତରଣ କରିଥାନ୍ତା, କିନ୍ତୁ ରାଜଧାନୀରେ ଘନ କୁହୁଡ଼ି ଯୋଗୁଁ ବିମାନକୁ ଜୟପୁର ଡାଇଭର୍ଟ କରାଯାଇଥିଲା ।

ଜୟପୁର ଏୟାରପୋର୍ଟରେ ବିମାନ ଦିଲ୍ଲୀ ଅଭିମୁଖେ ପୁଣି ଯାତ୍ରା ପାଇଁ ଅନୁମତି ଅପେକ୍ଷାରେ ଥିଲା, କିନ୍ତୁ ଏହି ସମୟରେ ପାଇଲଟ୍ ଡ୍ୟୁଟି ସମୟ ଶେଷ ହୋଇଥିବା କହି ଉଡାଣ ଜାରି ରଖିବାକୁ ମନା କରିଦେଲେ । ଏହାପରେ ସେଠାରେ ହଙ୍ଗାମା ହୋଇଥିଲା । ଡିଜିସିଏ ଦ୍ୱାରା ପ୍ରସ୍ତୁତ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ ନିୟମ ଅନୁସାରେ, ଫ୍ଲାଇଟ୍ କ୍ରିୟୁଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳିବା ଦରକାର ।

ଅନ୍ୟପଟେ ମଝି ବାଟରେ ଫସିଥିବା ଯାତ୍ରୀ ବିକଳ୍ପ ଉଡାଣ ପାଇଁ ଦାବି କରିଥିଲେ, କିନ୍ତୁ ବିମାନ କମ୍ପାନି ତାହା ଯୋଗାଇବାରେ ବିଫଳ ହୋଇଥିଲା । ପରେ ସମସ୍ତ ଯାତ୍ରୀଙ୍କୁ ବସ ଯୋଗେ ଦିଲ୍ଲୀ ପଠାଯାଇଥିଲା । ସୋସିଆଲ୍ ମିଡିଆରେ ଘଟଣାକୁ ନେଇ ଖୁବ୍ ସମାଲୋଚନା କରାଯାଉଛି ।

## ୨୩ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ

**ଜୟପୁର:** ମାଝୀଗୁଡା ପଂଚାୟତର ବିଭିନ୍ନ ସ୍ଥାନରେ ଅପରେସନ ଗ୍ରିନ୍ କ୍ଲିନ୍ ଜରିଆରେ ୨୩ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଏନେଇ ବୈପାରୀଗୁଡା ଥାନାରେ ଗଣମଧମକୁ ସୂଚନା ଦେଇଛନ୍ତି ଜୟପୁର ଏସଡିପିଓ ଅଙ୍କିତ୍ କୁମାର ବର୍ମା । ବୈପାରିଗୁଡା ବ୍ଲକର ଜି. ମାଝୀଗୁଡା ପଂଚାୟତର କଟ୍ରାଗୁଡା, ବାଉଁଶିଆଗୁଡା ଏବଂ ଭାଟିପଡା ଅଂଚଳରେ ବେଆଇନ ଭାବେ ୨୩ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ପୁଲିସ ବିଭାଗ ଚଢ଼ଉ କରି ୨୨,୩୦୦ ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରାଯାଇଛି । ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୨ କୋଟି ହେବ ବୋଲି ପୁଲିସ ସୂଚନା ଦେଇଛି ।

# ୨୦୫୦ ମଧ୍ୟରେ ବିଶ୍ୱର ମୋଟ ଶ୍ରମ ବଳରେ ଭାରତ ଭାଗ ୨୦% ହେବ

**ନୂଆଦିଲ୍ଲୀ:** ବିଶ୍ୱ ଶ୍ରମ ବଳରେ ଭାରତ ଆଗକୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଉଛି । ୨୦୨୩ରୁ ୨୦୫୦ ମଧ୍ୟରେ ବିଶ୍ୱ ଶ୍ରମ ବଳରେ ଭାରତର ଯୋଗଦାନ ୨୦ ପ୍ରତିଶତ ହେବ । ଅର୍ଥାତ ସାରା ବିଶ୍ୱର ମୋଟ ଯେତିକି କର୍ମଜୀବୀ ଥିବେ ସେଥିରେ ୨୦ ପ୍ରତିଶତ କେବଳ ଭାରତର । ଆଞ୍ଜେଲ ୱାନ ୱେଲ୍ଥ ନାମକ ଏକ ସଂସ୍ଥା ଗବେଷଣା କରି ଏକ ରିପୋର୍ଟ ପ୍ରକାଶ କରିଛି । ଅନ୍ୟପଟେ ଚୀନରେ କିନ୍ତୁ ସ୍ଥିତି ଭଲ ହେବ ନାହିଁ । ବିଶ୍ୱ ଶ୍ରମ ବଳରେ ଚୀନର ଯୋଗଦାନ କମିବ ବୋଲି ସଂସ୍ଥା କହିଛି ।

ତେବେ ସବୁଠାରୁ ଖୁସୀର କଥା ହେଲା ଭାରତର ଆୟରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ୨୦୩୦ ସୁଦ୍ଧା ଦେଶରେ ଉଚ୍ଚ ଆୟ କରୁଥିବା ପରିବାର ସଂଖ୍ୟା ତିନିଗୁଣା ବୃଦ୍ଧି ପାଇବ ବୋଲି ଆଞ୍ଜେଲ ୱାନ ୱେଲ୍ଥ କହିଛି । ଏଥିରେ କୁହାଯାଇଛି "୨୦୩୦ ସୁଦ୍ଧା ଉଚ୍ଚ ଆୟକାରୀ ପରିବାର ସଂଖ୍ୟା ତିନିଗୁଣ ବୃଦ୍ଧି ପାଇବା ନେଇ ଆଶା କରାଯାଉଛି । ସେହିପରି ମଧମ ଆୟକାରୀ ପରିବାର ସଂଖ୍ୟା ପାଖାପାଖି ଦୁଇଗୁଣିତ ହେବ । ମୁଣ୍ଡପିଛା ଆୟ ଦୃଷ୍ଟିରୁ ଏହା ଭାରତକୁ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ ଭାବରେ ପରିଣତ କରାଇବ ।"

**ଚୀନରେ କମୁଛନ୍ତି କର୍ମଜୀବୀ**

ଉଚ୍ଚ ଆୟକାରୀ ପରିବାର ସଂଖ୍ୟା ବଢ଼ିଲେ, ସ୍ୱଭାବିକ ଭାବେ ନିମ୍ନଆୟକାରୀଙ୍କ ସଂଖ୍ୟା କମିଯିବ । ଗବେଷଣା ରିପୋର୍ଟ ଅନୁସାରେ, ୨୦୧୮ରେ ନିମ୍ନ ଆୟକାରୀ ପରିବାରଙ୍କ ସଂଖ୍ୟା ୪୩ ପ୍ରତିଶତରୁ ୨୦୩୦ ସୁଦ୍ଧା ମାତ୍ର ୧୫ ପ୍ରତିଶତକୁ ଖସି ଆସିବ । ଫଳରେ ଇନକମ ଡିଷ୍ଟ୍ରିବ୍ୟୁସନ (ଆୟ ବଣ୍ଟନ)ରେ ଏକ ବଡ଼ ପରିବର୍ତ୍ତନ ହେବ ।

ମଜଭୁତ ପାରିବାରିକ ବାଲାନ୍ସ ସିଟ୍ ସହଯୋଗରେ ମୁଣ୍ଡ ପିଛା ଆୟ ମାମଲାରେ ଭାରତ ସବୁଠାରୁ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ର ଭାବେ ଅଗ୍ରସର ହେଉଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଜିଡିପି ପ୍ରତିଶତ ହାରରେ ଭାରତର ଘରୋଇ ଋଣ ଅନ୍ୟ ପଡ଼ୋଶୀ ଏସୀୟ ଦେଶଙ୍କ ତୁଳନାରେ ଯଥେଷ୍ଟ କମ୍ ରହିଛି । ଏହା ଦେଶର ଆୟର ଅଭିବୃଦ୍ଧି ଏବଂ ଆର୍ଥିକ ସ୍ୱଚ୍ଛଳତାକୁ ପ୍ରତିଫଳିତ କରୁଛି ।

ଦେଶର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ଏହାର ଯୁବ ଜନସଂଖ୍ୟା ସ୍ଥିତି । ବର୍ତ୍ତମାନ ଦେଶର ହାରାହାରି ବୟସ ୨୯ ବର୍ଷ । ତେଣୁ କାର୍ମିକଙ୍କ ସଂଖ୍ୟା ବଢୁଥିବାରୁ ନିର୍ଭରଶୀଳତା ହ୍ରାସ ପାଉଛି । ଫଳରେ ଭାରତ ବିଶ୍ୱର ସବୁଠାରୁ କମ ନିର୍ଭରଶୀଳ ଦେଶ ହୋଇପାରିଛି । ହେଲେ ଚୀନ ଓ ୟୁରୋପରେ ନିର୍ଭଶୀଳତା ଅନୁପାତ ବଢୁଥିବାରୁ ସେହି ଅଞ୍ଚଳଗୁଡ଼ିକରେ ଆର୍ଥିକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଆଞ୍ଜେଲ ୱାନ ୱେଲ୍ଥ କହିଛି ।



ସେହିପରି ଆୟ ବୃଦ୍ଧି ଓ ଏହାର ଖର୍ଚ୍ଚର ଶୈଳୀକୁ ମଧ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି । ରିପୋର୍ଟ ଅନୁସାରେ ଦେଶର ଜନସଂଖ୍ୟା ଠାରୁ ପରିବାର ସଂଖ୍ୟା ବୃଦ୍ଧି ପାଉଥିବାରୁ ଅନୁଚିତ ଖର୍ଚ୍ଚ କମ ହୋଇ ଉଚିତ ଖର୍ଚ୍ଚ ହେଉଛି । ଫଳରେ ଦେଶ ଏକ ଉନ୍ନତ ଖର୍ଚ୍ଚ ଶୈଳୀ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଏହା ଭାରତୀୟ ପରିବାରିକ ସମୃଦ୍ଧିକୁ ମଧ ଦର୍ଶାଉଛି । ସେହିଭଳି ଟ୍ୟାକ୍ସ ଆଦାୟ କଥା ବିଚାର କଲେ ୨୦୨୧ ଠାରୁ ଭାରତରେ ବ୍ୟକ୍ତିଗତ ଆୟକର କର୍ପୋରେଟ କର ଠାରୁ ଅଧିକ ରହିଛି । ଯାହା ଦେଶର ଅର୍ଥନୀତିରେ ନାଗରିକଙ୍କର ବ୍ୟକ୍ତିଗତ ଯୋଗାଦନକୁ ଦର୍ଶାଉଛି । ଦେଶର ଦ୍ରୁତ ଆୟ ଅଭିବୃଦ୍ଧି, ସ୍ୱଳ୍ପ ଘରୋଇ ଋଣ ଏବଂ ଯୁବ କର୍ମଜୀବୀଙ୍କ ଅଦ୍ୱିତୀୟ ସ୍ଥିତି ଭାରତକୁ ଏ ବିଶ୍ୱ ଅର୍ଥନୈତିକ ଶକ୍ତି ଭାବରେ ସ୍ଥାନିତ କରିଛି । ଯାହା ଆଗାମୀ ଦଶନ୍ଧି ମଧ୍ୟରେ କେବଳ ଘରୋଇ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ମଧ ଅଭିବୃଦ୍ଧି କରିବ ବୋଲି ଆଞ୍ଜେଲ ୱାନ ୱେଲ୍ଥ କହିଛି ।

## ରାଶିଫଳ

**ମେଷ :** ମେଷ: ଚତୁର୍ଥ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନ,ସମ୍ପଦ ବୃଦ୍ଧି ପାଇବ ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରିପାଇବେ । ସ୍ୱଜନ, ପରିଜନ, ବନ୍ଧୁବାନ୍ଧବ, ସହକର୍ମୀ, ସହଯୋଗୀ ଏବଂ ପଡ଼ୋଶୀଙ୍କ ସାହାଯ୍ୟ, ସହଯୋଗ ମିଳିବ ।

**ବୃଷ:** ତୃତୀୟ ଚନ୍ଦ୍ର ଯୋଗୁ ନୂତନ ଭୂମିପୂଜା, ଗୃହ ପ୍ରତିଷ୍ଠା, ଗୃହାରମ୍ଭ ଆଦି ବ୍ୟବସାୟ ଆରମ୍ଭ ଏବଂ ନୂତନ କର୍ମାରମ୍ଭ କରିପାରନ୍ତି । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ସ୍ୱଜନ, ପରିଜନ, ଭାଇଭଉଣୀଙ୍କ ସାହାଯ୍ୟ, ସହଯୋଗ ପ୍ରାପ୍ତ କରିବେ ।

**ମିଥୁନ:** ସକାଳ ୮ଟା ୪୭ ମିନିଟ୍ ପରେ ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନକୁ ନେଇ ବିବାଦ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜି ଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ି ପାରନ୍ତି ।

**କର୍କଟ:** ଘାତବାର ଏବଂ ଦ୍ୱାଦଶ ଓ ଶ୍ରୀଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ପରିବାରରେ ସୁଖ ଶାନ୍ତି ଏବଂ ଚାଲିଚଳନ, ବ୍ୟବହାର କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ । ଆମୋଦ ପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ଏବଂ ଦେହ ମନ ସୁସ୍ଥ ରହିବ ।

**ସିଂହ:** ଏକାଦଶ ଓ ଦ୍ୱାଦଶ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ଆୟଠାରୁ ବ୍ୟୟବହୁତ କମ୍ ରହିବ ଏବଂ ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତିଉତ୍ତମ ହେବ ଏବଂ ଆୟର କିଛି ଅଂଶ ସଞ୍ଚୟରେ ବିନିଯୋଗ କରିବେ ।

**କନ୍ୟା:** ସକାଳ ୮ଟା ୪୭ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ଯେକୌଣସି କର୍ମ କରିବା ପୂର୍ବରୁ ସତର୍କତା ଅବଲମ୍ବନ କରିବେ । ଏହା ପରେ ଏକାଦଶ ଚନ୍ଦ୍ର ଯୋଗୁ ସମସ୍ତ ଦୁଃଖ, କଷ୍ଟ, ଆର୍ଥିକ ଧନକ୍ଷତିରୁ ମୁକ୍ତି ମିଳିବ ।

**ତୁଳା:** ଦଶମ ଓ ଏକାଦଶ ଚନ୍ଦ୍ର ଯୋଗୁ ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ନୂତନ ଆୟର ମାର୍ଗ ଖୋଲିବ । ନୂତନ କର୍ମାରମ୍ଭ, ବ୍ୟବସାୟ ଆରମ୍ଭ, ନୂତନ ଭୂମିପୂଜା, ଗୃହାରମ୍ଭ ଏବଂ ଗୃହ ପ୍ରତିଷ୍ଠାଦି ଶୁଭକର୍ମର ଆୟୋଜନ କରିପାରନ୍ତି ।

**ବିଛା :** ଅଷ୍ଟମ ଓ ନବମ ଚନ୍ଦ୍ର ଉଭୟ ଭୋଗ ହେଉଥିବାରୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ନିଜର ପ୍ରିୟବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ବିବାଦ କିମ୍ବା ତାଙ୍କ ଠାରୁ ଅପମାନ ମିଳିପାରେ । ମନ ଅସ୍ଥିର ଓ ବିଷାଦ ଗ୍ରସ୍ତ ରହିବ ଏବଂ ଅପମାନ, ଅପଯଶ, ଅପନିନ୍ଦା ମିଳିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖା ଦେବ ।

**ଧନୁ :** ସକାଳ ୮ଟା ୪୭ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ବାଦ ବିବାଦ, ସ୍ୱାସ୍ଥ୍ୟ ଏବଂ ଆର୍ଥିକ କାରବାର ବେଳେ ସତର୍କ ହେବେ । ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ ଏବଂ ଶାରୀରିକ ପୀଡ଼ା ଭୋଗିବେ ।

**ମକର :** ସକାଳ ୮ଟା ୪୭ ମିନିଟ୍ ପରେ ସପ୍ତମ ଚନ୍ଦ୍ର ଯୋଗୁ ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ । ମୂଲ୍ୟବାନ ଧାତୁ, ବସନଭୂଷଣ କ୍ରୟ କରିବେ । ପରିଚିତ ମହିଳାଙ୍କ ଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ ।

**କୁମ୍ଭ :** ସକାଳ ୮ଟା ୪୭ ମିନିଟ୍ ପରେ ଷଷ୍ଠଚନ୍ଦ୍ର ଯୋଗୁ ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଓ ଅବସାଦରୁ ମୁକ୍ତ ହେବେ । ଶତ୍ରୁ ମାନେ ମିତ୍ରତାର ହାତ ବଢ଼ାଇବେ ଏବଂ ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ମୀନ :** ସକାଳ ୮ଟା ୪୭ ମିନିଟ୍ ପରେ ପଞ୍ଚମ ଚନ୍ଦ୍ର ଯୋଗୁ ମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତର ଜନଠାରୁ ଅପମାନ ପାଇବେ । ସନ୍ତାନ ମାନଙ୍କ ଶିକ୍ଷା, ଦୀକ୍ଷା, ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ଓ କର୍ମକୁ ନେଇ ଚିନ୍ତିତ ହେବେ ଏବଂ ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ସ୍ୱଳ୍ପ ହେବ ।

# ମାତୃଭାଷା

କଟକ, ଗୁରୁବାର, ନଭେମ୍ବର-୨୧, ୨୦୨୪ ପୃଷ୍ଠା:୪


## ଇ-କମର୍ସ କମ୍ପାନୀଙ୍କ ଯୋଗୁ କ୍ଷୁଦ୍ର ବ୍ୟବସାୟୀ ସଙ୍କଟରେ-ବେକାରୀ ବଢ଼ିବ

ଦେଶରେ ଛୋଟ ଛୋଟ ବ୍ୟବସାୟ କରି ପରିବାର ଭରଣପୋଷଣ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନେ ଏବେ ବଡ଼ ବିପଦରେ ପଡ଼ିଛନ୍ତି । ଆଗକୁ ଏହି ବିପଦ ଆହୁରି ବ୍ୟାପକ ଆକାର ଧାରଣ କରି ସେମାନଙ୍କ ହାତରୁ ଏହି ବ୍ୟବସାୟ ସମ୍ପୂର୍ଣ୍ଣ ଭାବରେ ଛଡ଼େଇନେବାର ଆଶଙ୍କା ବଢ଼ିବାରେ ଲାଗିଛି । ଏହାର କାରଣ ହେଉଛନ୍ତି ଇ - କମର୍ସ କମ୍ପାନୀମାନେ । ଖାଉଟି କ୍ରେତାଙ୍କୁ ବଡ଼ ମାତ୍ରାରେ ରିହାତି ଦେଇ ନିଜ ଆଡ଼କୁ ଆକୃଷ୍ଟ କରୁଛନ୍ତି ବଡ଼ ବଡ଼ ବ୍ୟବସାୟୀ ଇ-କମର୍ସ କମ୍ପାନୀ । ପାର୍ବଣ ସମୟରେ ଏହା ଆହୁରି ଅଧିକ ରହୁଛି । କେବଳ ଏତିକି ନୁହେଁ ଅର୍ଡର କଲେ ଏଣିକି ୧୦ ମିନିଟରେ ଆସି ଘର ଦୁଆରେ ଜିନିଷ ପହଞ୍ଚୁଛି । ଫଳରେ ଲୋକେ ଆଉ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବାକୁ ତେଜରାତି ଦୋକାନକୁ ଯିବା ପାଇଁ ମନ ବଳାଉ ନାହାନ୍ତି ।

ସେପଟେ ପୁଣି ତେଜରାତି ଦୋକାନରେ ସମାନ ଜିନିଷର ମୂଲ୍ୟ ଅଧିକ ଦେବାକୁ ପଡୁଛି । ମେଟ୍ରୋ ସିଟିରେ ସ୍ଥିତି ଏପରି ହେଲାଣି ଯେ, କିଛି ଅଞ୍ଚଳରେ ତେଜରାତି ଦୋକାନ କମ୍ ଦିନରେ ବନ୍ଦ ହୋଇଯିବ । କାରଣ ସାଧାରଣ ଲୋକଟିଏ କୌଣସି ଜିନିଷ ଆଣିବାକୁ ଦୋକାନକୁ ଗଲା ବେଳକୁ ଅନଲାଇନରେ ମିଳୁଥିବା ମୂଲ୍ୟଠାରୁ ଅଧିକ ଟଙ୍କା କହୁଛନ୍ତି ଦୋକାନୀ, ଫଳରେ ଗ୍ରାହକଟି ମୁହଁମୋଡ଼ି ଫେରିଯାଉଛି ।

ଘର ପାଖ ଛୋଟିଆ ଦୋକାନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି । ଯେଉଁଠାରେ ଜଣେ ଗ୍ରାହକ ଅନଲାଇନରେ ଭଲ ରିହାତି ମିଳୁଥିବା କଥା କହି ବାସନ ମଜା ଲିକ୍ୱିଡ୍ କିଣିବାକୁ ମଧ୍ୟ ମନ ବଳାଉନାହାନ୍ତି । ସମଗ୍ର ଭାରତରେ ଅନଲାଇନରେ ଇ-କମର୍ସ ପ୍ଲାଟଫର୍ମଗୁଡ଼ିକର ପ୍ରଭାବରେ ସ୍ଥାନୀୟ ତେଜରାତି ଦୋକାନୀଙ୍କର ଗ୍ରାହକ ସବୁ ଦୂରେଇ ଯାଉଛନ୍ତି ।

ଏହି ପରିବର୍ତ୍ତନର ଧାରା ସମ୍ପୂର୍ଣ୍ଣ ହୋଲନଥିବାବେଳେ ଆଗକୁ ଦେଶର ସହରାଞ୍ଚଳ ଗୁଡ଼ିକରେ ଥିବା ସମସ୍ତ ତେଜରାତି ଦୋକାନରେ ଏହି କାରଣରୁ ତାଲା ପଡ଼ିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବନାହିଁ । ଡାଟୁମ୍ ଇଣ୍ଟେଲିଜେନ୍ସ ରିପୋର୍ଟ ଅନୁଯାୟୀ ୮୨ ଶତାଂଶରୁ ଅଧିକ ଗ୍ରାହକ ଅତି କମରେ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଏକ ଚତୁର୍ଥାଂଶ ଇ-କମର୍ସ ପ୍ଲାଟଫର୍ମରୁ କିଣୁଛନ୍ତି ଏବଂ ୫ ଶତାଂଶ ଲୋକେ ତେଜରାତି ଦୋକାନରୁ କିଣିବା ବନ୍ଦ କରି ଦେଇଛନ୍ତି । ଏହି ଧାରା ଖୁଚୁରା ସାମଗ୍ରୀ କିଣିବାର ପ୍ରକ୍ରିୟାକୁ ପରିବର୍ତ୍ତନ କରିବ, କିନ୍ତୁ ତେଜରାତି ଦୋକାନୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଧାରା ପ୍ରସ୍ତୁତି ଦୃଢ଼ୀତ ଭାବେ କରି ସାରିଛି ।

ଏବେ ଯୁବବର୍ଗ ରିହାତି ପାଇ ଇ-କମର୍ସ ମୁହାଁ ହେଉଥିବା ବେଳେ ବରିଷ୍ଠ ବର୍ଗର ଲୋକେ ଏବେ ମଧ୍ୟ ସ୍ଥାନୀୟ ତେଜରାତି ଦୋକାନୀଙ୍କୁ ଅଗ୍ରାଧିକାର ଦେଉଛନ୍ତି । ଅନେକ ଦୋକାନୀମାନେ କହିବା ମୁତାବକ କର୍ମଜୀବୀମାନେ ଦୋକାନକୁ ଆସିବା କମାଇ ଦେଇଥିବା ବେଳେ ବୟସ୍କ ଲୋକମାନେ ଏବେ ମଧ୍ୟ ତେଜରାତି ଦୋକାନରୁ କିଣିବାକୁ ପସନ୍ଦ କରୁଛନ୍ତି ଏବଂ ଅନଲାଇନରେ କିଣି ଘର ପାଖରେ ପହଞ୍ଚାଇବାକୁ ଅଧିକ ଟଙ୍କା ଦେବାକୁ ମନ କରୁନାହାନ୍ତି ।

କିନ୍ତୁ ଏହି ପରିବର୍ତ୍ତନର ଧାରା ବଢ଼ି ଚାଲିଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଭାରତର ଗ୍ରୋସେରୀ ବଜାରରେ ଅସଂଗଠିତ ଖୁଚୁରାର ପ୍ରାଧାନ୍ୟ ରହିଛି ଏବଂ ତେଜରାତି ଦୋକାନ ଗୁଡ଼ିକ ନିକଟରେ ୯୨ ଶତାଂଶ ବ୍ୟବସାୟ ରହିଛି । ସଂଗଠିତ ଖୁଚୁରା ଏବଂ ଇ-କମର୍ସ ଦ୍ରୁତ ବୃଦ୍ଧି ସତ୍ତ୍ୱେ ତେଜରାତି ଦୋକାନ ଗୁଡ଼ିକରେ ଏହି କ୍ଷେତ୍ରର ପ୍ରାଧାନ୍ୟ ରହିଛି ।

ଲୋକମାନଙ୍କ ମଧ୍ୟରେ ଏହି ପରିବର୍ତ୍ତନ ମଧ୍ୟରେ ସର୍ବ ଭାରତୀୟ ବ୍ୟବସାୟୀ ସଂଘ (ସିଏଆଇଟି) ଇ-କମର୍ସ ପ୍ଲାଟଫର୍ମର କାରବାର ସମ୍ପର୍କରେ ସତର୍କ କରାଇଛନ୍ତି । ନିକଟରେ ପ୍ରକାଶିତ ଶ୍ୱେତପତ୍ରରେ ସିଏଆଇଟି ଭାରତର ଖୁଚୁରା ଇକୋ ସିଷ୍ଟମକୁ ଉଚ୍ଛେଦ କରିବା ପାଇଁ ଏହି ପ୍ଲାଟଫର୍ମଗୁଡ଼ିକ ଦ୍ୱାରା ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫଡିଆଇ) ର ଅପବ୍ୟବହାରକୁ ଉଜାଗର କରିଥିଲା ।

ସାମ୍ପ୍ରତିକ ସର୍ଭିକାନିରେ ସିଏଆଇଟି ସେକ୍ରେଟେରୀ ଜେନେରାଲ୍ ତଥା ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଇ-କମର୍ସ କମ୍ପାନୀମାନେ ଯୋଗାଣକାରୀଙ୍କୁ ନିୟନ୍ତ୍ରଣ କରିବା ଏବଂ ସର୍ବନିମ୍ନ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମୂଲ୍ୟ ଧାର୍ଯ୍ୟ କରି ପ୍ରତିଯୋଗୀଙ୍କ କ୍ଷତି ପହଞ୍ଚାଇବାକୁ ଏଫଡିଆଇ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି । 'ଏହି ରଣନୀତି ବଜାରରେ ଅସମାନତା ସୃଷ୍ଟି କରୁଛି, ଯାହା ସହିତ ଭାରତର ୩ କୋଟି ତେଜରାତି ଦୋକାନୀ ପ୍ରତିଦ୍ୱନ୍ଦ୍ୱିତା କରିବା ପ୍ରାୟ ଅସମ୍ଭବ ହୋଇପଡ଼ିଛି । ଫଳରେ ଛୋଟ ଖୁଚୁରା ବ୍ୟବସାୟୀଙ୍କୁ ଆକ୍ରମଣାତ୍ମକ ଭାବେ ବଜାରରୁ ବାହାର କରି ଦିଆଯାଉଛି ବୋଲି ଖଣ୍ଡେଲୱାଲ କହିଛନ୍ତି । ଏହି ପ୍ରକାର ରଣନୀତି ଇ- କମର୍ସ କମ୍ପାନୀ ଗୁଡ଼ିକୁ ଗ୍ରୋସେରୀ ବଜାରର ୨୫-୩୦ ଶତାଂଶ ଅଧିକାର କରିବାରେ ସାହାଯ୍ୟ କରିଛି ।

ବାଣିଜ୍ୟ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଇ-କମର୍ସ କମ୍ପାନୀର ସଫଳତା ଭାରତର ଶ୍ରେଷ୍ଠ ୧୫-୨୦ ସହରରେ ସୀମିତ, ଏହି ଅଞ୍ଚଳରେ ତେଜରାତି ଦୋକାନ ଗୁଡ଼ିକ ଉପରେ ଏହାର ପ୍ରଭାବ ଉଦବେଗଜନକ ଅଟେ । ତେବେ ଏହାର ଜବାବରେ କିଛି ତେଜରାତି ଦୋକାନୀ ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ହୋମ୍ ଡେଲିଭରି ମଡେଲ ଆପଣାଉଛନ୍ତି । କିନ୍ତୁ ସେମାନଙ୍କର ସୀମିତ କ୍ଷମତା ଏବଂ ନିର୍ଦ୍ଦିଷ୍ଟ ପାଣ୍ଠି ଅପେକ୍ଷା ଭଲ ଅନୁଦାନ ପ୍ରାପ୍ତ ଇ-କମର୍ସ କମ୍ପାନୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ପାଲଟିଛି ।

ଏହା ସ୍ୱୀକାର୍ଯ୍ୟ ଯେ ତେଜରାତି ଦୋକାନୀମାନେ ନିଜ ବ୍ୟବସାୟକୁ ବଞ୍ଚାଇବା ଲାଗି ଯେତେ ହୋମ୍ ଡେଲିଭରୀ କଲେ ବି ବିପୁଳ ଆର୍ଥିକ ଶକ୍ତି ଥିବା ଇ - କମର୍ସ କମ୍ପାନୀମାନଙ୍କ ସହିତ ବେଶୀ ଦିନ ପ୍ରତିଦ୍ୱନ୍ଦ୍ୱିତା କରି ତିଷ୍ଠି ପାରିବେ ନାହିଁ । ଯେଉଁଠି ଟାଟା, ରିଲାଏନ୍ସ ଇତ୍ୟାଦି ପରି ବଡ଼ ବଡ କମ୍ପାନୀ ଖୁଚୁରା ବ୍ୟବସାୟକୁ ଓହ୍ଲାଇବେ, ସେଠାରେ ହାତୀ ଆଗରେ ଜନ୍ଦା, ପିମ୍ପୁଡ଼ି ସମାନ କ୍ଷୁଦ୍ର ଜୀବ କେତେ ଦିନ ତିଷ୍ଠିପାରିବେ ? ବଡ ବଡ ବ୍ୟବସାୟୀଙ୍କୁ ବଡ଼ ବଡ଼ ବ୍ୟବସାୟ ଶୋଭାପାଏ । ଅଧିକ ଅର୍ଥ ଲାଳସାରେ ଏତେ ଛୋଟ ବ୍ୟବସାୟକୁ କୁଦିବା ସେମାନଙ୍କ ଗାରିମାକୁ କ୍ଷୁର୍ଣ୍ଣ କରୁଛି ଏବଂ ତାହା ସହିତ ୩ କୋଟି କ୍ଷୁଦ୍ର ବ୍ୟବସାୟୀ ପରିବାରର ଏବଂ ସେହି ୩ କୋଟି ପରିବାରର ପ୍ରାୟ ୨୫ ରୁ ୩୦ କୋଟି ସଦସ୍ୟଙ୍କୁ ରାସ୍ତା ଉପରକୁ ନେଇଆସିବାର ପଥ ପ୍ରଶସ୍ତ କରୁଛି । ସେମାନେ ସେମାନଙ୍କର ଅତ୍ୟଧିକ ଅର୍ଥ ଉପାର୍ଜନ ଲାଳସାକୁ ପଛେ ଅନ୍ୟ କେଉଁ କ୍ଷେତ୍ରରେ ପ୍ରଶମିତ କରନ୍ତୁ, କିନ୍ତୁ କୋଟି କୋଟି ଲୋକଙ୍କ ଦାନାପାଣିକୁ ଉଜାଡ଼ିକରି ତାହା ନ କରନ୍ତୁ ।

ଦେଶରେ ଆର୍ଥିକ ଉଦାରୀକରଣ ଆସିବା ପରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ଏବେ ଏହା ବ୍ୟାପକ ଆକାର ଧାରଣ କରିବାକୁ ବସିଛି । ଉଦାରୀକରଣ ଏବେ ବିନାଶୀକରଣ ହେବାକୁବସିଲାଣି । ଏଣୁ ନେଡ଼ିଗୁଡ଼ କହୁଣୀକୁ ବହିଯିବା ଆଗରୁ ସରକାର ଏ ଦିଗରେ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ହେବ । କ୍ଷୁଦ୍ର ବ୍ୟବସାୟୀମାନଙ୍କ ସ୍ୱାର୍ଥରକ୍ଷା ଲାଗି ନିୟମ ଲାଗୁ କରାଯିବା ଉଚିତ । ନଚେତ୍ ଆଗାମୀ ଦିନରେ ଏହା ୩ କୋଟି ପରିବାରର ୩୦ କୋଟି ସଦସ୍ୟଙ୍କୁ ଭୋକିଲା ରଖିବ । ଏପରିକି ବେକାରୀ ସୃଷ୍ଟି କରି ୩୦ କୋଟି ଲୋକଙ୍କୁ ଭିକ ମାଗିବାକୁ ବାଧ କରିବ । ଏଣୁ ବେଳ ଥାଉ ଥାଉ ସରକାର ସଚେତନ ହେବା ସହ କ୍ଷୁଦ୍ର ବ୍ୟବସାୟୀମାନଙ୍କ ସ୍ୱାର୍ଥରକ୍ଷା ଲାଗି ନିୟମ ପ୍ରଣୟନ କରିବା ଉଚିତ ହେବ ।

## ହୋମୱାର୍କ

### ଡକ୍ଟର ସୁରେଶ କୁମାର ନାୟକ

ହୋମୱାର୍କ କରିବା ପୂର୍ବରୁ ପିଲା ନିଜକୁ ଚିନ୍ତାମୁକ୍ତ ରଖିବା ଦରକାର । ନ ହେଲେ ଏହାକୁ ନେଇ ସେ ଦ୍ୱନ୍ଦ୍ୱରେ ପଡ଼ିଥାଏ । ତେଣୁ ପ୍ରଥମେ ଘରେ ଷ୍ଟଡି ସିଡ୍ୟୁଲ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ ପାଠ ପଢ଼ନ୍ତୁ । ଯଦି ପଢ଼ିବା ପରେ ମନ ଭଲ ଲାଗୁନି, ତେବେ କିଛି ସମୟ ବ୍ରେକ ନିଅନ୍ତୁ । ସବୁଠାରୁ ଖସ କଥା ହେଲା, ପାଠପଢ଼ା ଏକ ଶାନ୍ତ ପରିବେଶରେ ହେବା ନିହାତି ଦରକାର । ତେବେ ପିଲା ଥଣ୍ଡା ମିଜାସରେ ହୋମୱାର୍କ କରିପାରିବ । କେଉଁ ହୋମୱାର୍କ କେତେବେଳେ କରିବେ, ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ । ଯେଉଁ ବିଷୟରେ ହୋମୱାର୍କ ଦିଆଯାଇଛି, ତାହାକୁ ପ୍ରଥମେ ନିଜେ ଭଲ ଭାବରେ ବୁଝିବା ଦରକାର । ଯଦି ମନରେ କିଛି ସନ୍ଦେହ ଆସୁଛି, ତେବେ ଶିକ୍ଷକଙ୍କ ସହ ଯୋଗାଯୋଗ କରନ୍ତୁ । ପାଠକୁ ଠିକ ଭାବରେ ବୁଝି ନପାରିଲେ ତାକୁ ପଢ଼ିବା ସହଜ ହୋଇନଥାଏ । ଏପରିକି ସମୟ ତାବାଟରେ ଆଗେଇ ଚାଲେ, ହେଲେ ପିଲାଟି କଣ କରିବି ବୋଲି ବସି ଭାବି ହେଉଥାଏ । ସ୍କୁଲରେ କ'ଣ ହୋମୱାର୍କ ଦିଆଯାଉଛି ତାହାକୁ ଭଲ ଭାବରେ ମନେରଖନ୍ତୁ । ଆଜି ଯଦି କୌଣସି ହୋମୱାର୍କ ଦିଆଯାଇଛି ତାକୁ ଆଜି ହିଁ ସାରିବାକୁ ଚେଷ୍ଟା କରନ୍ତୁ । ପିଲା ପାଠ ପଢ଼ିବା ପୂର୍ବରୁ ତାକୁ ହାଲକା ସ୍ନାକ୍ସ ଖାଇବାକୁ ଦିଅନ୍ତୁ । ଖାଲି ପେଟରେ ପଢ଼ିଲେ କିଛି ମନେ ରୁହେନି । ହୋମୱାର୍କକୁ ବୋଝ ବୋଲି ନଭାବିବା ଭଲ । ପିଲା ହୋମୱାର୍କ କରିବା ସମୟରେ ତାକୁ ମୋଟିଭେଟ କରନ୍ତୁ । କାରଣ ପିଲାର ଦାୟିତ୍ୱ ରହିଥାଏ, ଏହାକୁ ସେ କିପରି ଠିକ ଭାବେ ସମ୍ପାଦନ କରିବ । ପିଲାମାନେ ଯଦି ଘରେ ହୋମୱାର୍କ କରିବା ସମୟରେ କିଛି ଅସୁବିଧା ହୁଏ, ତେବେ ମା-ବାପାଙ୍କ ସହାୟତା ନେଇପାରନ୍ତି । ଏପରିକି ଏ ନେଇ ଟ୍ୟୁଟରଙ୍କ ସହ ଆଲୋଚନା କଲେ କିଛି କ୍ଷତି ନାହିଁ । ହୋମୱାର୍କ କରିବା ସମୟରେ ଆଦୌ ତରବର ହୁଅନ୍ତୁ ନାହିଁ । ଏହାକୁ କିପରି ଭଲ ଭାବରେ ଶେଷ କରିବେ, ସେ ନେଇ ସମୟ ପ୍ରତି ନଜର ଦିଅନ୍ତୁ ।

ପାଠକୁ ବୋଝ ନଭାବିଲେ ହୋମୱାର୍କ ସହଜ ଲାଗିବ : କ୍ଲାସର ସୀମିତ ସମୟ ଭିତରେ କୌଣସି ପାଠ ଉପରେ ସବିଶେଷ ଆଲୋଚନା ସହଜ ନୁହେଁ । ଏହି ସମୟରେ ପିଲାମାନେ ପଢୁଥିବା ପାଠକୁ କିପରି ସହଜରେ ବୁଝିପାରିବେ ତାହା ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଧ୍ୟାନ ଦିଅନ୍ତି । ତା ସହ ଘରେ କିଛି ପାଠ ପଢ଼ି କିମ୍ବା ଲେଖି ଆଣିବାକୁ କୁହାଯାଇଥାଏ । ଏହି ହୋମୱାର୍କ କେତେକଙ୍କୁ ବୋଝ ପରି ଲାଗିଥାଏ । କାରଣ ଏପଟେ ସ୍କୁଲପଢ଼ା, ଟ୍ୟୁସନ, ହୋମୱାର୍କ ଏସବୁକୁ ସମାନ୍ତରାଳ ଭାବରେ ଆଗେଇନେବା ସହଜ ନୁହେଁ । ତେଣୁ ପିଲାଏ, ତୁମେମାନେ ପ୍ରଥମେ ପାଠକୁ ବୋଝ ବୋଲି ଭାବନାହିଁ । ତେବେ ତୁମେମାନେ ନିଜର ହୋମୱାର୍କକୁ ସହଜରେ ତୁଲାଇପାରିବ ।

ସ୍କୁଲରେ ଶିକ୍ଷକଙ୍କ ସହ ଏବଂ ଘରେ ଗାର୍ଡ଼ିଆନଙ୍କ ସହ ଏବଂ ଟ୍ୟୁସନରେ ଟ୍ୟୁଟରଙ୍କ ସହ ପିଲାଙ୍କ ଉତ୍ତମ ସମନ୍ୱୟ ରହିବା ନିହାତି ଦରକାର । ତେବେ ସେମାନଙ୍କୁ ପାଠ ହାଲୁକା ଲାଗିବ । ହୋମୱାର୍କ କରିବା ସମୟରେ ପିଲାଟିର କ'ଣ ଅସୁବିଧା ରହୁଛି ତାହାକୁ ଲକ୍ଷ୍ୟ କରାଯାଇ ତାହାର ସମାଧାନ କରିବା ଆବଶ୍ୟକ । ପିଲା ଉପରେ ଯଦି ପାଠର ଚାପ ରହୁଛି, ତେବେ ତାହା କିପରି ହାଲୁକା ହେବ ସେ ବଷୟରେ ଗାର୍ଡ଼ିଆନ, ଶିକ୍ଷକ ଏବଂ ଟ୍ୟୁଟର ସଚେତନ ରହିବା ଦରକାର । ତେବେ ଜଣେ ପିଲାର କ୍ୟାରିୟର ସୁରୁଖୁରୁରେ ଆଗକୁ ଆଗେଇ ପାରିବ । ପିଲାଙ୍କ ହୋମୱାର୍କକୁ ନେଇ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ବା ପରିବାରରୁ କୌଣସି ଚାପ ରହିବା ଅନୁଚିତ । ସେମାନଙ୍କୁ ସମୟ ଦେଇ ଏବଂ ସେମାନଙ୍କୁ ସହଯୋଗ କରି ଉଚିତ ମାର୍ଗ ଦର୍ଶନ ଦେଖାଇଲେ ପିଲାଙ୍କ ହୋମୱାର୍କ ଖୁବ ଖୁସି ମନରେ ସେମାନେ କରିପାରିବେ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

## ନାନୋ ବ୍ୟବସ୍ଥାକୁ ପ୍ରୋତ୍ସାହନ



**ଡକ୍ଟର ଇଶିତା ଜି ତ୍ରିପାଠୀ**

ଅତିରିକ୍ତ ଉନ୍ନୟନ କମିଶନର, ଏମଏସଏମଇ ମନ୍ତ୍ରଣାଳୟ, ଭାରତ ସରକାର



**ନୀତିଶା ମାନ୍**

ଉପ ନିର୍ଦ୍ଦେଶକ, ଏମଏସଏମଇ ମନ୍ତ୍ରଣାଳୟ, ଭାରତ ସରକାର

ନାନୋ ବ୍ୟବସାୟ ଏବଂ ଅଣଆନୁଷ୍ଠାନିକ ଅଣୁ ଉଦ୍ୟୋଗ (ଆଇ.ଇ.ଏମ୍.) ଏକ ସୁଦୂରପ୍ରସାରୀ କ୍ଷେତ୍ର ଯାହା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଅଧୀନରେ ରହିଛି ଏବଂ ଏଥି ସହିତ ଅତି ମାତ୍ରାରେ ସ୍ଥାନୀୟ କାର୍ଯ୍ୟଦକ୍ଷତାକୁ ସାମିଲ କରାଯାଇଛି । ଏହିସବୁ ଉଦ୍ୟୋଗଗୁଡ଼ିକର ଏଭଳି ବିଶେଷ ବୈଶିଷ୍ଟ୍ୟ ଥିବା ଯୋଗୁ ଏସବୁକୁ ଅନ୍ୟମାନଙ୍କ ଠାରୁ ପୃଥକ୍ କରି ରଖିବା ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ଯାହା ଫଳରେ ସେମାନେ ନିଜର ବୈଶିଷ୍ଟ୍ୟକୁ ବଜାୟ ରଖିବା ସହିତ ବ୍ୟବସାୟ ପରିଚାଳନା କରିପାରିବେ । ଭାରତ ସରକାର ଏହି ଲକ୍ଷ୍ୟ ହାସଲ କରିବା ସକାଶେ ସମ୍ପୂର୍ଣ୍ଣ ରୂପେ ବଦ୍ଧପରିକର । ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଉଦ୍ୟମ ସହାୟକ ପ୍ଲାଟଫର୍ମ (ୟୁ.ଏ.ପି.) ଭାବରେ ୨୦୨୩ ମସିହା ଜାନୁଆରୀ ମାସରେ ଆରମ୍ଭ କରାଯାଇଛି ଯାହାକି ଆଇ.ଏମ.ଇ ପଂଜୀକରଣ ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇବ । ଯେଉଁମାନଙ୍କୁ ସି.ଜି.ଏସ.ଟି ଆଇନ୍‌ର ବ୍ୟବସ୍ଥା ଅଧୀନରେ ସେମାନଙ୍କର ରିଟର୍ଣ୍ଣ ଫାଇଲିଂ କରିବାରୁ ମୁକ୍ତ ରଖାଯାଇଛି ସେମାନେ ଏଥିରୁ ସୁଯୋଗ ନେଇପାରିବେ । ୟୁ.ଏ.ପିର ଶୁଭାରମ୍ଭ ହେବା ଦିନଠାରୁ, ପ୍ରାୟ ୨.୨ କୋଟିରୁ ଅଧିକ ଉଦ୍ୟୋଗ ଏହା ଅଧୀନରେ ପଂଜୀକରଣ କରିଛନ୍ତି । ଏହିସବୁ ଉଦ୍ୟୋଗମାନେ ୨.୬ କୋଟିରୁ ଅଧିକ କର୍ମନିଯୁକ୍ତି ପ୍ରଦାନ କରିଛନ୍ତି । ୟୁ.ଏ.ପି. ଏଥି ପାଇଁ ଅଧିକୃତ ଏଜେନ୍ସିମାନଙ୍କ ସହିତ ସାମ୍ନାସାମ୍ନି ଆଲୋଚନା ନିମନ୍ତେ ସୁଯୋଗ ପ୍ରଦାନ କରେ । ଏହିସବୁ ଅଧିକୃତ ଏଜେନ୍ସିମାନେ ଅନୁସୂଚୀତ ବ୍ୟବସାୟିକ ବ୍ୟାଙ୍କ, ଅଣୁ ଆର୍ଥିକ ଋଣ ପ୍ରଦାନକାରୀ ଅନୁଷ୍ଠାନ, ଏନ.ବି.ଏଫ.ସି. ଭଳି ଅନୁଷ୍ଠାନ ଯେଉଁମାନେ ଆଇ.ଏମ.ଇ. ଉପଭୋକ୍ତା ଭାବରେ ବିପୁଳ ମାତ୍ରାରେ ନିଜର ସ୍ୱୀକୃତି ଆଧାରିତ ଡାଟାକୁ ପଂଜୀକୃତ କରିପାରିବେ । ସରକାରରୀ କାର୍ଯ୍ୟକ୍ରମର ଆଇ.ଏମ.ଇ ହିତାଧିକାରୀମାନେ ପିଏମ ସ୍ୱନିଧି କାର୍ଯ୍ୟକ୍ରମକୁ ପସନ୍ଦ କରିବା ସହିତ ଏବେ ୟୁ.ଏ.ପିକୁ ସାମୁଦାୟିକ ଭାବେ ଗ୍ରହଣ କରିଛନ୍ତି ।

ପିଏମ ବିଶ୍ୱକର୍ମା ଯୋଜନା ଭଳି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ସକାଶେ ଏଭଳି ସଂକଳ୍ପବଦ୍ଧ ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ୨୦୨୩ ମସିହା ସେପ୍ଟେମ୍ବର ମାସରେ ଏହାର ଶୁଭାରମ୍ଭ କରାଯାଇଛି । ଏହି ଉଦ୍ୟମ ଅଧୀନରେ ୧୮ ପ୍ରକାରର ପାରମ୍ପରିକ କଳାକାର ଓ କାରିଗରମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ଏବଂ ସହଯୋଗ ଯୋଗାଇ ଦିଆଯାଉଛି । ଏହିସବୁ କାରୀଗରମାନେ ନିଜ ହାତରେ ଏବଂ ପାରମ୍ପରିକ ଉପକରଣ ସାହାଯ୍ୟରେ ସେସବୁ କାର୍ଯ୍ୟ କରିଥାଆନ୍ତି । ଏହି ଯୋଜନାର ସାଧନ ମଧ୍ୟରେ ପିଏମ ବିଶ୍ୱକର୍ମା ପ୍ରମାଣପତ୍ର ଏବଂ ଆଇଡ଼ି କାର୍ଡ, କୌଶଳ ଉନ୍ନତିକରଣ, ଟୁଲ୍‌କିଟ୍ ପ୍ରୋତ୍ସାହନ ରାଶି, କୋଲାଟରାଲ-ମୁକ୍ତ ଋଣ ଯାହାକି ମାତ୍ର ୫ ପ୍ରତିଶତ ସୁଧରେ ଉପଲବ୍ଧ ସେସବୁକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ସେହିଭଳି ୮ ପ୍ରତିଶତ ପର୍ଯ୍ୟନ୍ତ ସୁଧ ସବ୍‌ଭେନସନ୍, ଡିଜିଟାଲ କାରବାର ପାଇଁ ପ୍ରୋତ୍ସାହନ ଏବଂ ବଜାରଣ ସହାୟତା ଆଦି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ମୁଖ୍ୟତଃ ଏହି ଯୋଜନା ଅଧୀନରେ ସକଳ ପ୍ରକାର ସହାୟତା ଯାହାକି ବିଶ୍ୱକର୍ମାମାନଙ୍କ ଆଶା ଆକାଙ୍କ୍ଷାକୁ ପୂରଣ କରିବା ପାଇଁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ ତାହାକୁ ସାମିଲ କରାଯାଇଛି । ଏହି ବିଶ୍ୱକର୍ମାମାନେ ଯେଉଁମାନଙ୍କର ଔଦ୍ୟୋଗିକ କୁଶଳତାର ଆବଶ୍ୟକତା ରହିଛି ଏବଂ ତାହା ହାସଲ କରିପାରିଲେ ସେମାନେ ସ୍ୱ-ପୋଷଣୀୟ ବ୍ୟବସାୟ ଆରମ୍ଭ କରିପାରିବେ ସେମାନେ ଏଥିରୁ ସର୍ବାଧିକ ଉପକୃତ ହୋଇପାରୁଛନ୍ତି । ପରିଣାମତଃ, ସରକାର ସେହିସବୁ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରିଛନ୍ତି ଯେଉଁମାନଙ୍କ ନିକଟରେ ଏଭଳି ଦକ୍ଷତା ନିହିତ ରହିଛି, କିନ୍ତୁ ସେମାନେ କିପରି ଭାବରେ ଏମ.ଏସ.ଏମ.ଇ ଚାମ୍ପିଅନ୍ ଭାବେ ମୁଣ୍ଡ ଟେକିପାରିବେ ସେହି ଉପାୟ ଚିନ୍ତା କରିପାରୁନାହାନ୍ତି ।

ଅତି କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ସକାଶେ, ଯେଉଁମାନଙ୍କ ପାଇଁ ଋଣ ନେବା ପ୍ରଥମ ଏବଂ ସେମାନଙ୍କ ନାମରେ ପୂର୍ବରୁ କିଛି ଋଣ ନାହିଁ କିମ୍ବା ବ୍ୟବସାୟିକ ପୃଷ୍ଠଭୂମି ନାହିଁ, ସେମାନଙ୍କ ଲାଗି ଆଉ ଗୋଟିଏ ଚାଲେଞ୍ଜ୍ ହେଲା ସେମାନେ କୌଣସି ସୂତ୍ରରୁ ପୂର୍ବରୁ ଆର୍ଥିକ ସହାୟତା ପାଇପାରୁ ନଥିଲେ । ଯେହେତୁ ସେମାନଙ୍କର ପୂର୍ବରୁ ଋଣ ନେବାର ପ୍ରମାଣ ନାହିଁ ସେମାନଙ୍କୁ ବ୍ୟାଙ୍କ୍ କୌଣସି ଋଣ ଦେବାକୁ ରାଜି ହେଉ ନଥିଲେ । ଋଣ ଯୋଗାଣର ସରଳ ବାତାବରଣ ନଥିବା ହେତୁ ଉଭୟ ଚାହିଦା ଏବଂ ଯୋଗାଣ ପକ୍ଷରୁ ଥିବା ଚାଲେଞ୍ଜର ମଧ୍ୟ ମୁକାବିଲା କରିବାକୁ ପଡୁଥିଲା । ଏହି ଦିଗରେ ଏକ ସୁଦୃଢ଼ ପଦକ୍ଷେପ ଗ୍ରହଣ ସ୍ୱରୂପ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ଦର୍ଶାଇଛନ୍ତି ଯେ ୟୁ.ଏ.ପି ପ୍ରମାଣପତ୍ରକୁ ଅଗ୍ରାଧିକାର କ୍ଷେତ୍ରକୁ ଋଣ ସୁବିଧା ହାସଲ ଉଦ୍ଦେଶ୍ୟରେ ଉଦ୍ୟମ ପଂଜୀକରଣ ପ୍ରମାଣପତ୍ର ସହିତ ସମାନ ଭାବେ ବିବେଚନା କରାଯିବ । ତେଣୁ ଏଭଳି ହିତାଧିକାରୀ ଯୋଜନା ଯଥା ପିଏମ ସ୍ୱନିଧି, ପିଏମ ବିଶ୍ୱକର୍ମା ଆଦିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ନିମନ୍ତେ ପେମେଣ୍ଟ ଭିତ୍ତିଭୂମି ବିକାଶ ପାଣ୍ଠି (ପି.ଆଇ.ଡ଼ି.ଏଫ.) ଯୋଜନା ଉପକ୍ରମ ମାଧ୍ୟମରେ ଋଣ ସୁବିଧା ଯୋଗାଇ ଦିଆଯିବ । ଏହା ଫଳରେ ଦେଶରେ ଗ୍ରହଣ ସାଧନ ସଂଖ୍ୟା ବହୁ ଗୁଣରେ ବୃଦ୍ଧି ପାଇଛି । ଏହା ଟାୟାର- ୩ ଠାରୁ ନେଇ ଟାୟାର-୬ ପର୍ଯ୍ୟନ୍ତ କେନ୍ଦ୍ରମାନଙ୍କରେ ପେମେଣ୍ଟ ଗ୍ରହଣ ସଂସାଧନର ବିକାଶ ଘଟାଇଛି । ସେହିଭଳି ଏହା ଫଳରେ କାରବାର ମୂଲ୍ୟ ହ୍ରାସ ପାଇଛି ଏବଂ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥାମାନଙ୍କ ଗ୍ରହଣୀୟତା ସଂଖ୍ୟା ବୃଦ୍ଧି ପାଇଛି । ପି.ଆଇ.ଡି.ଏଫ୍ ବ୍ୟବସ୍ଥା ଫଳରେ ଡିଜିଟାଲ ପେମେଣ୍ଟ୍ ସଂଗଠକମାନେ ସବ୍‌ସିଡି ହାରରେ ଡିଜିଟାଲ ପେମେଣ୍ଟ ଉପକରଣ ଏବଂ କ୍ୟୁ.ଆର କୋଡ୍‌ମାନ ନାନୋ ଉଦ୍ୟୋଗୀମାନଙ୍କୁ ଯୋଗାଇ ଦେଉଛନ୍ତି । ଏହାତିରିକ୍ତ, ଫିଜିକାଲ କିମ୍ବା ଡିଜିଟାଲ ଉପକରଣକୁ ରିହାତି ମୂଲ୍ୟରେ ଖଞ୍ଜିବା, ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଯଥା, ସାଉଣ୍ଡବକ୍ସ ଡିଭାଇସ୍, ନିଅର୍ ଫିଲ୍ଡ ଯୋଗାଯୋଗ ବ୍ୟବସ୍ଥା ଏବଂ ଆଧାର- ସକ୍ଷମ ବାୟୋମେଟ୍ରିକ୍ ସ୍କାନର ଡିଭାଇସ୍ ଆଦି ମୁତୟନ କରୁଛନ୍ତି ଯାହାକି ଭୀମ୍ ଆଧାର ପେ' ମାଧ୍ୟମରେ ଗ୍ରହଣୀୟ ହୋଇପାରୁଛି ଏବଂ ଏହା ମଧ୍ୟ ସବ୍‌ସିଡି ହାରରେ ଏହିସବୁ ଉଦ୍ୟୋଗୀମାନଙ୍କୁ ଉପଲବ୍ଧ କରାଯାଉଛି । ଏଭଳି ଅତିରିକ୍ତ ଡିଜିଟାଇଜେସନ୍ ଏବଂ ଡିଜିଟାଲ କାର୍ଯ୍ୟକ୍ରମ ସେମାନଙ୍କୁ ଅଧିକ ସକ୍ଷମ କରିବ ଏବଂ ସେମାନଙ୍କ ନିମନ୍ତେ ସଂଗୃହୀତ ଡାଟା ଆଧାରିତ ବିକଳ୍ପ ଋଣ ଆକଳନର ମଡେଲ ପାଇଁ ସମର୍ଥନ ଯୋଗାଇବ ତଥା ସେମାନଙ୍କ ପାଇଁ ଋଣ ବିତରଣ ବ୍ୟବସ୍ଥାର ପରିସର ବୃଦ୍ଧି କରିବ ।

ଋଣ ଗ୍ୟାରେଣ୍ଟି ଯୋଜନା ଅଧୀନରେ ଆଇଏମଇ ପାଇଁ ବିଶେଷ ବ୍ୟବସ୍ଥା ଗ୍ରହଣ ଯାହାକି ୨୦୨୪ ମସିହା ଫେବୃଆରୀ ମାସରେ ଘୋଷଣା କରାଯାଇଛି ତାହାର ସର୍ତ୍ତାବଳୀ ଅତ୍ୟନ୍ତ ସରଳ । ଏଥିରେ ମୋଟ ଋଣ ପରିମାଣର ୮୫ ପ୍ରତିଶତକୁ, ସର୍ବାଧିକ ପରିମାଣ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉପରେ ଗ୍ୟାରେଣ୍ଟି ବୃଦ୍ଧି କରାଯାଇଛି ଏବଂ ଋଣ ଉପରେ ସର୍ବନିମ୍ନ ବାର୍ଷିକ ଗ୍ୟାରେଣ୍ଟି ଫି'କୁ ୦.୩୭% ଯାହାର ସର୍ବାଧିକ ପରିମାଣ ୧୦ ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଛି । ଏଥି ସହିତ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଏହାକୁ ୦.୪୫ % ଧାର୍ଯ୍ୟ କରାଯାଇଛି । ଏହିସବୁ ପଦକ୍ଷେପ ଆନୁଷ୍ଠାନିକ ଋଣ ଯୋଗାଣକାରୀ ସଂସ୍ଥାମାନଙ୍କ ପାଇଁ ଥିବା ଆଶଙ୍କାକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରିଛି ଯାହାକି ସେମାନଙ୍କୁ ପୂର୍ବରୁ ନାନୋ ଉଦ୍ୟୋଗ ଏବଂ ଆଇ.ଏମ.ଇ.ମାନଙ୍କୁ ଋଣ ଦେବାବେଳେ ଚିନ୍ତାରେ ପକାଉଥିଲା ।

ତେଣୁ ସମ୍ପଦ, ସହାୟତା ଏବଂ ସଚେତନତାକୁ ଏକତ୍ରିତ କରି, ନାନୋ ବ୍ୟବସାୟିକ ସଂସ୍ଥାମାନେ ଏବଂ ଅପେକ୍ଷାକୃତ ବୃହତ୍ ଏମ.ଏସ.ଏମ.ଇ.ମାନେ ଏଣିକି ସୁବିଧାରେ ସେମାନଙ୍କର ପ୍ରଗତି କରିପାରିବେ ଏବଂ ସ୍ଥାନୀୟ ଚଳଚଞ୍ଚଳ ଅର୍ଥନୀତି ପାଇଁ ସହଯୋଗର ହାତ ବଢ଼ାଇ ପାରିବେ । ଏହାର ସାମଗ୍ରିକ ଲକ୍ଷ୍ୟ ହେଲା ତୃଣମୂଳ ସ୍ତରର ସଂସ୍ଥାମାନଙ୍କ ଆର୍ଥିକ ଭିତ୍ତିକୁ ମଜଭୁତ କରିବା ଯଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥାର ବ୍ୟାପକ ଢାଞ୍ଚା ପ୍ରଗତି ପଥରେ ଅଧିକ ଉଜ୍ଜ୍ୱଳ ହୋଇପାରିବ ।

*ପ୍ରବନ୍ଧରେ ପ୍ରତିଫଳିତ ମତାମତ ଲେଖକଙ୍କର ନିଜସ୍ୱ*

## ଜଳ ପ୍ରଦୂଷଣ ଏବଂ ଆତ୍ମଘାତୀ ଆଚରଣ

### ସୁଧାଂଶୁ ଶେଖର ଧଡ଼ା

ଆମେ ବାସକରୁଥିବା ପୃଥିବୀର ୭୧ ଶତାଂଶ ଜଳ । ସେଥିମଧ୍ୟରୁ ମାତ୍ର ୦.୦୦୬ ଶତାଂଶ ମନୁଷ୍ୟର ପାନୀୟ ତଥା ଦୈନନ୍ଦିନ ବ୍ୟବହାର ଉପଯୋଗୀ । ସମଗ୍ର ବିଶ୍ୱରେ ଏହି ୦.୦୦୬ ଶତାଂଶ ଜଳ ଦିନକୁଦିନ ଦୂଷିତ ହୋଇ ପିଇବା ଅନୁପଯୋଗୀ ହୋଇଯାଉଛି । ଆଜିର ଦିନରେ ବହୁସଂଖ୍ୟକ ଲୋକ ବୋତଲ କିମ୍ବା ପ୍ଲାଷ୍ଟିକ ଜାରରେ ବିକ୍ରି ହେଉଥିବା ପାଣି ପିଇବା ନିମିତ୍ତ ବ୍ୟବହାର କରୁଛନ୍ତି । ଅନେକ ଲୋକ ନିଜ ଘରେ ଜଳବିଶୋଧକ ଯନ୍ତ୍ର ବସାଇଲେଣି । ଆସନ୍ତା ଦିନମାନଙ୍କରେ ପିଇବା ପାଣି ପ୍ରଦୂଷଣ କାରଣରୁ ଦୁଷ୍ପ୍ରାପ୍ୟ ହୋଇଯିବ । ଏବେ ପାନୀୟ ଓ ବ୍ୟବହାର୍ଯ୍ୟ ଜଳକୁ ନେଇ ଦେଶର ରାଜଧାନୀ ଦିଲ୍ଲୀର ସ୍ଥିତି ଶଙ୍କଟଜନକ ହୋଇ ପଡିଛି ।

ଦିଲ୍ଲୀ ନିକଟରେ ଯମୁନା ନଦୀର ପାଣି ଏତେ ଦୂଷିତ ହୋଇଛି ଯେ , ଏହି ଅଳ୍ପଦିନ ଭିତରେ ଛଟପୂଜା ଉଦେଶ୍ୟରେ ଶ୍ରଦ୍ଧାଳୁମାନେ ଯମୁନା ଜଳରେ ସୂର୍ଯ୍ୟପୂଜା କରିବାକୁ ଚାହୁଁଥିଲେ ମଧ୍ୟ ସେହି ଜଳରେ ପ୍ରବେଶକଲେ ଲୋକମାନଙ୍କର ସ୍ୱାସ୍ଥ୍ୟ ଖରାପ ହେବ ବୋଲି ଅନୁଭବ କରି ଦିଲ୍ଲୀ ହାଇକୋର୍ଟ ଲୋକମାନଙ୍କୁ ଯମୁନା ଜଳରେ ଛଟ୍ ପୂଜା କରିବାପାଇଁ ମନା କରିଦେଇଛନ୍ତି । ଯମୁନା ନଦୀ କୂଳରେ ଦିଲ୍ଲୀ ମହାନଗର ଶହଶହ ବର୍ଷତଳେ ଗଢିଉଠିଥିଲା । ଏବେ ଯମୁନା ନଦୀର ଉପର ମୁଣ୍ଡରେ ଥିବା ସହର ଗୁଡିକର ବର୍ଜ୍ୟ ଜଳ ଏବଂ ଦିଲ୍ଲୀର ବର୍ଜ୍ୟଜଳକୁ ନେଇ ଦିଲ୍ଲୀ ନିକଟରେ ଯମୁନା ଏତେ ପରିମାଣରେ ଦୂଷିତ ଯେ ଏହି ଜଳ ଭିତରକୁ ଗଲେ ଲୋକମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଦିଲ୍ଲୀ ହାଇକୋର୍ଟ ଅନୁଭବ କରୁଛନ୍ତି । ଅନ୍ୟପକ୍ଷରେ ଯମୁନାର ଜଳ ଦିଲ୍ଲୀ ନିକଟରେ ସବୁଠାରୁ ଦୂଷିତ ବୋଲି ଅକ୍ଟୋବର ଶେଷ ସପ୍ତାହରେ ଏକ ସରକାରୀ ରିପୋର୍ଟ ପ୍ରକାଶ ପାଇଛି । କୌଣସି କାରଖାନାର ବର୍ଜ୍ୟ ଜଳ ଯେପରି ବ୍ୟବହାର ଅନୁପଯୋଗୀ ହୋଇ ସେଥିରୁ ଫେଣ ବାହାରେ , ଦିଲ୍ଲୀ ନିକଟରେ ଯମୁନା ଜଳରେ ସେହିଭଳି ମେଞ୍ଚା ମେଞ୍ଚା ଫେଣ ଭାସୁଛି । ଏହି ପରିପ୍ରେକ୍ଷୀରେ ଛଟପୂଜା ଉପଲକ୍ଷେ ଦିଲ୍ଲୀରେ ହଜାରେଟି ସ୍ଥାନରେ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଛଟପୂଜା ନିମନ୍ତେ କୃତ୍ରିମ ଜଳାଶୟର ଆୟୋଜନ କରାଯାଇଛି ।

ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଗ୍ର ଓଡିଶାରେ ବିଭିନ୍ନ ଜଳାଶୟ ଗୁଡିକରେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ଭାବରେ ପାଳନ କରାଯାଉଛି । ଆଜି ସମଗ୍ର ଦେଶର ବିଭିନ୍ନ ପାରମ୍ପରିକ ଏବଂ ସ୍ଥାୟୀ ଜଳ ଉତ୍ସ ଗୁଡିକ କ୍ରମାଗତ ଭାବରେ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହେବାରେ ଲାଗିଛି । ଏ ଦୃଷ୍ଟିରୁ ବୋଇତ ବନ୍ଦାଣ ଉତ୍ସବ ଦିନ ଜଳ ପ୍ରଦୂଷଣ ବହୁ ମାତ୍ରାରେ ବଢ଼ିଯିବା ସମ୍ଭାବନା ଉପୁଜୁଛି । ବୋଇତ ବନ୍ଦାଣ କ୍ଷେତ୍ରରେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପରିବେଶ ଏବଂ ଜଳ ପ୍ରଦୂଷଣ ସମସ୍ୟା ନେଇ ଏତେ ସଚେତନ ହୋଇପାରିନାହୁଁ ।

ଅଳ୍ପଦିନ ତଳେ ଦୀପାବଳୀ ପାଳିତ ହୋଇଯାଇଛି । ବିଭିନ୍ନ ସହରରେ ଦୀପାବଳୀର ବାଣଫୁଟା ଯୋଗୁଁ ପ୍ରାୟ ଦୁଇଦିନ ପର୍ଯ୍ୟନ୍ତ ଧୂଆଁର ଏକ ଆସ୍ତରଣ ବାୟୁମଣ୍ଡଳର ନିମ୍ନ ଭାଗରେ ଘୋଡେଇ ହୋଇରହିଥିଲା । ଉଚ୍ଚ ଶବ୍ଦର ବାଣ ନଫୁଟେଇବା ପାଇଁ ସରକାରୀ ନିର୍ଦ୍ଦେଶ ଜାରି ହୋଇଥିବା ସତ୍ତ୍ୱେ ଲୋକେ ବିପୁଳ ପରିମାଣର ବାଣ ଫୁଟାଇଲେ । ବାଣ ଫୁଟେଇବାପାଇଁ ମାତ୍ର ଦୁଇଘଣ୍ଟା ସମୟ ସରକାରୀ ଭାବରେ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଲୋକେ ମାନିଲେ ନାହିଁ । ଏହାପରେ ପରିଣତିକୁ ଲୋକମାନେ ହିଁ ଭୋଗିଲେ । ବାୟୁ ପ୍ରଦୂଷଣ କ୍ଷେତ୍ରରେ ଲୋକମାନେ ସଚେତନ ରହିଲେନାହିଁ । ଏବେ ଜଳ ପ୍ରଦୂଷଣ ଧୀରେ ଧୀରେ ଭୂଗର୍ଭକୁ ମଧ୍ୟ ଗଲାଣି । ଭୂପୃଷ୍ଠର ବର୍ଜ୍ୟ ବସ୍ତୁ ଭୁପୃଷ୍ଠର ଜଳ ଉତ୍ସ ଗୁଡତ୍ରି ଦ୍ରବିଭୂତ ହୋଇ ଭୂଗର୍ଭସ୍ଥ ଜଳକୁ ମଧ୍ୟ ଅନେକ ସ୍ଥାନରେ ଦୂଷିତ କରିସାରିଲାଣି । ଭୂପୃଷ୍ଠର ଜଳରେ ପଲିଥିନ ଏବଂ ପ୍ଲାଷ୍ଟିକର ଅଣୁ କଣିକା ମିଶି ସମ୍ପୂର୍ଣ୍ଣରୂପେ ପାନୀୟ ଅନୁପଯୋଗୀ ହୋଇ ସାରିଛି ।



ଏହି ପ୍ରସଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପ୍ରତି ସଚେତନ ନରହିଲେ ଏହା ପ୍ରତ୍ୟକ୍ଷ ଭାବରେ ମନୁଷ୍ୟ, ପଶୁପକ୍ଷୀ ଆଦି ସମସ୍ତ ପ୍ରାଣୀ ଜଗତ ଓ ଜଳଜ ଉଦ୍ଭିଦ ଉପରେ କ୍ଷତିକାରକ ପ୍ରଭାବ ପକାଇବ । ଏବେ ତ ରାଜ୍ୟର ସମସ୍ତ ବଡ଼ ବଡ଼ ସହର ଗୁଡିକର ବର୍ଜ୍ୟ ଜଳ ନଦୀ ଗୁଡିକରେ ହିଁ ମିଶୁଛି । କଟକ ମହାନଗରର ଜଳ କାଠଯୋଡ଼ିରେ ଓ ଭୁବନେଶ୍ୱର ମହାନଗରର ବର୍ଜ୍ୟ ଜଳ ଗଙ୍ଗୁଆ ନଦୀ ମାଧ୍ୟମରେ ଦୟାନଦୀରେ ମିଶୁଛି । ସେସବୁର ବିଶୋଧନ ସମ୍ଭବ ହୋଇପାରୁନାହିଁ ।

କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ ଉତ୍ସବ ଯେତିକି ଧାର୍ମିକ ଗୁରୁତ୍ୱ ବହନ କରେ ସେତିକି ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରେ । ଏହା ରାଜ୍ୟରେ ଏକ ସାର୍ବଜନୀନ ପର୍ବ ଭାବରେ ପରିଗଣିତ ହେଉଛି । ଅତୀତର ଉତ୍କଳୀୟ ନୌବାଣିଜ୍ୟର ପରମ୍ପରା ଓ ସଂସ୍କୃତିକୁ ବହନ କରି ଏହି ପର୍ବ ପାଳିତ ହେଉଛି । ତେବେ ଏ କ୍ଷେତ୍ରରେ ପ୍ରାଚୀନ ଉତ୍କଳର ପରମ୍ପରା ଭାବରେ ଏକ ସନ୍ତକ ଧର୍ମୀ ଡଙ୍ଗା ପ୍ରାୟ ପ୍ରତ୍ୟେକ ଓଡ଼ିଆ ବୋହୂ ପୂର୍ଣ୍ଣମୀ ଦିନ ସକାଳୁ କୌଣସି ଏକ ଜଳାଶୟରେ ଭସେଇ ଦେଇ ଆସନ୍ତି । ଏହି ଡ଼ଙ୍ଗା ଭସା କାର୍ଯ୍ୟକ୍ରମଟିକୁ ବୋଇତ ବନ୍ଦାଣ ଭାବରେ ପାଳନ କରାଯାଏ । ଡ଼ଙ୍ଗାଟିଏ ଜଳରେ ଭସାଇବାବେଳେ ଏକଥା ମଧ୍ୟ କୁହାଯାଏ ଯେ 'ଆ କା ମା ବୈ , ପାନ ଗୁଆ ଥୋଇ , ମାସକ ଧର୍ମ ତୋର, ଦିନକ ଧର୍ମ ମୋର ' ଏହି ପଦଟିର ଅର୍ଥ ହେଲା ଆଷାଢ଼ କାର୍ତ୍ତିକ ମାଘ ବୈଶାଖ ଏହି ଚାରୋଟି ମାସ ଅତ୍ୟନ୍ତ ପବିତ୍ର ମାସ । ଏଥିମଧ୍ୟରୁ କାର୍ତ୍ତିକ ମାସଟି ସବୁଠାରୁ ପବିତ୍ର । ଏହି ପବିତ୍ର ମାସରେ ଲୋକମାନେ ମାସ ବ୍ୟାପି ବିଭିନ୍ନ ଧର୍ମ କାର୍ଯ୍ୟ କରନ୍ତି । ଏହି କାର୍ତ୍ତିକ ମାସରେ ଉତ୍କଳର ପ୍ରାଚୀନ ସାଧବମାନେ ଦରିଆପାରି ନୌବାଣିଜ୍ୟ କରିବାପାଇଁ ଯାତ୍ରା ଆରମ୍ଭ କରୁଥିଲେ । ଏହି ଯାତ୍ରାର ଶୁଭକାମନା କରି ବୋଇତରେ ପାନ ଗୁଆ ଭଳି ଓଡ଼ିଆ ପରମ୍ପରାର ଦୈନନ୍ଦିନ ବ୍ୟବହୃତ ପଦାର୍ଥ ରଖାଯିବା ସହ ବାଣିଜ୍ୟ ଦ୍ରବ୍ୟ ମଧ୍ୟ ରଖାଯାଏ । ବର୍ତ୍ତମାନର ବୋଇତ ବନ୍ଦାଣ ଉତ୍ସବରେ ଏହି ପ୍ରାଚୀନ ପରମ୍ପରାର ସନ୍ତକ ସ୍ୱରୂପ ସନ୍ତକ ଡ଼ଙ୍ଗାଟିରେ ପାନ ଗୁଆ , ଧୂପ, ଦୀପ, ମୁଦ୍ରା, ଫଳ, ଫୁଲ, ପିଠାପଣା, ଚାଉଳ, ବିରି ଆଦି ଶଷ୍ୟ ଅଳ୍ପ ଅଳ୍ପ ଥୋଇ ଏହି ଡ଼ଙ୍ଗାଟିକୁ ଜଳରେ ଭସେଇ ଦିଆଯାଏ । ଏହି ଡ଼ଙ୍ଗାଟି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଏକ ସନ୍ତକ ତେଣୁ ଏହାକୁ ସାଧାରଣତଃ ଏକ କଦଳୀ ବାହୁଙ୍ଗାରେ ତିଆରି କରାଯାଏ । କିନ୍ତୁ ସମୟକ୍ରମେ ସାଂସ୍କୃତିକ ବିବର୍ତ୍ତନ ଧାରାରେ ଏହି କଦଳୀ ପଟୁଆର ଡ଼ଙ୍ଗାଟି ଆଜି ଥର୍ମକୁଲ, ପ୍ଲାଷ୍ଟିକ, ପଲିଥିନ ଦ୍ରବ୍ୟ, କାଗଜ ପଟି ଆଦିରେ ପରିଣତ ହୋଇଗଲାଣି ଏହି ସବୁ ପଦାର୍ଥ ଜଳରେ ମିଶିଲେ ଜଳକୁ ଅତିମାତ୍ରାରେ ଦୂଷିତ କରିପକାଉଛି । ବିଶେଷକରି ପ୍ଲାଷ୍ଟିକ ଓ ସିନଥେଟିକ ପଦାର୍ଥର ପ୍ରସ୍ତୁତ ଡ଼ଙ୍ଗା ଗୁଡିକ ଜଳ ପ୍ରଦୂଷଣ କ୍ଷେତ୍ରରେ ସବୁଠାରୁ ବିପଦଜନକ ପଦାର୍ଥ । ଏହିସବୁ ପଦାର୍ଥର ଅଣୁ କଣିକା ଜଳରେ ମିଶିଲେ ଏବଂ ସେହି ଜଳକୁ କୌଣସି ପ୍ରକାରରେ ପାନୀୟ ଜଳ ଭାବରେ ବ୍ୟବହାର କରିଲେ ତାହା କର୍କଟ ଭଳି ଭୟଙ୍କର ରୋଗର କାରଣ ହୁଏ ବୋଲି ପରିବେଶବିତମାନେ ସୂଚେଇ ଦେଲେଣି । ଧର୍ମ ଏବଂ ପରମ୍ପରାର ମିଶ୍ରଣରେ ଆମେ ପାଳନ କରୁଥିବା ଏହି ପର୍ବ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବରେ ଜଳ ପ୍ରଦୂଷଣର କାରଣ ପାଲଟିଲାଣି । ବିଶେଷକରି ସହରାଞ୍ଚଳ ଗୁଡିକରେ ବର୍ତ୍ତମାନ ପୋଖରୀ ଗଡିଆ ଭଳି ଜଳ ଉତ୍ସ ଗୁଡିକ କ୍ରମେ ଲୋପ ପାଇଯାଉଥିବା , ସେସବୁକୁ ପୋତି ସେହି ସ୍ଥାନରେ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ ହେଉଥିବା ଆଦି ଦେଖିବାକୁ ମିଳୁଛି । ତେଣୁ ଜଳାଶୟ ଗୁଡିକର ସଂଖ୍ୟା ସହରାଞ୍ଚଳ ଗୁଡିକରେ କମି କମି ଆସୁଛି । ଜୈବ ବିବିଧତା ରକ୍ଷା କ୍ଷେତ୍ରରେ ଜଳାଶୟ ଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମାଛ, ବେଙ୍ଗ, ଗେଣ୍ଡା, ଶାମୁକା ବିଭିନ୍ନ ଜଳଜୀବ , ଜଳଜ ଉଦ୍ଭିଦ ଆଦି ପ୍ରକୃତି ଏବଂ ପରିବେଶର ଯେଭଳି ଅଂଶ ଠିକ ସେହିପରି ଜଳ ଜୀବ ମାନଙ୍କୁ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ବଗ, ଡାହୁକ, ପାଣିକୁଆ, ମାଛ ରଙ୍କା, ହଂସ, ହଂସରାଳି ଆଦି ପକ୍ଷୀମାନେ ମଧ୍ୟ ପରିବେଶର ଅଂଶ । ଦୂଷିତ ଜଳରେ ଏସବୁ ଜଳଚର ପ୍ରାଣୀଙ୍କ ସହିତ ପକ୍ଷୀମାନେ ମଧ୍ୟ ଆକ୍ରାନ୍ତ ହେଲେଣି । ଜଳାଶୟକୁ ନେଇ ବଞ୍ଚୁଥିବା ଡାହୁକ ଆଜି ବିଲୁପ୍ତ ପ୍ରାୟ । ଜଳାଶୟର ବିନଷ୍ଟରେ ରାଷ୍ଟ୍ରୀୟ ଫୁଲ ପଦ୍ମ ଏବଂ କଇଁ ଭଳି ଜଳଜ ଉଦ୍ଭିଦ ମଧ୍ୟ ବିଲୁପ୍ତ ପ୍ରାୟ । ପରିବେଶର ଏଭଳି ନକାରାତ୍ମକ ପରିବର୍ତ୍ତନ ଘଟୁଥିବା ସମୟରେ ବୋଇତ ବନ୍ଦାଣ ଦିନ ଜଳାଶୟ ଗୁଡିକରେ ଭସେଇ ଦିଆଯାଉଥିବା କ୍ଷୁଦ୍ର ଡ଼ଙ୍ଗାଟି ଜଣେ ବ୍ୟକ୍ତିପାଇଁ ଗୋଟିଏ ହୋଇପାରେ, କିନ୍ତୁ ସାହସ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଜନ ବସତିର ସାମୂହିକ ବୋଇତ ବନ୍ଦାଣ ଜଳାଶୟ ଗୁଡିକୁ ଅତି ମାତ୍ରାରେ ଦୂଷିତ କରିପକାଉଛି । ବୋଇତ ବନ୍ଦାଣ ପରେ ଏହି ସବୁ କ୍ଷୁଦ୍ର ଡଙ୍ଗା ସହ ଭାଷମାନ ଆବର୍ଜନାକୁ ତୁରନ୍ତ ପାଣିରୁ ଛାଣି ବାହାର କରାଯିବାର ଆବଶ୍ୟକତା ଥିବାବେଳେ ଏଭଳି କରି ଜଳାଶୟ ଗୁଡିକୁ ପରିଷ୍କାର କରିବାପାଇଁ ଲୋକମାନଙ୍କର ତତ୍ପରତା ପ୍ରକାଶ ପାଏନାହିଁ । ଧାର୍ମିକ ଓ ସାଂସ୍କୃତିକ ମାନସିକତା ଅନ୍ତରାଳରେ ପରିବେଶ ପ୍ରଦୂଷଣ ଜନିତ ଭୟଙ୍କର ସମସ୍ୟାଟି ଲୁଚିଯାଏ ।

ଆଜି ସହରାଞ୍ଚଳ ଗୁଡିକରେ ଥିବା ପୋଖରୀରେ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଗାଧୋଉ ନାହାନ୍ତି । ଏଭଳି ସଚେତନ ଥିବା ବ୍ୟକ୍ତିମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାକୃତିକ ତଥା କୃତ୍ରିମ ଜଳାଶୟ ଗୁଡିକୁ ପରିଷ୍କାର ରଖିବା ଦିଗରେ ଚିନ୍ତାକରିବା ଆବଶ୍ୟକ । କାର୍ତ୍ତିକ ପୂର୍ଣ୍ଣମୀ ଦିନ ବିଭିନ୍ନ ଜଳ ଉତ୍ସ ଗୁଡିକର ସର୍ବାଧିକ ପ୍ରଦୂଷଣ ହେଉଥିବା ଲକ୍ଷ୍ୟ କରାଯାଉଛି । ଏଣୁ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ' ଜଳ ଉତ୍ସ ସୁରକ୍ଷା ଦିବସ ' ଭାବରେ ପାଳନ କରି ସବୁ ଜଳାଶୟ ଗୁଡିକୁ ବିଭିନ୍ନ ପ୍ରକାର ପ୍ରଦୂଷଣରୁ ମୁକ୍ତ କରିବାପାଇଁ ପରିଷ୍କାର କରାଯିବା କାର୍ଯ୍ୟକ୍ରମକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରାଯିବାର ସମୟ ଆସିଯାଇଛି ।

ଏକଥା ମନେ ରଖିବାକୁ ପଡିବ ଯେ ଜଳ ହିଁ ଜୀବନ ଏବଂ ପ୍ରଦୂଷିତ ଜଳ ମାନବ ସମାଜର ତଥା ପ୍ରାଣୀ ଜଗତର ସର୍ବାଧିକ କ୍ଷତି ଘଟାଉଛି । ନିକଟରେ ହୋଇଯାଇଥିବା ଦୁର୍ଗାପୂଜା ଏବଂ ଅନ୍ୟାନ୍ୟ ପୂଜା ଗୁଡିକ ପରେ ମୂର୍ତ୍ତି ବିସର୍ଜନ ଦ୍ୱାରା ଜଳପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଗାଡିଆ ଖୋଳି ସେଥିରେ ବିସର୍ଜନ ବ୍ୟବସ୍ଥା ବିଭିନ୍ନ ସ୍ଥାନରେ ସ୍ଥାନୀୟ ପ୍ରଶାସନ ମାନେ କରିଛନ୍ତି । ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପାରମ୍ପରିକ ଜଳଉତ୍ସ ନଦୀ, ପୋଖରୀ ଗଡିଆ ଆଦି ଜଳାଶୟରେ ବୋଇତ ବନ୍ଦାଣ ପରିବର୍ତ୍ତେ ମୂର୍ତ୍ତି ବିସର୍ଜନ ଶୈଳୀରେ କିଛି ଜଳାଶୟ ତିଆରି ସେଠାରେ କରାଗଲେ ଜଳ ଉତ୍ସ ଗୁଡିକ ପ୍ରଦୂଷଣରୁ ମୁକ୍ତ ରହି ପାରିବ । ଆସନ୍ତୁ ଏହିଦିନ ଜଳଉତ୍ସ ଗୁଡିକୁ ପରିଷ୍କାର କରିବା ନିମିତ୍ତ ଉଦ୍ୟମକରିବା ।


*ଜାଗମରା,ଖଣ୍ଡଗିରି , ଭୁବନେଶ୍ୱର ।*

*ସମ୍ପର୍କ : ୯୩୩୭୦୧୫୮୮୨*

# ଖାନ୍ ଏକାଡେମୀ ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ମାଗଣା ଏଆଇ ଟୁଲ୍ 'ଖାନ୍ମିଗୋ' ଆରମ୍ଭ କରିଛି

**ଶିକ୍ଷକମାନେ ଖାନ୍ ଏକାଡେମୀ ପ୍ଲାଟଫର୍ମରେ ଖାନ୍ମିଗୋକୁ ମାଗଣାରେ ଆକ୍ସେସ୍ କରିବାକୁ ସକ୍ଷମ ହେବେ, ଯେଉଁଥିରେ ପାଠ ପ୍ରସ୍ତୁତିକୁ ସରଳ କରିବା, ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତକୃତ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ଶ୍ରେଣୀଗୃହ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଉପଯୋଗୀ ଉପକରଣ ରହିଛି ।**

**ନୂଆଦିଲ୍ଲୀ :** ଯେକୌଣସି ସ୍ଥାନରେ ଯେକୌଣସି ସ୍ଥାନରେ ଯେକୌଣସି ବ୍ୟକ୍ତିଙ୍କୁ ଦେୟମୁକ୍ତ, ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ଖାନ୍ ଏକାଡେମୀ, ୧୪ ନଭେମ୍ବର ୨୦୨୪ରୁ ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ମାଗଣା, ଏଆଇ ଚାଳିତ ଟୁଲ୍ ଖାନ୍ମିଗୋ ଲଞ୍ଚ୍ କରିବାକୁ ଘୋଷଣା କରିଛି । ଏହି ଶୁଭାରମ୍ଭ ଅବସରରେ ଶିକ୍ଷକମାନେ ଦେୟମୁକ୍ତ ଭାବରେ ଖାନ୍ମିଗୋକୁ ଶିକ୍ଷା ସହାୟକ ଭାବେ ବ୍ୟବହାର କରିପାରିବେ । ଏହା ଉଭୟ ଇଂରାଜୀ ଏବଂ ହିନ୍ଦୀରେ ଉପଲବ୍ଧ ଅଟେ, ଏବଂ ଖାନ୍ମିଗୋ ଏକ ଏଆଇ ଶିକ୍ଷା ସହାୟକ ଅଟେ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ଏକ ପ୍ରଶିକ୍ଷକ ଅଟେ ଯାହାକୁ ଶିକ୍ଷକଙ୍କ ଦକ୍ଷତା ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି । ଉନ୍ନତମାନର ଶିକ୍ଷାସମ୍ପଦକୁ ସମସ୍ତ ଭାଷାରେ ଉପଲବ୍ଧ ଏବଂ ପ୍ରଭାବଶାଳୀ କରିବା ପାଇଁ ଖାନ୍ ଏକାଡେମୀର ପ୍ରତିବଦ୍ଧତା ଉପରେ ଏହି ଶୁଭାରମ୍ଭ ଆଧାରିତ ଅଟେ ।

ଶିକ୍ଷକମାନେ ଖାନ୍ ଏକାଡେମୀ ପ୍ଲାଟଫର୍ମରେ ଖାନ୍ମିଗୋକୁ ମାଗଣାରେ ଆକ୍ସେସ୍ କରିବାକୁ ସକ୍ଷମ ହେବେ, ଯେଉଁଥିରେ ପାଠ ପ୍ରସ୍ତୁତିକୁ ସରଳ କରିବା, ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତକୃତ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ଶ୍ରେଣୀଗୃହ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଉପଯୋଗୀ ଉପକରଣ ରହିଛି । ବିଶ୍ୱବ୍ୟାପୀ ଶିକ୍ଷକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ଖାନ୍ମିଗୋରେ ବିଭିନ୍ନ କଠିନତା ସ୍ତରର ଅନେକ ସହଜ ବୈଶିଷ୍ଟ୍ୟ ଅଛି, ଯେପରିକି ପାଠ୍ୟକ୍ରମ-ସଂଯୋଜିତ ମୂଲ୍ୟାୟନ, ସୃଜନଶୀଳ ପାଠ ଧାରଣା ଏବଂ କ୍ଷୁଦ୍ର ଅଧ୍ୟାୟ ସାରଣୀ । ଏହି ଉପକରଣ ମାଧ୍ୟମରେ ଶିକ୍ଷକମାନେ ଶ୍ରେଣୀଗୃହରେ ଶିକ୍ଷାଦାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ଆବଶ୍ୟକତା ଉପରେ ଅଧିକ ଧ୍ୟାନ ଦେଇପାରିବେ ।

ଖାନ୍ ଏକାଡେମୀ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ବାସୁଦେବନ ଖାନ୍ମିଗୋର ଉନ୍ମୋଚନ ଅବସରରେ ଉତ୍ସାହ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି, 'ଶିଶୁ ଦିବସର ଏହି ବିଶେଷ ଅବସରରେ ଆମେ ସାରା ଭାରତର ସମସ୍ତ ଶିକ୍ଷକଙ୍କ ପାଇଁ ଖାନ୍ମିଗୋକୁ ଦେୟମୁକ୍ତ ଭାବରେ ଉପଲବ୍ଧ କରାଇଥିବାରୁ ଆନନ୍ଦିତ । ଖାନ୍ ଏକାଡେମୀରେ, ଆମେ ବିଶ୍ୱାସ କରୁ ଯେ ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ସାମର୍ଥ୍ୟକୁ ଉନ୍ମୋଚନ କରିବାର ଚାବିକାଠି ଅଟନ୍ତି ଏବଂ ଖାନ୍ମିଗୋ ପ୍ରଦାନ କରି ଆମେ ଶିକ୍ଷକମାନଙ୍କୁ ସଶକ୍ତ କରୁଛୁ ଯାହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଏକ ବ୍ୟକ୍ତିଗତ ଏବଂ ପ୍ରଭାବଶାଳୀ ଶିକ୍ଷଣ ଅଭିଜ୍ଞତା ପାଇବେ । ଆମର ଲକ୍ଷ୍ୟ ହେଉଛି ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧତାର ପ୍ରତିବନ୍ଧକକୁ ଭାଙ୍ଗିବା, ଯାହା ଦ୍ୱାରା ଶିକ୍ଷକମାନେ ଭାରତର ପିଲାମାନଙ୍କୁ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟରେ ପହଞ୍ଚିବା ପାଇଁ ପ୍ରେରଣା ଏବଂ ସହାୟତା କରିପାରିବେ ।'

ଅନ୍ୟ ଦେଶରେ ଖାନ୍ମିଗୋ ଉପଲବ୍ଧ ହେବା ପରେ ଭାରତରେ ଶିକ୍ଷକମାନଙ୍କ ପାଇଁ ଏହା ଏକ ଦେୟମୁକ୍ତ ଉପକରଣ ଭାବରେ ଆରମ୍ଭ ହୋଇଛି ଏବଂ ଟେକ୍ନୋଲୋଜି ମାଧ୍ୟମରେ ଶିକ୍ଷା ସୁଯୋଗର ବିସ୍ତାର କରିବା ପାଇଁ ଖାନ୍ ଏକାଡେମୀର ମିଶନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତରେ ଶିକ୍ଷକମାନେ ଖାନ୍ ଏକାଡେମୀ ପ୍ଲାଟଫର୍ମରେ କେବଳ ଏକ ଶିକ୍ଷକ ଆକାଉଣ୍ଟ ସୃଷ୍ଟି କରି ସେମାନଙ୍କ ଦେୟମୁକ୍ତ ଖାନ୍ମିଗୋ ଶିକ୍ଷକ ସହାୟକ ପାଇପାରିବେ ଏବଂ ସେମାନଙ୍କ ଶିକ୍ଷଣ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଏଆଇ ଦକ୍ଷତା ଏବଂ ସମ୍ବଳ ପାଇପାରିବେ ।

ଖାନ୍ମିଗୋର ପାଇଲଟ୍ ପ୍ରକୃତିକୁ ଗ୍ରହଣ କରି, ଖାନ୍ ଏକାଡେମୀ ଏହି କାର୍ଯ୍ୟାନ୍ୱୟନକୁ ଏପରି ଏକ କାର୍ଯ୍ୟ ଭାବରେ ବିବେଚନା କରେ, ଯାଉଁଥିରେ ବାସ୍ତବ ଦୁନିଆରେ ଏହାର ବ୍ୟବହାରର ଅଭିଜ୍ଞତା ଆଧାରରେ ନିରନ୍ତର ଉନ୍ନତି କରାଯିବ । ଡିଜିଟାଲ୍ ସାକ୍ଷରତା, ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଏଆଇ ର ଦାୟିତ୍ୱପୂର୍ଣ୍ଣ ବ୍ୟବହାରରେ ଦକ୍ଷତା ବୃଦ୍ଧି କରିବା ପାଇଁ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଖାନ୍ମିଗୋ ସହିତ ଜଡ଼ିତ ହେବାକୁ ଉତ୍ସାହିତ କରାଯାଉଛି ।

# ଭାରତ ସଞ୍ଜିବନୀ କୃଷି ଉତ୍ଥାନ୍ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର: ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଲିମିଟେଡ୍ (ଆଇବିଏଲ୍) ଓ ଆଇବିଏଲ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଭାରତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଲିମିଟେଡ୍ (ବିଆଇଏଫ୍ଏଲ୍) ପକ୍ଷରୁ ଭାରତ ସଞ୍ଜିବନୀ କୃଷି ଉତ୍ଥାନ୍ ଅଭିଯାନର ଶୁଭାରମ୍ଭ ଲାଗି ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର ଘୋଷଣା କରାଯାଇଛି । ଏହି ଅଭିଯାନରେ ସାରା ଦେଶରେ ଏଫପିଓଙ୍କୁ ସଶକ୍ତ କରିବା ଲାଗି ଦୃଢ଼ ଫ୍ରେମ୍‌ୱର୍କ ପ୍ରଦାନ କରି ଭାରତ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ "୧୦,୦୦୦ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ପ୍ରସାର'କୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ଏଫପିଓଗୁଡ଼ିକ କୃଷକମାନଙ୍କୁ ସେମାନଙ୍କର ମୁଲଚାଲ ଶକ୍ତି ବୃଦ୍ଧି କରିବା, ଅର୍ଥନୀତିର ଲାଭ ଉଠାଇବା, ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏବଂ ସେମାନଙ୍କ କୃଷିଜାତ ଦ୍ରବ୍ୟର ଏକତ୍ରୀକରଣ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ କରନ୍ତି । ଏହା ଚାଷୀମାନଙ୍କ ସ୍ଥାୟୀ ଆୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି କେନ୍ଦ୍ରୀୟ କ୍ଷେତ୍ର ଯୋଜନା କୃଷି, ବିଶେଷ କରି ଅବହେଳିତ କୃଷକମାନଙ୍କ ଉତ୍ପାଦକତା ଏବଂ ଲାଭବୃଦ୍ଧି ପାଇଁ ସରକାରଙ୍କ ବ୍ୟାପକ ରଣନୀତିର ଏକ ଅଂଶ । ବିଏଫ୍ଆଇଏଲ୍ ଏବଂ ଆଇବିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପ ମାଧ୍ୟମରେ ପରିଚାଳିତ ଏହି ସହଯୋଗିତା ଲକ୍ଷ୍ୟ ହେଉଛି ଆନ୍ଧ୍ରପ୍ରଦେଶ, ବିହାର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ତେଲେଙ୍ଗାନା, ଉତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ୧୧ଟି ରାଜ୍ୟରେ କୃଷି ଉତ୍ପାଦକତା ବୃଦ୍ଧି, ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ କୃଷକଙ୍କ ଆୟରେ କ୍ରମାଗତ ଉନ୍ନତି ଆଣିବା ।

ଭାରତ ସଞ୍ଜୀବନୀ ସଂସ୍କୃତି ଉତଥାନ କାର୍ଯ୍ୟକ୍ରମ ଅଧୀନରେ ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ ଜାତୀୟ ସ୍ତରରେ ଏକ କେନ୍ଦ୍ରୀୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (ସିପିଏମୟୁ) ପ୍ରତିଷ୍ଠା କରିବେ ଏବଂ ଏଫପିଓ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ପ୍ରଭାବଶାଳୀ ଭାବେ ତଦାରଖ, ସମର୍ଥନ ଏବଂ ମାର୍ଗଦର୍ଶନ କରିବେ । ଏହି ବୁଝାମଣାପତ୍ର ଗ୍ରାମୀଣ ସଶକ୍ତୀକରଣ ପାଇଁ ଅଭିନବ ସରକାରୀ-ଘରୋଇ ସହଯୋଗିତା ସ୍ଥାପନ ପ୍ରୟାସ ଉପରେ ଆଲୋକପାତ କରୁଛି । ଏଫପିଓ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ କର୍ପୋରେଟ ସଂସ୍ଥାଗୁଡିକ ସହିତ କୃଷି ମନ୍ତ୍ରଣାଳୟର ଏହା ପ୍ରଥମ ଆନୁଷ୍ଠାନିକ ସହଯୋଗିତା । ଏହି ବୁଝାମଣା ଜରିଆରେ ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ ଡାଟା ପରିଚାଳନା, ଦକ୍ଷତା ବୃଦ୍ଧି ଏବଂ ଆଇଟି ଭିତିଭୂମି ଭଳି କ୍ଷେତ୍ରରେ ବୈଷୟିକ ସହାୟତା ପ୍ରଦାନ କରିବେ । ଏଥି ସହିତ ଏଫପିଓମାନଙ୍କୁ ସେମାନଙ୍କ କାର୍ଯ୍ୟକୁ ଉନ୍ନତ କରିବା, ସ୍ଥିରତା ସୃଷ୍ଟି କରିବା ଏବଂ ସେମାନଙ୍କ ବ୍ୟବସାୟକୁ ବ୍ୟାପକ କରିବାରେ ସାହାଯ୍ୟ କରି ସେମାନଙ୍କ ପାଇଁ ଏକ ସ୍ଥାୟୀ ଅଭିବୃଦ୍ଧି ପଥ ସୃଷ୍ଟି କରିବେ । ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ କୃଷି/ଉଦ୍ୟାନ କୃଷି ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା, ବଜାର ସଂଯୋଗ, ଶୀତଳଭଣ୍ଡାର ଶୃଙ୍ଖଳା, ସାମାଜିକ କ୍ଷେତ୍ର ଇତ୍ୟାଦି କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବେ ।



**ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଲିମିଟେଡ୍ (ଆଇବିଏଲ୍) ଓ ଭାରତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଲିମିଟେଡ୍ (ବିଏଫ୍ଆଇଏଲ୍) ପକ୍ଷରୁ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷରିତ**

**ପ୍ରଯୁକ୍ତି ଓ ଅଭିଜ୍ଞତାକୁ ବ୍ୟବହାର କରି ଚାଷୀଙ୍କ ଆୟରେ ଉଲ୍ଲେଖନୀୟ ଉନ୍ନତି ଆଣି ସାରା ଦେଶର ୧୦,୦୦୦ କୃଷକ ଉତ୍ପାଦକ ସଂଗଠନକୁ ସହଯୋଗ ଲକ୍ଷ୍ୟ**

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ସମ୍ପର୍କରେ ଭାରତ ସରକାରଙ୍କ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଫୈଜ ଅହମ୍ମଦ କିଦୱାଇ କହିଛନ୍ତି ଯେ, "କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ ବିଆଇଏଫ୍ଏଲ୍ ଏବଂ ଆଇବିଏଲର ପ୍ରତିବଦ୍ଧତା ପ୍ରଶଂସନୀୟ । ଆଇଟି ସମାଧାନର ଉପଯୋଗ, ପ୍ରକଳ୍ପ ପରିଚାଳନା ସହାୟତା ପ୍ରଦାନ ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି କରି ବିଏଫ୍ଆଇଏଲ୍ ଏବଂ ଆଇବିଏଲର କୃଷକମାନଙ୍କୁ ତଥ୍ୟ ଆଧାରିତ ନିଷ୍ପତି ନେବା ଏବଂ ସେମାନଙ୍କ ଉତ୍ପାଦନ ଅଭ୍ୟାସକୁ ବୃଦ୍ଧି କରିବା ପାଇଁ ସଶକ୍ତ କରିବେ ଯାହା କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱରେ ଯୋଗଦାନ ପ୍ରଦାନ କରିବ ।"

ଆଇବିଏଲର ଇନକ୍ଲୁସିଭ୍ ବ୍ୟାଙ୍କିଙ୍ଗ୍, ସିଏସ୍ଆର୍ ଏବଂ ସଷ୍ଟେନେବିଲିଟି ମୁଖ୍ୟ ଶ୍ରୀନିବାସ ବୋନମ କହିଛନ୍ତି ଯେ, 'ଭାରତ ସରକାରଙ୍କ ସହ ଆମର ସହଯୋଗିତା ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଆମର ଯାତ୍ରାରେ ଏକ ମାଇଲଖୁଂଟକୁ ପ୍ରତିଫଳିତ କରୁଛି । କୃଷି ଆନୁଷଙ୍ଗିକ ସେବାରୁ କୃଷିର ମୁଖ୍ୟ ସ୍ରୋତକୁ ଆମର ସମର୍ଥନକୁ ବିସ୍ତାର କରି ଆମେ ଗ୍ରାମୀଣ ଭାରତ ପାଇଁ କୃଷି ରକ୍ଷଣାବେକ୍ଷଣ ଏବଂ ସଶକ୍ତୀକରଣର ଜାତୀୟ ଲକ୍ଷ୍ୟ ସହିତ ଯୋଡ଼ି ହୋଇଛୁ ।"

ବିଏଫ୍ଆଇଏଲ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଶ୍ରୀ ଜେ ଶ୍ରୀଧରନ୍ କହିଛନ୍ତି ଯେ, "ଏଫପିଓଗୁଡ଼ିକୁ ସମର୍ଥନ କରି ଭାରତ ସଞ୍ଜୀବନୀ କୃଷକ ଉତ୍ଥାନ ପଦକ୍ଷେପ ଆରମ୍ଭ କରିବା ପାଇଁ କୃଷି ମନ୍ତ୍ରଣାଳୟ ସହ ଏହି ବୁଝାମଣାପତ୍ର ମାଧ୍ୟମରେ ଆମେ ପ୍ରଯୁକ୍ତି ଆଧାରିତ ସମାଧାନରେ ଯୋଗଦାନ କରି ଗର୍ବ ଅନୁଭବ କରୁଛୁ । ଏହା କୃଷକମାନଙ୍କୁ ସିଧାସଳଖ ଉପକୃତ କରିବ । କୃଷି-ଆନୁଷଙ୍ଗିକ କ୍ଷେତ୍ରରେ ଆମର ନିରନ୍ତର କାର୍ଯ୍ୟ ଆମକୁ ବର୍ତ୍ତମାନ କୃଷିକ୍ଷେତ୍ରରେ ସମାନ ଦକ୍ଷତା ପ୍ରୟୋଗ କରିବାକୁ ଭଲ ଭାବରେ ପ୍ରସ୍ତୁତ କରିଛି ଯେଉଁଠାରେ ଆମେ ଶକ୍ତିଶାଳୀ, ଉତ୍ପାଦନଶୀଳ ଏଫପିଓ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ ଯାହା କୃଷକମାନଙ୍କ ଆୟକୁ ସୁଦୃଢ଼ ଏବଂ ସ୍ଥାୟୀ ଉପାୟରେ ଉନ୍ନତ କରିବ ।"

କୃଷକମାନଙ୍କୁ ସିଧାସଳଖ ବ୍ୟାପକ ପ୍ରାଣୀ ଚିକିତ୍ସା ସେବା ପ୍ରଦାନ କରି ଗ୍ରାମୀଣ ସମୁଦାୟକୁ ସହାୟତା କରୁଥିବା ଡିଜିଟାଲ ପଦକ୍ଷେପ ଭାରତ ସଞ୍ଜୀବନୀ ମାଧ୍ୟମରେ କୃଷି ଆନୁଷଙ୍ଗିକ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ସଫଳତାର ସହ ପ୍ରଦର୍ଶନ କରିବା ପରେ, ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ ବର୍ତ୍ତମାନ କୃଷି ମନ୍ତ୍ରଣାଳୟ ସହିତ ଏହି ସହଯୋଗିତା ମାଧ୍ୟମରେ କୃଷି କ୍ଷେତ୍ରକୁ ସେମାନଙ୍କର ସମର୍ଥନ ପ୍ରଦାନ କରୁଛନ୍ତି । ବିଏଫ୍ଆଇଏଲ୍, ଆଇବିଏଲ୍ ଏବଂ ମନ୍ତ୍ରଣାଳୟ ମିଳିତ ଭାବେ ତ୍ରୈମାସିକ ଭିତିରେ ଅଗ୍ରଗତିର ସମୀକ୍ଷା କରିବା ସହ ପ୍ରକଳ୍ପ ମାଇଲଖୁଂଟ ହାସଲ ସୁନିଶ୍ଚିତ କରିବେ ଏବଂ ଯେକୌଣସି ଆହ୍ୱାନର ମୁକାବିଲା କରିବେ ।

ଭାରତ ସରକାରଙ୍କ ସହ ଏହି ସହଯୋଗିତାକୁ ଆଧାର କରି ବିଏଫ୍ଆଇଏଲ୍ ଏବଂ ଆଇବିଏଲ୍ କୃଷକମାନଙ୍କୁ ଅତ୍ୟାବଶ୍ୟକ ସମ୍ବଳ ଏବଂ ସହାୟତା ପ୍ରଦାନ କରି ଭାରତର କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱ ପ୍ରତି ସେମାନଙ୍କର ସମର୍ପଣକୁ ଦୋହରାଇଛନ୍ତି ।

# ବେଦାନ୍ତ ସେସା ଗୋଆ ଦ୍ୱାରା ୫ ରାଜ୍ୟର ୧୦୦୦୦ରୁ ଅଧିକ ମହିଳା ଉଦ୍ୟୋଗୀ ଉପକୃତ

**ଭୁବନେଶ୍ୱର:** ନଭେମ୍ବର ୧୯ ସାରା ବିଶ୍ୱରେ ମହିଳା ଉଦ୍ୟୋଗୀ ଦିବସ ଭାବେ ମାନ୍ୟତା ପାଇଛି । ଏହି ଉତ୍ସବ ପାଇଁ ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ସ୍ୱପ୍ନକୁ ସଶକ୍ତ କରିବା, ଭବିଷ୍ୟତ ପାଇଁ ପ୍ରେରଣାଦାୟକ' । ବେଦାନ୍ତ ସେସା ଗୋଆ ଗତ ଦେଢ଼ ଦଶନ୍ଧି ମଧ୍ୟରେ ସ୍ୱପ୍ନକୁ ସଶକ୍ତ କରିବା ଏବଂ ମହିଳା ଗୋଷ୍ଠୀର ସଦସ୍ୟଙ୍କ ଉଦ୍ୟୋଗୀ ତଥା ଧନ୍ଦାମୂଳକ ଦକ୍ଷତା ବିକାଶ କରି ଭବିଷ୍ୟତକୁ ପ୍ରେରଣା ଦେବାକୁ ଚେଷ୍ଟା କରିଛି । ଏହାର ଲକ୍ଷ୍ୟ ହେଉଛି ନିରନ୍ତର ଉଦ୍ୟୋଗ ଏବଂ ଜାତିର କର୍ମକ୍ଷେତ୍ରରେ ଏକୀକରଣ ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ପାଇଁ ପଥ ସୃଷ୍ଟି କରି ମହିଳାମାନଙ୍କୁ ଅର୍ଥପୂର୍ଣ୍ଣ ଭାବରେ ସଶକ୍ତ କରିବା । ରୋଜଗାର ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରୟାସରେ କମ୍ପାନୀର ପ୍ରୋଗ୍ରାମଗୁଡିକ ସିଧାସଳଖ ଋଣ ଦେଇଥାଏ । ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟର ଫେବୃଆରୀ ୨୪ର ତଥ୍ୟ ଅନୁଯାୟୀ, ମହିଳାମାନଙ୍କ ପାଇଁ ଶ୍ରମ ଶକ୍ତି ଅଂଶଗ୍ରହଣ ହାର ୩୭% ଏବଂ ଉଦ୍ୟୋଗୀ ସୁଯୋଗ ମାଧ୍ୟମରେ ମହିଳାମାନଙ୍କର ମିଳିତ ସଂଖ୍ୟାକୁ ଆହୁରି ବଢ଼ାଇବାରେ ସାହାଯ୍ୟ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି । ବେଦାନ୍ତ ସେସା ଗୋଆ ଏହାର ବିଭିନ୍ନ ଭୌଗୋଳିକ ସ୍ତରରେ ପ୍ରାୟ ୧୦୦୦୦ ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ଏହାର ପ୍ରୋଜେକ୍ଟ 'ବିଦ୍ୟା', 'ଜୀଭିକା', 'ଆରୋଗ୍ୟ', 'ଗ୍ରାମ ନିର୍ମାଣ' ଏବଂ ବିକଳ୍ପ ଜୀବିକା ସୁଯୋଗ ପ୍ରକଳ୍ପ (ଏଏଲଓପି) ଏବଂ ପ୍ରୋଜେକ୍ଟ ଆରୋଗିଆ ଅଧୀନରେ ପ୍ରଭାବିତ କରିଛି ।



କମ୍ପାନୀର ପଦକ୍ଷେପ ସମ୍ପର୍କରେ ବେଦାନ୍ତ ସେସା ଗୋଆର ସିଇଓ ନବିନ ଜାଜୁ କହିଛନ୍ତି, ବେଦାନ୍ତ ସେସା ଗୋଆ ଅଧିକରୁ ଅଧିକ ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ଉଦ୍ୟୋଗୀ କାର୍ଯ୍ୟରେ ଏକୀକୃତ କରି ସ୍ଥାୟୀ ସମୃଦ୍ଧତା ପାଇଁ ରାସ୍ତା ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଥାଏ । ସେସା ବୈଷୟିକ ବିଦ୍ୟାଳୟରେ ବୈଷୟିକ କୌଶଳ, ବେଦାନ୍ତ ଟେଲରିଂ ଟ୍ରେନିଂ ସେଣ୍ଟରରେ ଧନ୍ଦାମୂଳକ ତାଲିମ ଏବଂ ଚାଷଜମି ଉତ୍ପାଦନ ଏବଂ ଗୋରୁ/ପଶୁପାଳନ ବୃଦ୍ଧି ପାଇଁ ମହିଳାମାନଙ୍କୁ ସଶକ୍ତ କରିବାକୁ ଆମେ ଚେଷ୍ଟା କରିଛୁ । ଗ୍ରାମାଂଚଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆମର ସମର୍ଥନ ମାଧ୍ୟମରେ, ଆମେ ମହିଳାମାନଙ୍କୁ ସୁଯୋଗ ଏବଂ ସ୍ଥାୟୀ ଉଦ୍ୟୋଗୀ ପ୍ରତିଷ୍ଠା ଏବଂ ଏକ ନିର୍ଭରଯୋଗ୍ୟ ରାଜସ୍ୱ ଷ୍ଟ୍ରିମ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଛୁ । ଅଧିକରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା ଏବଂ ଗୋଷ୍ଠୀ ମଧ୍ୟରେ ପୋଷଣ କରି ଆମେ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ।

ବେଦାନ୍ତ ସେସା ଗୋଆର ଏକ ମୁଖ୍ୟ ଦିଗ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିସ୍ତାରିତ ସମର୍ଥନ । ସେସା ଗୋଆ ଭାରତର ୫ଟି ରାଜ୍ୟରେ ପ୍ରାୟ ୨୦ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସକ୍ରିୟ ଭାବରେ ସଶକ୍ତ କରିଛି । ସେମାନଙ୍କୁ କଂଚାମାଲ ସୋର୍ସ କରି କିମ୍ବା ରାଜସ୍ୱ ପ୍ରବାହ ପ୍ରତିଷ୍ଠା ପାଇଁ ରାସ୍ତା ଏବଂ ପ୍ଲାଟଫର୍ମ ଯୋଗାଇ ଦେଇଛି । ଗୋଆର ବିଚୋଲିମ ଏବଂ ଆମୋନା ଅଂଚଳରେ ୧୧ ଟି ସ୍ୱୟଂ ସହାୟକ ଗୋଷ୍ଠୀ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ଧୂପ କାଠି ତିଆରି, ଶୁଖିଲା ସ୍ନାକ୍ସ, କ୍ୟାଟରିଂ ସେବା, କେକ୍, ଏବଂ ନଡ଼ିଆ ଭିତିକ ଦ୍ରବ୍ୟ ପରି ରସ ଏବଂ ତେଲ ଇତ୍ୟାଦିରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ମଧ କମ୍ପାନୀ ସହ ସହଭାଗୀ ହୋଇଛନ୍ତି । ପ୍ଲାଂଟ ସାଇଟ କ୍ୟାଂଟିନଗୁଡିକ ପାଇଁ ଭୋଜନ, ଏକ ସ୍ଥିର ଆୟର ଉତ୍ସ ସୃଷ୍ଟି କରାଯାଇଛି । ବର୍ଷ ବର୍ଷ ଧରି, ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛନ୍ତି, ଏଥିରେ ଉଲ୍ଲେଖନୀୟ ରୋଜଗାର ଏବଂ ସ୍ଥାନୀୟ ପ୍ରଦର୍ଶନୀ ଏବଂ ଉତ୍ସବରେ ଅଂଶଗ୍ରହଣ ବୃଦ୍ଧି ଘଟିଛି ।

ଭିଥୁ ମୌଲି ଗୃହ ଉଦ୍ୟୋଗର ସଦସ୍ୟ ଶ୍ରୀମତୀ ପୁରଭି କହିଛନ୍ତି, 'ବେଦାନ୍ତ ଏବଂ ଭାନାରାଇ ଦଳ ଦ୍ୱାରା ଏକ ସିମେଇ ୟୁନିଟ ପ୍ରତିଷ୍ଠା କରିବାର ଦକ୍ଷତା ଏବଂ ବ୍ୟବସାୟିକ ଆଶା ସହିତ ଆମକୁ ପରିଚିତ କରାଯାଇଥିଲା, ଯାହା ଆମ ପାଇଁ ଏକ ନୂତନ ଧାରଣା ଥିଲା । ଉପଯୁକ୍ତ ତାଲିମ ଏବଂ ନିରନ୍ତର ସମର୍ଥନ ପରେ, ଆମେ ବର୍ତ୍ତମାନ ଆମର ସ୍ଥାନୀୟ ବ୍ୟବସାୟ ପ୍ରତିଷ୍ଠା କରିଛୁ ।

ବେଦାନ୍ତ ସେସା ଗୋଆ, ବେଦାନ୍ତ ଫାଉଣ୍ଡେସନର ସହଯୋଗରେ ଗୋଆ, ମହାରାଷ୍ଟ୍ର, ଗୁଜୁରାଟ, ଓଡିଶା ଏବଂ କର୍ଣ୍ଣାଟକରେ ୬ଟି ବେଦାନ୍ତ ଟେଲରିଂ ଟ୍ରେନିଂ ସେଂଟର (ଭିଟିଟିସି) ପ୍ରତିଷ୍ଠା କରିଛି । ଏହି କେନ୍ଦ୍ରଗୁଡିକ ଜାତୀୟ ଦକ୍ଷତା ବିକାଶ ନିଗମ(ଏନଏସଡିସି) ଦ୍ୱାରା ପ୍ରମାଣିତ ବିସ୍ତୃତ ତାଲିମ ପାଠ୍ୟକ୍ରମ ପ୍ରଦାନ କରିଥାଏ । ଏହା ସୁନିଶ୍ଚିତ କରେ ଯେ ମହିଳାମାନେ ଶ୍ରେଷ୍ଠ ଶ୍ରେଣୀରେ ପ୍ରଶିକ୍ଷଣ ଗ୍ରହଣ କରନ୍ତି ଯାହା ଏଏସଡିସି ଦ୍ୱାରା ଯଥାର୍ଥ ଭାବରେ ସ୍ୱୀକୃତିପ୍ରାପ୍ତ । ଭିଟିଟିସି ସ୍ନାତକମାନେ ଛୋଟ ଟେଲରିଂ ଉଦ୍ୟୋଗ ପ୍ରତିଷ୍ଠା କରି ସେମାନଙ୍କ ଆର୍ଥିକ ସ୍ଥିରତା ବଢ଼ାଇବାକୁ ସକ୍ଷମ ହୋଇ ପାରିଛନ୍ତି ।

# ଲୁଇ ଫିଲିପ୍ ଏହି ବିବାହ ଋତୁ ପାଇଁ "ରୟାଲ ୱେଡ଼ିଙ୍ଗ ଟ୍ରେଜରସ"ର ଉପସ୍ଥାପନ କରୁଛି

**ଭୁବନେଶ୍ୱର:** ଲୁଇ ଫିଲିପ୍, ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡ଼ର ଅଂଶବିଶେଷ ଭାବରେ ଭାରତର ଏକ ଅଗ୍ରଣୀ ପ୍ରିମିୟମ ପୁରୁଷ ପରିଧାନ ବ୍ରାଣ୍ଡର ରୟାଲ ୱେଡ଼ିଙ୍ଗ ଟ୍ରେଜରସ ସମ୍ଭାରର ଶୁଭାରମ୍ଭ ଅତି ଗର୍ବର ସହିତ ଘୋଷଣା କରୁଛି ଯାହାକି ଆଧୁନିକ ବର ପାଇଁ ପ୍ରସ୍ତୁତ ଯେ କି ସମସାୟିକ ଷ୍ଟାଇଲକୁ ଗ୍ରହଣ କରୁଥିବା ବେଳେ ପାରମ୍ପରିକ ଷ୍ଟାଇଲକୁ ଆଦରି ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଏହି ସମ୍ଭାର ବ୍ରାଣ୍ଡର ଅଦ୍ୱିତୀୟ କଳାକୃତିକୁ ଉତରାଧିକାରୀ ସୂତ୍ରର ଏକ ପ୍ରମାଣ ତଥା ଆଧୁନିକତାକୁ ପରିମାର୍ଜିତ କରିବା ସହିତ ଆଜିର ବର ଏହାକୁ ନେଇ ସୁନିଶ୍ଚିତ ହେବା ସହିତ ଏହା ଏହି ବିଶେଷ ଦିବସରେ ସେମାନଙ୍କର ବିଶ୍ୱାସ ଏବଂ ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରିପାରିଛି ।




ଲୁଇ ଫିଲିପ୍ ଦ୍ୱାରା ବିଶ୍ୱସନୀୟତାର ଏହି ଅଦ୍ୱିତୀୟ "ରୟାଲ ୱେଡ଼ିଙ୍ଗ ଟ୍ରେଜରସ" ର ସମ୍ଭାର ପାରମ୍ପରିକ ତଥା ସାଂସ୍କୃତିକ ସମ୍ଭାରକୁ ଏହି ବିବାହ ଉତ୍ସବରେ ଆହୁରି ଉର୍ଦ୍ଧ୍ୱକୁ ନେବା ସହିତ ଏଥିରେ ସମନ୍ୱିତ ଭାବରେ ଆଧୁନିକ କଳା କୁଶଳତାର ଉପକରଣ ମହାନତା ତଥା ସାଂସ୍କୃତିକ ବୈଭବ ନିରବଚ୍ଛିନ୍ନ ଭାବରେ ଫୁଟି ଉଠୁଛି । ଏହି ସମ୍ଭାରର ପ୍ରତ୍ୟେକ କାମରେ କଳା ନୈପୁନ୍ୟତା, ଦକ୍ଷତାର ପ୍ରତିପାଦନ ହେବା ସହିତ ଏହା ପ୍ରିମିୟମ ବସ୍ତ୍ରରୁ ଆସିଅଛି ଯାହା ଭେଲଭେଟ ଏବଂ ସମ୍ପୂର୍ଣ୍ଣ ଭାବରେ ସୂକ୍ଷ୍ମକାରୀଗରିତାକୁ ଏଥିରେ ସଜାଇ ପାରିଛି । ବନ୍ଦଗଳା, ଯାହାକି ଏହାର ଅଭିନବ କଳା ଏମ୍ବ୍ରୋଡ଼ରୀର ଜଟିଳ କାମ ତଥା ରୟାଲ ମୋଟିଫ୍‌ସ ଦ୍ୱାରା ଅନୁପ୍ରାଣିତ ହୋଇଥିବା ବେଳେ ଏଥିରେ ପ୍ରତିଫଳିତ ହୋଇଛି କଳା ନୈପୁଣ୍ୟତାର ସଫଳ ସ୍ତର ଯାହାକି ବରମାନଙ୍କର ସାଜସଜାକୁ ଏକ ରିଗାଲର ମାନ୍ୟତା ଦେଇପାରିଛି । ସେହିମାନେ ଯେଉଁମାନେ କି ନିଖୁଣ ଐତିହ୍ୟ ତଥା ସମସାମୟିକ ସୁନ୍ଦରତା ଉପରେ ଇଚ୍ଛା ପ୍ରକଟ କରିଥାନ୍ତି ଏହି ସମ୍ଭାର ସେମାନଙ୍କୁ ଟୁ-ପିସ୍ ଏବଂ ଥ୍ରୀ-ପିସ୍ ସୁଟ୍ ତଥା ଉତ୍ସବମୁଖରିତ ସାର୍ଟର ଅକ୍ଷୟତାକୁ ପ୍ରଦାନ କରିପାରିବ । ଏହି ପରିପାଟିର ସ୍ୱାଦ ବ୍ରାଣ୍ଡଟିକୁ ଏକ କ୍ଲାସିକ୍ ଦକ୍ଷତାପୂର୍ଣ୍ଣ ପୋଷାକର ନୂତନ ସମ୍ଭାର ତଥା ଅଭିନବ ଗଠନ ଦେବା ସହିତ ବରଟିକୁ ଏଥିପାଇଁ ଅତ୍ୟାଧୁନିକ ଭାବରେ ସଜାଇ ପାରିବ ।

# ଭାନ୍‌ଜୁ ଭାରତର ଅଗ୍ରଣୀ ମ୍ୟାଥ୍ ପ୍ଲାଟଫର୍ମକୁ ବିଶ୍ୱବ୍ୟାପୀ ସମ୍ପ୍ରସାରିତ କରିବାକୁ ୧୬.୫ ନିୟୁତ ଡଲାର ସିରିଜ 'ବି' ଫଣ୍ଡିଂରେ ହାସଲ କଲା

**ହାଇଦ୍ରାବାଦ/ ଭୁବନେଶ୍ୱର:** ବିଶ୍ୱର ଦ୍ରୁତତମ ମାନବ କାଲକୁଲେଟର ନୀଳକଣ୍ଠ ଭାନୁଙ୍କ ଦ୍ୱାରା ସ୍ଥାପିତ ଏକ ବିଶ୍ୱସ୍ତରୀୟ ମ୍ୟାଥ୍-ଲର୍ଣ୍ଣିଂ (ଗଣିତ ଶିକ୍ଷା) ଏଡଟେକ୍ ଷ୍ଟାର୍ଟଅପ୍ ଭାନ୍‌ଜୁ ଏପିକ୍ କ୍ୟାପିଟାଲ ସହ ଜେଡ୍‌ଓ ଭେଞ୍ଚରସ୍, ଏଇଟ୍ ରୋଡସ୍ ଏବଂ ଲାଇଟସ୍ପିଡ ଭେଞ୍ଚରସ୍‌ର ନିରନ୍ତର ସମର୍ଥନ ବଳରେ ସିରିଜ 'ବି' ଫଣ୍ଡିଂରେ ୧୬.୫ ନିୟୁତ ଡଲାର ସଂଗ୍ରହ କରିଛି । ଏହି ପୁଞ୍ଜିନିବେଶ ଭାନ୍‌ଜୁକୁ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ୧୦୦ ନିୟୁତ ଛାତ୍ର ଛାତ୍ରୀଙ୍କ ନିକଟରେ ପହଞ୍ଚିବା, ସମଗ୍ର ଭାରତ, ଆମେରିକା, ବ୍ରିଟେନ ଏବଂ ମଧ୍ୟପ୍ରାଚ୍ୟରେ ଗଣିତ ପ୍ରତି ରହିଥିବା ଭଲପାଇବାକୁ ସମ୍ପ୍ରସାରିତ କରିବାକୁ ଯାଉଛି । ଭାନ୍‌ଜୁ ତାହାର ପୂର୍ବ ପର୍ଯ୍ୟାୟ ଫଣ୍ଡିଂ ପରଠାରୁ ୮ଗୁଣ ଅଭିବୃଦ୍ଧି ସହିତ ବେଶ୍ ପ୍ରଭାବୀ ସଫଳତା ହାସଲ କରିଛି । ଏହି ଅଭିବୃଦ୍ଧି ଉଭୟ ପିତା ମାତା ଏବଂ ଛାତ୍ର ଛାତ୍ରୀଙ୍କର ଆସ୍ଥା ଓ ବିଶ୍ୱାସ ଦ୍ୱାରା ପରିଚାଳିତ ହେଉଛି, ଯାହା ପୁନଃସବ୍‌ସ୍କ୍ରିପସନରେ ୫ଗୁଣ ବୃଦ୍ଧି ଦ୍ୱାରା ପ୍ରତିଫଳିତ ହେଉଛି ।

ଭାନ୍‌ଜୁ ପାଠ୍ୟକ୍ରମଗୁଡିକ ଗଣିତକୁ ବାସ୍ତବ-ଜୀବନ ପରିସ୍ଥିତିଗୁଡିକ ସହିତ ସଂଯୁକ୍ତ କରି ଆନ୍ତଃକ୍ରିୟାଶୀଳ ଏବଂ ଯୋଡିବାଯୋଗ୍ୟ କରୁଛି ଏବଂ ଛାତ୍ର ଛାତ୍ରୀଙ୍କ ପାଇଁ ଗଣିତକୁ ଉଭୟ ଶିକ୍ଷା ଆହରଣ ଏବଂ ଦୈନନ୍ଦିନ ସମସ୍ୟା ସମାଧାନ କରିବାରେ ଏକ ଉପଯୋଗୀ କୌଶଳ କରି ଗଢିତୋଳିବାରେ ସହାୟତା କରୁଛି । କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରି ଭାନ୍‌ଜୁ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ଗତିଶୀଳତା ଏବଂ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଭାବରେ ଅଧ୍ୟାୟଗୁଡିକ ପ୍ରସ୍ତୁତ କରୁଛି ଏବଂ ଶିକ୍ଷା ଆହରଣକୁ ଅଧିକ ସହଜ ଓ ଉପଭୋଗ୍ୟ କରୁଛି । ଏହି ଆପଣାଇବା ଭଳି ଆଭିମୁଖ୍ୟ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରି ରଖିବା ସହିତ ସେମାନଙ୍କର ବିଶ୍ୱାସଭାବ ନିର୍ମାଣ କରୁଛି ଏବଂ ସେମାନଙ୍କୁ ବିଭିନ୍ନ ପରୀକ୍ଷା ତଥା ବାସ୍ତବ ଦୁନିଆଁ ଚାଲେଞ୍ଜଗୁଡିକ ନିମନ୍ତେ ପ୍ରସ୍ତୁତ କରୁଛି । ଏହି ନୂତନ ପାଣ୍ଠି ବ୍ୟବସ୍ଥା ସହିତ ଭାନ୍‌ଜୁ ଗଣିତ ଶିକ୍ଷାରେ ଏକ ବୈଶ୍ୱିକ ଅଗ୍ରଣୀ ସଂସ୍ଥା ହେବାକୁ ଯାଉଛି, ଯାହା ଏକ ଆସ୍ଥାବାନ ଗଣିତ ଶିକ୍ଷାର୍ଥୀଙ୍କର ପିଢିକୁ ପ୍ରେରଣା ଦେଉଛି ।

**ଭାନ୍‌ଜୁ ଗଣିତ ଶିକ୍ଷା ପ୍ରତି ନିଜର ତାଜା ଆଭିମୁଖ୍ୟ ପାଇଁ ଭାରତୀୟ ପିତାମାତା ଓ ଛାତ୍ର ଛାତ୍ରୀଙ୍କ ନିକଟରୁ ଦୃଢ଼ ଆସ୍ଥାଭାଜନ ହୋଇଛି**




ଭାନ୍‌ଜୁର ପ୍ରତିଷ୍ଠାତା ଏବଂ ସିଇଓ ନୀଳକଣ୍ଠ ଭାନୁ, ୨୦୨୦ ମାଇଣ୍ଡ ସ୍ପୋର୍ଟସ ଅଲିମ୍ପିକ୍ସରେ ଲଣ୍ଡନଠାରେ ମେଣ୍ଟାଲ କାଲକୁଲେସନରେ ପ୍ରଥମ ଭାରତୀୟ ଭାବରେ ସ୍ୱର୍ଣ୍ଣ ପଦକ ବିଜେତା ଭାବରେ ଖ୍ୟାତିଲାଭ କରିଛନ୍ତି, ଯେଉଁ ସଫଳତା ପାଇଁ ତାଙ୍କୁ ଭାରତର ରାଷ୍ଟ୍ରପତି ମଧ୍ୟ ସମ୍ମାନିତ କରିଛନ୍ତି । ଗଣିତ ପ୍ରତି ନିଜର ଆଗ୍ରହ ଦ୍ୱାରା ପରିଚାଳିତ ହୋଇ ଭାନୁ ଗଣିତକୁ ଯୁବ ଶିକ୍ଷାର୍ଥୀଙ୍କ ନିମନ୍ତେ ଉପଭୋଗ୍ୟ, ସୁଲଭ୍ୟ ଏବଂ ସହଜରେ ଯୋଡିବା ଭଳି କରିବା ନିମନ୍ତେ ଏକ ଅଭିଯାନ ହାତକୁ ନେଇଛନ୍ତି । କୋଭିଡ-୧୯ ତାଲାବନ୍ଦ ସମୟରେ ଭାନ୍‌ଜୁର ନବୋନ୍ମେଷୀ ଏବଂ ନିୟୋଜନକାରୀ ଆଭିମୁଖ୍ୟ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଅତ୍ୟାବଶ୍ୟକ ସମର୍ଥନ ଯୋଗାଇ ଦେଇଥିଲା, ସେମାନଙ୍କୁ ଘରେ ଥାଇ ଗଣିତ ଶିକ୍ଷା ସହିତ ସଂଯୁକ୍ତ ରହିବାକୁ ସୁଯୋଗ ଦେଇଥିଲା ।

ଭାନ୍‌ଜୁର ପ୍ରତିଷ୍ଠାତା ଓ ସିଇଓ ନୀଳକଣ୍ଠ ଭାନୁ କହିଛନ୍ତି, "ପିଲାମାନେ ଯେଉଁଭଳି ଭାବରେ ଗଣିତ ଶିକ୍ଷାଲାଭ କରୁଛନ୍ତି, ସେଥିରେ ରୂପାନ୍ତରଣ ଆଣିବାରେ ଏହି ପାଣ୍ଠି ସଂଗ୍ରହ ଏକ ବୃହତ୍ ମାଇଲଖୁଣ୍ଟ ହେବାକୁ ଯାଉଛି । ଭାରତରେ ଏଥିପ୍ରତି ସକାରାତ୍ମକ ପ୍ରତିକ୍ରିୟା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହୋଇଛି, ଏବଂ ଆମେ ଆମର ନିୟୋଜନତାକୁ ପ୍ରତ୍ୟକ୍ଷ ଭାବରେ ଆମେରିକା, ବ୍ରିଟେନ, ମଧ୍ୟପ୍ରାଚ୍ୟ ଓ ଅନ୍ୟ ରାଷ୍ଟ୍ରଗୁଡିକୁ ସମ୍ପ୍ରସାରିତ କରିବା ନେଇ ଉଲ୍ଲସିତ ଅଛୁ । ପିତାମାତା ଓ ପିଲାମାନେ ଆମର ପ୍ଲାଟଫର୍ମକୁ ଗଣିତରେ ବାସ୍ତବ ଆସ୍ଥାଭାବ ନିର୍ମାଣ କରିବା ନିମନ୍ତେ ମୂଲ୍ୟବାନ ବିବେଚନା କରୁଛନ୍ତି । ଏହି ସମର୍ଥନ ବଳରେ ଆମେ ଅଧିକ ସମ୍ପ୍ରସାରଣ, ଆମ ପ୍ଲାଟଫର୍ମକୁ ଅଧିକ ମାର୍ଜିତ କରିବା ଏବଂ ଭାରତରେ ନିର୍ମିତ ଏକ ବୈଶ୍ୱିକ ଗଣିତ ଶିକ୍ଷା ଅନୁଭୂତିକୁ ସାରା ବିଶ୍ୱ ପାଇଁ ନିର୍ମାଣ କରିବାକୁ ଆଗ୍ରହୀ ଅଛୁ ।"

## ୮୬ ସିସି ଟିଭି କ୍ୟାମେରା ନଜରରେ ରହିବ ହୀରାକୁଦ-ରେମେଡ ରାସ୍ତା

**ସମ୍ବଲପୁର:** ଜାତୀୟ ରାଜପଥର ରେମେଡ ଠାରୁ ଶିଳ୍ପ ଓ ପର୍ଯ୍ୟଟନ ସହର ହୀରାକୁଦକୁ ଯୋଡୁଥିବା ରାସ୍ତାରେ ୮୬ଟି ସିସି ଟିଭି କ୍ୟାମେରା ସଂଯୋଗ କରାଯିବ। ହିଣ୍ଡାଲକୋର ସାମାଜିକ ଦାୟିତ୍ୱବୋଧ ସିଏସଆର୍-ରାହି ଯୋଜନା ଅନୁଯାୟୀ ରେମେଡ ଛକ ଠାରୁ ହୀରାକୁଦର ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଏହି ସିସିଟିଭି କ୍ୟାମେରା ଲାଗିବ। ଟ୍ରାଫିକ୍ ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସଡ଼କ ପରିବହନକୁ ସୁବ୍ୟବସ୍ଥିତ କରିବା ପାଇଁ ଏହି ଆଧୁନିକ ସିସି ଟିଭି କ୍ୟାମେରା ସ୍ଥାପନ କରାଯିବ। ସେହିଭଳି ଏହି ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବେରିକେଡ୍ ଲଗାଯିବାର ଯୋଜନା ରହିଛି। ଏଥିପାଇଁ ପୋଲିସ ଏବଂ ହିଣ୍ଡାଲକୋ ମଧ୍ୟରେ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଛି। ଏଥିରେ ଏସଡିପିଓ ଅମିତ କୁମାର ମହାନ୍ତି, ହିଣ୍ଡାଲକୋ-ହୀରାକୁଦ କମ୍ପ୍ଲେକ୍ସ ମୁଖ୍ୟ ଦେବାଶୀଷ ମଲ୍ଲିକ, ଖଣି ସମୂହ ଓ କ୍ଲଷ୍ଟର ମୁଖ୍ୟ କ୍ରିଷ୍ଣା ପାଢ଼ୀ, ଏଫଆରପି ମୁଖ୍ୟ ସୌମିତ୍ର ନାୟକ, ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର, ହୀରାକୁଦ କମ୍ପ୍ଲେକ୍ସ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଉପସ୍ଥିତ ଥିଲେ। ସିସିଟିଭି ଜରିଆରେ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଅତିରିକ୍ତ ଏସ୍‌ପି ହରେଶଚନ୍ଦ୍ର ପାଣ୍ଡେ କହିଛନ୍ତି। ପୂର୍ବରୁ ବୁର୍ଲା ଭିମସାର ଓ ହୀରାକୁଦର କେତୋଟି ସ୍ଥାନରେ ହିଣ୍ଡାଲକୋ ପକ୍ଷରୁ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରାଯାଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମୁଖ୍ୟ ସହର ୧୨୯ଟି ସ୍ଥାନରେ ୧୧୨ଟି ସିସିଟିଭି କ୍ୟାମେରା ଲଗାଯିବା ପାଇଁ ଇତି ମଧ୍ୟରେ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରୁ ୯୨ଟି କ୍ୟାମେରାରେ ଏଆଇ (କୃତ୍ରିମ ବୁଦ୍ଧିମତା) ସୁବିଧା ରହିବ।

## ଗ୍ୟାସ୍ ଲିକ୍ ହୋଇ ଜଳିଗଲା ହୋଟେଲ, ଅଳ୍ପକେ ବର୍ତ୍ତିଲେ ମା’ ପୁଅ

**ମାଲକାନଗିରି:** ଗ୍ୟାସ ଲିକ୍ ହୋଇ ଜଳିଗଲା ହୋଟେଲ। ଅଳ୍ପକେ ବର୍ତିଲେ ମା ପୁଅ। କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ଶିବମନ୍ଦିର ସମ୍ମୁଖରେ ଥିବା ମହେଶ ହୋଟେଲରେ ଆଜି ସକାଳୁ ହୋଟେଲ ପାଇଁ ଖାଦ୍ୟ ରୋଷେଇ କରିବା ସମୟରେ କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡର୍ ର ପାଇପ୍ ଲିକ୍ ହୋଇ ହଠାତ ଜଳିଯାଇଥିଲା। ସଙ୍ଗେ ସଙ୍ଗେ ବଜାର ଲୋକ ମାନେ ଏବଂ ଥାନା ଅଧିକାରୀ ସହ ପୋଲିସ ଷ୍ଟାଫ୍ ଆସି ନିଆଁକୁ ଆୟତ କରିଥିଲେ। ପରେ କାଲିମେଳାରୁ ଫାୟର ଗାଡ଼ି ଆସି ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଥିଲେ। ଫଳରେ ହୋଟେଲରେ ଥିବା ମା ପାଚି ସର୍ଦ୍ଦାର ଓ ପୁଅ ମହେଶ ସର୍ଦ୍ଦାର ଅଳ୍ପକେ ବର୍ତି ଯାଇଥିଲେ। କିନ୍ତୁ, ହୋଟେଲରେ ଥିବା ଆସବାବପତ୍ର ଚାଉଳ ସହ ଇଲେକ୍ଟ୍ରୋନିକ୍ସ ସାମନ୍ ସବୁ ଜଳି ଯାଇଥିବାରୁ ସରକାରଙ୍କ ପାଖରେ ମା ଏବଂ ପୁଅ ସାହାଯ୍ୟ ପାଇଁ ଅନୁରୋଧ କରୁଛନ୍ତି। ପ୍ରାୟ ୬୦ ହଜାରରୁ ଅଧିକ ଟଙ୍କାର ଏହି ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଛି।

# ୨୨ରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ଓଡ଼ିଶା ପର୍ବ

- ଓଡ଼ିଶା ଐତିହ୍ୟର ଏକ ଗହନ ସାଂସ୍କୃତିକ ସମନ୍ୱୟ
- ରାଷ୍ଟ୍ରପତିଙ୍କ କରକମଳରେ ହେବ ଉଦ୍‌ଘାଟନ
- ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ମୋଦୀ




**ନୂଆଦିଲ୍ଲୀ:** ଦିଲ୍ଲୀ ଦରବାରରେ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଝଲକ। ଓଡ଼ିଶାର ଲୋକକଳା ଓ ଲୋକନୃତ୍ୟରେ ଦୁଲୁକିବ ମଞ୍ଚ। ପାରମ୍ପରିକ ଓଡ଼ିଆ ଖାଦ୍ୟ ଓ ସୁସ୍ୱାଦୁ ବ୍ୟଞ୍ଜନର ମହକରେ ମହକିବ ରାଷ୍ଟ୍ରୀୟ ରାଜଧାନୀ। ଚଳିତ ମାସ ୨୨ ରୁ ୨୪ ତାରିଖ, ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶାର ସମୃଦ୍ଧ ଏବଂ ବହୁମୁଖୀ ସାଂସ୍କୃତିକ ଐତିହ୍ୟର ନିଦର୍ଶନ ‘ଓଡ଼ିଶା ପର୍ବ’। ନୂଆଦିଲ୍ଲୀସ୍ଥିତ ପ୍ରମୁଖ ଓଡ଼ିଆ ସଂଗଠନ ‘ଓଡ଼ିଆ ସମାଜ’ ପକ୍ଷରୁ ଆୟୋଜିତ ଏହି ୩ ଦିନିଆ ମହୋତ୍ସବ, ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଦିଲ୍ଲୀ ଦରବାରରେ ପ୍ରଦର୍ଶିତ କରିବା ସହ ଓଡ଼ିଆ ଅସ୍ମିତାର ବୈଜୟନ୍ତୀ ଉତ୍ତୋଳନ କରିବ। ଚଳିତ ବର୍ଷ ‘ଓଡ଼ିଶା ପର୍ବ’ର ୭ମ ସଂସ୍କରଣ ପୁଣିଥରେ ଦିଲ୍ଲୀ-ଏନ୍‌ସିଆର୍‌ସ୍ଥିତ ଓଡ଼ିଆ ଏବଂ ଅଣଓଡ଼ିଆଙ୍କ ମନ ଜିଣିବ।

ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ସାଂସ୍କୃତିକ ମହାକୁମ୍ଭକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏବଂ ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେବେ। ୨୪ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏ ସମ୍ପର୍କରେ ଓଡ଼ିଆ ସମାଜ, ନୂଆଦିଲ୍ଲୀର ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ କହିଛନ୍ତି ଯେ, “ଓଡ଼ିଶା ପର୍ବକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହୋଇଛି। ଏହାକୁ ସଫଳ କରିବା ପାଇଁ ଦିଲ୍ଲୀରେ ଥିବା ସମସ୍ତ ପ୍ରବାସୀ ଓଡ଼ିଆ ସଂଗଠନମାନେ ଅଣ୍ଟା ଭିଡ଼ିଛନ୍ତି। ଏହି ସାଂସ୍କୃତିକ ମହାକୁମ୍ଭର ପରିକଳ୍ପନା କରିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ଦିଲ୍ଲୀ ଦରବାରରେ ପ୍ରଦର୍ଶନ କରି ଓଡ଼ିଆ ଅସ୍ମିତାକୁ ବିଶ୍ୱସ୍ତରରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ଥିଲା। ୬ ବର୍ଷ ସଫଳ ଆୟୋଜନ ପରେ ଏହି ମହୋତ୍ସବ ଏବେ ୭ମ ବର୍ଷରେ ପଦାର୍ପଣ କରିଛି। ଏହାକୁ ଅଧିକ ସ୍ମରଣୀୟ କରିବାକୁ ଆମେ ଶତତ ପ୍ରୟାସରତ। ଐତିହାସିକ ଇଣ୍ଡିଆ ଗେଟ୍‌ରେ ଆମକୁ ‘ଓଡ଼ିଶା ପର୍ବ’ର ପ୍ରଥମ ଏବଂ ଦ୍ୱିତୀୟ ସଂସ୍କରଣ ଯଥାକ୍ରମେ ୨୦୧୭ ଏବଂ ୨୦୧୮ରେ ଆୟୋଜନ କରିବାର ସୁଯୋଗ ମିଳିବା ‘ଓଡ଼ିଆ ସମାଜ’ ଓ ଓଡ଼ିଶା ପାଇଁ ସମ୍ମାନର ବିଷୟ ଥିଲା, ଯେଉଁଠି ସମ୍ପ୍ରତି କୌଣସି ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁମତି ନାହିଁ।”

ଏହି ୩ ଦିନିଆ ମହୋତ୍ସବରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ଓଡ଼ିଆ ସମାଜର ଟ୍ରଷ୍ଟି ଶ୍ରୀ ହିରଣ୍ୟ ମହାନ୍ତି କହିଛନ୍ତି ଯେ, ଚଳିତ ବର୍ଷ ଓଡ଼ିଶାର ବିଭିନ୍ନ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ ବୟସବର୍ଗଙ୍କୁ ଆକୃଷ୍ଟ କରିବ। ମହୋତ୍ସବର ବିଶେଷ ଆକର୍ଷଣ ଭାବେ ‘ପିଙ୍କ୍‌ଉଡ୍ କ୍ରିଏସନ ଏବଂ ପେସ୍ ଫାଉଣ୍ଡେସନ’ ଦ୍ୱାରା ସଂକଳିତ ଐତିହାସିକ ଶିଶୁନାଟକ ‘ବିପ୍ଳବୀ ବାଜିଆ’ ରହିବ। ଓଡ଼ିଶୀ ନୃତ୍ୟ ଠାରୁ ଆରମ୍ଭ କରି ଓଡ଼ିଶାର ବିବିଧ ଲୋକନୃତ୍ୟ ତଥା ଜନଜାତି ନୃତ୍ୟ ସହିତ ଲୋକପ୍ରିୟ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା, ସଙ୍ଗ ପାଢ଼ୀ ଓ ଦିପ୍ତୀରେଖା ପାଢ଼ୀଙ୍କ ମନଛୁଆଁ ସଙ୍ଗୀତ ତଥା ଓଡ଼ିଆ ର୍‍ୟାପର ବିଗ୍ ଡିଲ୍ ଓ ପ୍ରୟାସ ବହିଦାରଙ୍କ ର୍‍ୟାପ୍ ଦର୍ଶକମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ।

ଓଡ଼ିଶା ପର୍ବର ୪୫ ଟି ଖାଦ୍ୟ ଷ୍ଟଲରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପାରମ୍ପରିକ ପିଠା-ମିଠା ବ୍ୟତୀତ ଦହିବରା-ଆଳୁଦମ୍, ମୁଢି-ମାଂସ, ଆମିଷ ଓ ନିରାମିଷ ଥାଳିର ମଜା ନେଇପାରିବେ ଦିଲ୍ଲୀବାସୀ। ସେହିପରି ୨୫ଟି ହସ୍ତତନ୍ତ, ହସ୍ତକଳାର ଷ୍ଟଲରେ ଓଡ଼ିଶାର ବୁଣାକାରଙ୍କ କଳାକୃତିର ପ୍ରଦର୍ଶନ ଦେଖିବାକୁ ମିଳିବ।

ଓଡ଼ିଆ ସମାଜର ଅନ୍ୟତମ ଟ୍ରଷ୍ଟି ଶ୍ରୀ ପ୍ରକାଶ ସାହୁ ଜଣାଇଛନ୍ତି ଯେ- ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ପ୍ରତିଟି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏବଂ ଓଡ଼ିଆ ସଂସ୍କୃତି ଓ ଐତିହ୍ୟକୁ ଆଗାମୀ ପିଢ଼ିଙ୍କ ନିକଟରେ ପହଞ୍ଚାଇବାର ଏକ ସର୍ବୋତ୍ତମ ମାଧମ ପାଲଟିଛି। ଡିଜିଟାଲ ମିଡିଆ ବ୍ୟବହାର କରି ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ପ୍ରଚାର କରିବା ଉଦ୍ଦେଶ୍ୟରେ ଓଡ଼ିଶାର ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କୁ ନେଇ ଆମେ ସତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଛୁ।

ଏହାବ୍ୟତୀତ, ଚଳିତ ବର୍ଷ ଓଡ଼ିଶା ପର୍ବରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ଏନ୍‌ବିଟି) ଦ୍ୱାରା ଏକ ବୁକ୍ ଲାଉଞ୍ଜ ଭଳି କିଛି ଅଭିନବ ଆୟୋଜନ କରାଯାଇଛି। ଏନ୍‌ବିଟି ଓ ଓଡ଼ିଆ ସମାଜର ମିଳିତ ସହଭାଗିତାରେ ଲଗାତର ୩ ଦିନ ଧରି ଏଠାରେ ଓଡ଼ିଆ କନ୍‌କ୍ଲେଭ ‘ଓଡ଼ିଆ ଅସ୍ମିତା’ର ଆୟୋଜନ କରାଯିବ, ଯେଉଁଥିରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ନୂତନ ଶିକ୍ଷା ନୀତି ଉପରେ ଆଲୋଚନା କରାଯିବ। ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ୩୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ସହ ସତନ୍ତ୍ର ଅଧିବେଶନର ବ୍ୟବସ୍ଥା କରାଯାଇଛି। ଏହା ନିଶ୍ଚିତ ଭାବରେ ଆମର ଉଚ୍ଚାଭିଳାଷୀ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହେବ।

ମୋଟ୍ ଉପରେ ‘ଓଡ଼ିଶା ପର୍ବ’ ସମସ୍ତଙ୍କୁ ଏକ ଅନନ୍ୟ ଅନୁଭବ ପ୍ରଦାନ କରିବ। ଆସନ୍ତୁ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏହି ୩ ଦିନିଆ ଉତ୍ସବକୁ ସ୍ମରଣୀୟ କରିବା।

## ବାଲେଶ୍ୱରରେ ମୌଳିକ ସାକ୍ଷରତା ଓ ଗଣନାର ଅଗ୍ରଗତି ନିମନ୍ତେ ସମୀକ୍ଷା ବୈଠକ

**ବାଲେଶ୍ୱର(ମାନିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ମୌଳିକ ସାକ୍ଷରତା ଓ ଗଣନା ର ଜିଲ୍ଲା ପରିଚାଳନା କମିଟି ତଥା ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ (ଏଫଏଲଏନ-ଡିଏସସି-କମ-ଡିପିଏମୟୁ) ସହିତ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ଗଣନା (ଏଫ୍‌ଏଲ୍‌ଏନ୍) ର ଅଗ୍ରଗତି ନିମନ୍ତେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା।




ଏହି ସମୀକ୍ଷାରେ ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମର ବର୍ତ୍ତମାନର ଅଗ୍ରଗତି, ଏପର୍ଯ୍ୟନ୍ତ ହାସଲ ହୋଇଥିବା ଶିକ୍ଷଣ ଫଳାଫଳ ଏବଂ ଭବିଷ୍ୟତର କାର୍ଯ୍ୟାନ୍ୱୟନ ପାଇଁ ରଣନୈତିକ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ସାରାଂଶ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଏହି ଯୋଜନାର ସୁଫଳ ମିଳି ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ପିଲାମାନଙ୍କର ପ୍ରାରମ୍ଭିକ ବୟସରେ ଦୃଢ଼ ଶିକ୍ଷାଗତ ଭିତ୍ତି ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ସାକ୍ଷରତା ଏବଂ ଗଣନାରେ ଆବଶ୍ୟକୀୟ ଭିତ୍ତିଭୂମି ହାସଲ କରିବା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାପିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ମତପ୍ରକାଶ ପାଇଥିଲା ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁ ସମଗ୍ର ଜିଲ୍ଲାରେ ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିବା ସହ ମାର୍ଗଦର୍ଶନ ଜାରି କରି କୌଣସି ପିଲା ମୌଳିକ ଶିକ୍ଷଣ ଦକ୍ଷତା ହାସଲ କରିବାରେ ପଛୁଆ ରହିବେ ନାହିଁ ଏହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଜିଲ୍ଲା ଅନୁଷ୍ଠାନ ଶିକ୍ଷା ଏବଂ ପ୍ରଶିକ୍ଷଣ, ରେମୁଣାର ଅଧକ୍ଷା ଜୟଶ୍ରୀ ବୋଷ ଓ ଏଫ୍‌ଏଲ୍‌ଏନ୍-ଡିଏସସି-କମ-ଡିପିଏମୟୁର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ।

## ୨୫ ଲକ୍ଷର ଅଳଙ୍କାର ଧରି ଫେରୁଥିଲେ ବାପପୁଅ, ଭୁଜାଲି ଦେଖାଇଲେ ଲୁଟେରା

**କେନ୍ଦୁଝର:** ରାତିର ଅନ୍ଧକାରରେ ଅଳଙ୍କାର ବ୍ୟବସାୟୀଙ୍କ ନିକଟରୁ ହେଲା ସଶସ୍ତ୍ର ଡକାୟତି। ଦୋକାନୀ ବାପପୁଅ ୨୫ ଲକ୍ଷ ଟଙ୍କାର ଅଳଙ୍କାର ଧରି ଘରକୁ ଫେରୁଥିବା ବେଳେ ବନ୍ଧୁକ, ଭୁଜାଲି ଦେଖାଇ ଲୁଟିନେଲେ ୬ ଲୁଟେରା। ଏପରି ଏକ ସଶସ୍ତ୍ର ଡକାୟତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଉର୍ଦ୍ଦୀ ଛକ ନିକଟରେ ଘଟିଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀଜଣକ ହେଲେ ହିରଣ୍ୟମୟୀ ସାହୁ।



ହିରଣ୍ୟମୟୀ ସାହୁଙ୍କର ଉର୍ଦ୍ଦୀ ଛକରେ ‘ଓମ୍ ଜୁଏଲାରୀ’ ନାମକ ଦୋକାନ ରହିଛି। ଗତ ରାତି ପ୍ରାୟ ୯ଟା ବେଳେ ହିରଣ୍ୟମୟୀ ସାହୁ ଏକ ବ୍ୟାଗ୍‌ରେ ସବୁ ସୁନା ଅଳଙ୍କାର ଧରି ନିଜ ସାନ ପୁଅ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ଦୋକାନଠାରୁ ମାତ୍ର ଶହେ ମିଟର ଦୂରରେ ଆଗରୁ ଛକି ବସିଥିବା ୬ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇଥିଲେ।

ସେମାନେ ବନ୍ଧୁକ ଏବଂ ଭୁଜାଲି ଦେଖାଇ ବାପପୁଅଙ୍କୁ ଭୟଭୀତ କରି ଅଳଙ୍କାର ଭର୍ତ୍ତି ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ପ୍ରଥମେ ବାପପୁଅ ଏହାକୁ ବିରୋଧ କରିଥିବା ବେଳେ ସେମାନେ ଉଭୟଙ୍କୁ ପ୍ରବଳ ପିଟିବା ସହ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଲୁଟି ନେଇଥିଲେ। ଏହାପରେ ଦୁଇଟି ବାଇକ୍ ଯୋଗେ କରଞ୍ଜିଆ ରାସ୍ତାରେ ଫେରାର ଯାଇଥିଲେ। ପରେ ହିରଣ୍ୟମୟୀ ଛକକୁ ଯାଇ ଲୋକଙ୍କୁ ଲୁଟ୍ ସମ୍ପର୍କରେ ସୂଚନା ଦେଇଥିଲେ। କିଛି ସ୍ଥାନୀୟ ଲୋକେ ଲୁଟେରାଙ୍କ ପିଛା କରିଥିଲେ ସୁଦ୍ଧା ତାଙ୍କର ଟେର ପାଇନଥିଲେ।

ଖବର ପାଇ ପୁଲିସ୍ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି। ତେବେ ଲୁଟେରାଙ୍କ ସନ୍ଧାନ ମିଳି ପାରି ନ ଥିବା ଜଣାଯାଇଛି।

## ପୁରୀରେ ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

**ପୁରୀ:** ପୁରୀରେ ୭୧ ତମ ଜିଲ୍ଲା ସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ଟାଉନ ହଲ ଠାରେ ପାଳିତ ହୋଇଥିଲା। ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସମବାୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଆର୍ଥିକ ସମୃଦ୍ଧି ଓ ସହଯୋଗରେ ସହାୟକ ହେବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଆମ ରାଜ୍ୟ ଓ ଦେଶର ଅର୍ଥନୀତି କୁ ସୁଦୃଢ଼ କରିବାରେ ସମବାୟର ବଡ ଯୋଗଦାନ ରହିଛି। ଏହା ବର୍ଷ ବର୍ଷ ଧରି ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଛି। ଏହାକୁ ଅଧିକ ସମ୍ପ୍ରସାରିତ କରିବା ଦିଗରେ ବିଭାଗ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷର ବିଷୟ ବା ଥିମ ବିକଶିତ ଓଡିଶା ଗଠନରେ ସମବାୟ ର ଭୂମିକା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର କୁମାର ଛୋଟରାୟ ଦେଶର ଅର୍ଥନୀତିରେ ସମବାୟ ଏକ ପ୍ରମୁଖ ଭୂମିକା ନେଇଛି ଓ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ଲୋକ ହିତରେ ଜାରି ରହିଛି ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଆରସିଏସ ସୁନିତା ପତି, ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ର ସିଇଓ ବନଶ୍ରୀ ମଲ୍ଲିକ, ଅଡିକ ସର୍କଲ ର ଦାଶରଥି ବେହେରା, ଏଆରସିଏସ ସ୍ୱରୂପ କୁମାର କର ଓ ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ର ସଦସ୍ୟ ମାନେ ଏହି ମହୋତ୍ସବରେ ଯୋଗଦେଇ ସମବାୟ ଆନ୍ଦୋଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆର୍ଥିକ ସମୃଦ୍ଧିରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।

## ମୁଣ୍ଡ ବିହୀନ ଶବ ମିଳିବା ଘଟଣାରେ ୬ ଗିରଫ

**ମାଲକାନଗିରି:** ଗତ ୧୪ ତାରିଖରେ କାଲିମେଳା ଥାନା ଏମଭି ୫୭ ଗ୍ରାମ ନିକଟସ୍ଥ ପୋଟେରୁ ନଦୀରୁ ମିଳିଥିବା ମୁଣ୍ଡ ବିହୀନ ମୃତ ଶରୀରର ପରିଚୟ ମିଳିଛି। ମୃତ ବ୍ୟକ୍ତି ଜଣକ ହେଲେ ଓର୍କେଲ ଥାନା ଅନ୍ତର୍ଗତ ସୋରଲୁକୋଣ୍ଡା ଗ୍ରାମର ପଦିଆ ମାଡ଼କାମି (୪୭)। ତାଙ୍କୁ ଗତ ୮ ତାରିଖ ରାତି ପ୍ରାୟ ୮ଟା ସମୟରେ ଗ୍ରାମର ପଦିଆ ସୋଡି ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରିଥିଲା। ପଦିଆ ମାଡ଼କାମି ନିଜ ଜମିରେ ଶୋଇଥିବା ସମୟରେ ତାର ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲା ପଦିଆ ସୋଡି। ଏହା ପରେ ତାଙ୍କ ଗ୍ରାମର ରାମ ପଡିଆମୀ, ମୁନା ପଡ଼ିଆମୀ, ପଦିଆ ପଡ଼ିଆମୀ, ରାମ ପଡ଼ିଆମୀ, ଓ ଇର୍ମା ପିଡ଼ିଆମୀ ଏକ ଅଖା ବସ୍ତାରେ ପୁରାଇ ସମସ୍ତେ ମିଶି ପୋଟେରୁ ନଦୀକୁ ନେଇ ଶବକୁ ଫିଙ୍ଗି ଦେଇଥିଲେ।

## ଜିଲ୍ଲା ଜଳ ଓ ପରିମଳ ମିଶନର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

**ବାଲେଶ୍ୱର(ମାନିସ):** ଜଳ ଜୀବନ ମିଶନ ଅନ୍ତର୍ଗତ ଜିଲ୍ଲା ଜଳ ଓ ପରିମଳ ମିଶନ (ଡିଡବ୍ଲ୍ୟୁଏସ୍‌ଏମ୍) ପକ୍ଷରୁ ଆଜି ପୂର୍ବାହ୍ନ ରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ବିଧାୟକ ଜଳେଶ୍ୱରଙ୍କ ପ୍ରତିନିଧି, ବିଧାୟକ ଭୋଗରାଇଙ୍କ ପ୍ରତିନିଧି ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉପସ୍ଥିତିରେ ବିଶ୍ୱ ଶୌଚାଳୟ ଦିବସ ୨୦୨୪ ର ଉଦଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ୨୦୨୪ ଅଭିଯାନ ଅନ୍ତର୍ଗତ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ପରିମଳ ମାନରେ ଉନ୍ନତି ଆଣିବା ପାଇଁ ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା ବିଭିନ୍ନ ହିତାଧିକାରୀ, ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ଲକ ଏବଂ ସରପଞ୍ଚ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ଓ ଏଠାରେ ସୂଚନା ଥାଉ କି କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶାନୁସାରେ ଆଜିଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଶୌଚାଳୟ ଦିବସ-୨୦୨୪ ଆଗାମୀ ମାନବାଧିକାର ଦିବସ (ଡିସେମ୍ବର ତା ୧୦ ରିଖ) ରେ ସମାପ୍ତ ହେବ ଓ ଏ ବର୍ଷ ବିଶ୍ୱ ଶୌଚାଳୟ ଦିବସ ଅଭିଯାନର ଥିମ ରହିଛି ‘ଆମର ଶୌଚାଳୟ: ଆମର ସମ୍ମାନ’। ଏହା ପରେ ଡିଡବ୍ଲ୍ୟୁଏସ୍‌ଏମ୍ ବୈଠକର ସଂଯୋଜନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉଚ୍ଚସ୍ତରୀୟ ବୈଠକରେ ବ୍ୟାପକ କାର୍ଯ୍ୟାନ୍ୱୟନ ରଣନୀତି ମାଧ୍ୟମରେ ଜିଲ୍ଲାର ଜଳ ଏବଂ ପରିମଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ସମଗ୍ର ଜିଲ୍ଲାରେ ନଳ ଜଳର ସମ୍ପ୍ରସାରଣ ଏବଂ ପ୍ରମୁଖ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ହାସଲ କରିବା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବରିଷ୍ଠ ଅଧିକାରୀମାନେ ବାଲେଶ୍ୱର ଜିଲ୍ଲାରେ ସ୍ୱଚ୍ଛ ଜଳ ଏବଂ ଉନ୍ନତ ପରିମଳ ସୁବିଧା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ।




# ରାୟଗଡରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ରାୟଗଡ଼ (ମାନିସ):** ରାୟଗଡ ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ରେଳବାଇ ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍ ?ଘାଟିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ କାଡ୍ରକା ଅପ୍ପଲସ୍ୱାମି, ମାନ୍ୟବର ବିଧାୟକ ରାୟଗଡ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦ୍ ?ଘାଟନ କରିଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ସବୁ ପ୍ରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ଲୋକମାନଙ୍କର ଆୟ ଦ୍ୟୁଗୁଣିତ ହେବା ସଙ୍ଗେ ସଙ୍ଗେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମୁଖ୍ୟ ଅତିଥି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶ୍ରୀଯୁକ୍ତ ନୀଳମାଧବ ହିକକା, ମାନ୍ୟବର ବିଧାୟକ, ବିଷମ କଟକ ଓ ଶ୍ରୀଯୁକ୍ତ ସତ୍ୟଜିତ ଗମାଙ୍ଗ, ମାନ୍ୟବର ବିଧାୟକ, ଗୁଣୁପୁର ମତ୍ସ୍ୟ ଓ ପ୍ରାଣୀ ପାଳନ କୁ ବ୍ୟବସାୟ ଭିତ୍ତି ରେ ଗ୍ରହଣ କରି ବେକାରୀ ସମସ୍ୟା କୁ ଦୂରୀଭୂତ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁଶ୍ରୀ ସରସ୍ୱତୀ ମାଝୀ, ଅଧକ୍ଷା ଜିଲ୍ଲା ପରିଷଦ ରାୟଗଡ଼ ମତ୍ସ୍ୟ ଓ ପ୍ରାଣୀ ପାଳନ କରି ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତ ରଖିଥିଲେ। ଅନ୍ୟ ମାନଙ୍କ ମଧ ରେ ଶ୍ରୀଯୁକ୍ତ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ, ରାୟଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ର ମତ୍ସ୍ୟ, ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନ କ୍ଷେତ୍ର ରେ ସେମାନଙ୍କ ଭୂମିକା କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ରାୟଗଡ଼, କୋଲନରା, କାଶିପୁର, ରକ୍ଷମନାଗୁଡ଼ା ଓ କଲ୍ୟାଣସିଂପୁର ର ଅଧକ୍ଷ/ଅଧକ୍ଷା ମାନେ ଉପସ୍ଥିତ ଥିଲେ। ତତ୍‌ସହିତ ଜିଲ୍ଲା ପରିଷଦ ସଭ୍ୟ କ ଓ ଖ ଜୋନ ରାୟଗଡ ଯୋଗଦାନ କରିଥିଲେ। ଉକ୍ତ ସଭା ରେ ଡାକ୍ତର ଦେବରାଜ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରାୟଗଡ଼ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ସଭା ରେ ସଭାପତି ଶ୍ରୀମତି ପକ୍ଷରୁଲ୍ ପଟୱାରୀ, ଜିଲ୍ଲାପାଳ ତଥା ଜିଲ୍ଲା ନ୍ୟାୟଧିସ ରାୟଗଡ଼ ମତ୍ସ୍ୟ ଓ ପ୍ରକ୍ଷଣୀସମ୍ପଦ ବିକାଶ ବିଭାଗ ର ତୃଣ ମୂଳ ସ୍ତର ର କର୍ମକର୍ତ୍ତାଙ୍କର କାର୍ଯ୍ୟ କୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ ମେଳା ରେ ବିଶେଷ ଆକର୍ଷଣ ସ୍ୱରୂପ ଜୀବନ୍ତ ମତ୍ସ୍ୟ ଓ ବିଭିନ୍ନ ପ୍ରାଣୀ ମାନଙ୍କ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।



ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୩୧ଟି ଷ୍ଟଲ ର ପ୍ରଦର୍ଶନ କରାଯାଇଥିଲା। ଏହାସହିତ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲାର ସଫଳ ପ୍ରାଣୀ ପାଳକ ଚାଷୀ ହିସାବ ରେ ସଂଘମିତ୍ରା ପାଢ଼ୀ, ରାୟଗଡ ଓ ଖଗପତି ନାୟକ କାଶିପୁର ଏବଂ ଜିଲ୍ଲା ର ସଫଳ ମତ୍ସ୍ୟ ଚାଷୀ ହିସାବ ରେ କକ୍ଷଞ୍ଜାକ୍ଷକା କ୍ରିଷ୍ଣା କଲ୍ୟାଣସିଂପୁର୍ ଓ ଲକ୍ଷ୍ମଣ ବେହେରା କୋଲନରା ଙ୍କୁ ଉପଢୌକନ ସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଥିଲା, ତତ୍ ସହିତ ବ୍ଲକ ସ୍ତର ରେ ପ୍ରାଣୀ ପାଳକ ଚାଷୀ ହିସାବ ରେ କୃଷ୍ଣ ଚନ୍ଦ୍ର ହିଆଲ ବିଷମ କଟକ ଓ ମତ୍ସ୍ୟ ଚାଷୀ ହିସାବରେ ଯୋଗେନ୍ଦ୍ର ଡୁବ୍ରୁକା, ଚନ୍ଦ୍ରପୁର ଙ୍କୁ ସମ୍ମକ୍ଷନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ରେ ଚାଷୀ ବିଶେଷଜ୍ଞ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ୍ତର ମନୋଜ କୁମାର ପଟ୍ଟନାୟକ ଯୁଗ୍ମ ନିର୍ଦ୍ଦେଶକ, ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, କଟକ ଯୋଗ ଦାନ କରି ‘ଘାସ ଚାଷ ମାଧ୍ୟମ ରେ ଗୋପାଳନ ଏକ ଲାଭ ଜନକ ବ୍ୟବସାୟ‘ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବିଶେଷଜ୍ଞ ହିସାବ ରେ ଡାକ୍ତର ପରାଗ ଆଚାର୍ଯ୍ୟ ବୈଜ୍ଞାନିକ ଜଜଞ୍ଜଞ୍ଝ ଭବାନୀ ପାଟଣା ଯୋଗଦାନ କରି‘ ଗୋଶାଳା ମାଧ୍ୟମ ରେ ପ୍ରାଣୀ ମଙ୍ଗଳ କାର୍ଯକ୍ରମ‘ ଶୀର୍ଷକ ଉପରେ ଆଲୋଚନା କରି ଥିଲେ। ତତ୍‌ସହିତ ଶ୍ରୀଯୁକ୍ତ ପ୍ରସନ୍ନ ପଟ୍ଟନାୟକ ଉପ ନିର୍ଦ୍ଦେଶକ ମତ୍ସ୍ୟ ବିଭାଗ କଟକ ‘ମତ୍ସ୍ୟ ପାଳନ କ୍ଷେତ୍ର ରେ ସରକାରୀ ଯୋଜନା ମାଧ୍ୟମ ରେ ଚାଷୀ ମାନଙ୍କ ର ଅର୍ଥ ନୈତିକ ଅଭିବୃଦ୍ଧି ‘ଶୀର୍ଷକ ଏବଂ ଶ୍ରୀଯୁକ୍ତ ପ୍ରିତମ ତ୍ରିପାଠୀ, ସହକାରୀ ପ୍ରାଧାପକ ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟ, ଗଜପତି,‘ମତ୍ସ୍ୟ ପାଳନ କ୍ଷେତ୍ର ରେ ନୂତନ ଜ୍ଞନକୌଶଳ ବ୍ୟବହାର‘ ଶୀର୍ଷକ ଉପରେ ଆଲୋକପାତ କରିଥିଲେ।

ଶେଷରେ ସରକାରଙ୍କର ବିଭିନ୍ନ ଯୋଜନା କୁ ଲୋକାଭିମୁଖୀ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା। ସର୍ବ ଶେଷରେ ଶ୍ରୟୁକ୍ତ ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାୟଗଡ଼ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ମାସ ହେଲା କଲବଲ କରୁଛନ୍ତି ପିମ୍ପୁଡ଼ି, ଅତିଷ୍ଠ ହେଲେଣି ଗ୍ରାମବାସୀ

**ନିମାପଡ଼ା:** ପୁରୀ ଜିଲ୍ଲା ନିମାପଡା ସାହାଦାପଡା ଗାଁରେ ଖେଳି ଯାଇଛି ପିମ୍ପୁଡି ଆତଙ୍କ। ୬ ମାସ ହେଲା କଲବଲ କରୁଛନ୍ତି। ବଞ୍ଚିବାକୁ ଦେଉ ନାହାନ୍ତି। ପିମ୍ପୁଡ଼ି ଦାଉରେ ଅତିଷ୍ଠ ହୋଇପଡ଼ିଲେଣି ଲୋକେ। ନା ଖାଇ ପାରୁଛନ୍ତି ନା ଶୋଇ ପାରୁଛନ୍ତି। ଏପରି ଏକ ଘଟଣା ପୁରୀ ଜିଲ୍ଲା ନିମାପଡା ସାହାଦାପଡା ଗାଁରେ ଦେଖିବାକୁ ମିଳିଛି।



ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଆଗରୁ କେବେ ଏଭଳି ପିମ୍ପୁଡି ଦେଖିବାକୁ ମିଳୁ ନଥିଲା। ଏବେ ଗତ ୬ ମାସ ହେଲା ଯୁଆଡ଼େ ଦେଖିବ ସିଆଡ଼େ ପିମ୍ପୁଡ଼ି। ଏହି ପିମ୍ପୁଡି ଯୋଗୁ ଘରେ ରହିବା କଷ୍ଟକର ହୋଇ ପଡୁଛି। ପିଇବା ପାଣିଠୁ ଧରି ରୋଷେଇ ଘର ପର୍ଯ୍ୟନ୍ତ ସବୁଆଡେ ପିମ୍ପୁଡି ସାଲୁବାଲୁ। ଘରେ ରୋଷେଇ ହୋଇ ପାରୁ ନ ଥିବା ବେଳେ ଅଦା ସମୟ ଲୋକେ ଉପାସରେ ରହୁଛନ୍ତି। ପିମ୍ପୁଡିମାନେ ଚାରିଆଡ଼େ ସାଲୁବାଲୁ ହେବା ସହ କାମୁଡ଼ି ପକାଉଛନ୍ତି। ଫଳରେ କୁଣ୍ଡେଇ ହୋଇ ଦେହରେ ଫଳି ଯାଉଛି। ପିମ୍ପୁଡିଙ୍କ ପ୍ରାଦୁର୍ଭାବରୁ ଗୁହାଳରେ ଗାଈଗୋରୁ ରହିବା ମଧ୍ୟ କଷ୍ଟକର ହୋଇପଡିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏନେଇ ପ୍ରଶାସନ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଗ୍ରାମର ମହିଳାମାନେ କହିଛନ୍ତି, ୬ ମାସ ହେଲା ପିମ୍ପୁଡ଼ିମାନେ ଆମ ବଞ୍ଚିବା କଷ୍ଟକର କରି ଦେଇଛନ୍ତି। ଆମେ ଘରେ ରହି ପାରୁନି କି ଘର ଛାଡ଼ି କୁଆଡ଼େ ଯାଇ ପାରୁନୁ। ଶାନ୍ତିରେ ମୁଠେ ଖାଇବି ପାରୁନି। ଖାଇବାଠୁ ଆରମ୍ଭ କରି ପିଇବା ପାଣି ସବୁଥିରେ ପିମ୍ପୁଡ଼ି। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ।

ମାତୃଭାଷା

# ନଗର ଖବର











ଷଷ୍ଠ ଦିନରେ କଟକ ଐତିହାସିକ ବାଲିଯାତ୍ରା (ଫଟୋ-ମାତୃଭାଷା)

## ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଏଆଇ ଏବଂ ଶାସନ ପାଇଁ ଡାଟା ଉପରେ ଘୋଷଣାନାମା

## ଜି-୨୦ ଦେଶ, ଅତିଥି ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନ ସମର୍ଥନରେ ଜି-୨୦ ଟ୍ରୋଇକା ଦ୍ୱାରା ମିଳିତ ବିବୃତି

**ନୂଆଦିଲ୍ଲୀ(ପିଆଇବି):** ବିଶ୍ୱର ଅଭିବୃଦ୍ଧି ହାର ମହାମାରୀ ପୂର୍ବ ସମୟ ପର୍ଯ୍ୟନ୍ତ ହାରାହାରି ୪ ପ୍ରତିଶତ ରହିଥିଲା, ବର୍ତ୍ତମାନ ଏହା ୩ପ୍ରତିଶତରୁ ସାମାନ୍ୟ ଉପରେ ରହିଛି ଯାହାକି ଚଳିତ ଶତାବ୍ଦୀ ଆରମ୍ଭ ପରଠାରୁ ସର୍ବନିମ୍ନ। ଏହାସହିତ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ଏହାକୁ ଯଦି ସମାନ ଭାବରେ ପ୍ରୟୋଗ କରାଯାଏ, ତେବେ ଏହା ଆମକୁ ବିକାଶହାର ବୃଦ୍ଧି କରିବା, ଅସମାନତା ହ୍ରାସ କରିବା ଏବଂ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବାରେ ଥିବା ବ୍ୟବଧାନକୁ ଦୂର କରିବା ଦିଗରେ ଏକ ବିଶାଳ ପଦକ୍ଷେପ ନେବା ପାଇଁ ଏକ ଐତିହାସିକ ସୁଯୋଗ ପ୍ରଦାନ କରିବ।

ଏସଡିଜି ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସମାବେଶୀ ଡିଜିଟାଲ ପରିବର୍ତ୍ତନର ଆବଶ୍ୟକତା ରହିଛି । ଅନେକ ଜି-୨୦ ଦେଶର ଅଭିଜ୍ଞତା ଦର୍ଶାଇଛି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିକାଶ, ନୂତନ ନିଯୁକ୍ତି ସୃଷ୍ଟି ଏବଂ ଉନ୍ନତ ସ୍ୱାସ୍ଥ୍ୟ ଓ ଶିକ୍ଷା ଫଳାଫଳ ପ୍ରଦାନ ପାଇଁ ଡାଟା ବ୍ୟବହାରକୁ ସକ୍ଷମ କରିପାରିବ । ଜି-୨୦ ଦେଶଗୁଡ଼ିକ ଏଗୁଡ଼ିକୁ ଅଧିକ ବ୍ୟାପକ ଭାବରେ ଗ୍ରହଣ କରିବା ଦ୍ୱାରା ନାଗରିକମାନଙ୍କ ଜୀବନରେ ଆମୂଳଚୁଳ ପରିବର୍ତ୍ତନ ଆଣିବାର କ୍ଷମତା ରହିଛି ଯାହାଦ୍ୱାରା ଜୀବନ୍ତ ଗଣତାନ୍ତ୍ରିକ ନୀତି ଉପରେ ସେମାନଙ୍କର ବିଶ୍ୱାସ ନବୀକରଣ ହୋଇପାରିବ । ଏହି ପରିପ୍ରେକ୍ଷୀରେ, ଆମେ ଭବିଷ୍ୟତର ଜାତିସଂଘ ଶିଖର ସମ୍ମିଳନୀରେ ଗ୍ଲୋବାଲ ଡିଜିଟାଲ କମ୍ପ୍ୟାକ୍ଟ ଗ୍ରହଣ କରିଥିବା କଥା ମନେ ପକାଉଛୁ । ୨୦୨୪ରେ ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ ଗ୍ଲୋବାଲ ଡିପିଆଇ ଶିଖର ସମ୍ମିଳନୀକୁ ମଧ୍ୟ ଆମେ ସ୍ୱାଗତ କରୁଛୁ ।

ନିଯୁକ୍ତି ସୃଷ୍ଟି ସହିତ ଅଭିବୃଦ୍ଧିର ଲାଭ ସେତେବେଳେ ହିଁ ମିଳିବ ଯେତେବେଳେ ବୈଷୟିକ ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବ, ଯାହାଦ୍ୱାରା ପରିବାର ଏବଂ ପଡ଼ୋଶୀମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ପାଇଁ କ୍ଷୁଦ୍ର ଓ ବୃହତ ବ୍ୟବସାୟୀମାନେ ଏଗୁଡ଼ିକ ସହ ଯୋଡ଼ି ହେବାକୁ ସକ୍ଷମ ହେବେ। ଏଭଳି ବ୍ୟବସ୍ଥାକୁ ସମାବେଶୀ, ବିକାଶଭିତ୍ତିକ, ସୁରକ୍ଷିତ ଏବଂ ବ୍ୟକ୍ତିବିଶେଷଙ୍କ ଗୋପନୀୟତାକୁ ସମ୍ମାନ ଦେବା ପାଇଁ ଡିଜାଇନ୍ କରାଗଲେ ଏପରି ସମ୍ଭବ ହେବ। ବଜାରରେ, ଖୋଲା, ମଡ୍ୟୁଲାର, ଇଣ୍ଟର ଅପରେବଲ ଓ ସ୍କେଲେବଲ ଭଳି ସାଧାରଣ ଡିଜାଇନ ସିଦ୍ଧାନ୍ତକୁ ପାଳନ କରୁଥିବା ବ୍ୟବସ୍ଥା ଇ-କମର୍ସ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅର୍ଥ ଭଳି ବିବିଧ କ୍ଷେତ୍ରକୁ ସେବା କରୁଥିବା ଘରୋଇ କ୍ଷେତ୍ରକୁ ବୈଷୟିକ ପ୍ରଣାଳୀ ଏବଂ ପରସ୍ପର ସହ ଯୋଡ଼ି ହେବା ଲାଗି ସକ୍ଷମ କରିଥାଏ। ସମୟକ୍ରମେ ଜନସଂଖ୍ୟା ବୃଦ୍ଧି ପାଇବା ଏବଂ ଜାତୀୟ ଆବଶ୍ୟକତା ବଦଳିବା ସହିତ ବ୍ୟବସ୍ଥାଗୁଡ଼ିକ ସହଜରେ ଅନୁକୂଳ ହୋଇଥାଏ।

ସମୟ କ୍ରମେ ପ୍ରଯୁକ୍ତିବିଦ୍ୟାର ନିରବଚ୍ଛିନ୍ନ ପରିବର୍ତ୍ତନ ପାଇଁ ବଜାର ଅଂଶଗ୍ରହଣକାରୀଙ୍କ ନିମନ୍ତେ ଏକ ସମାନ ସୁଯୋଗ ସୃଷ୍ଟି କରିବା ଏବଂ ବିକାଶ ଲାଗି ଡିପିଆଇ, ଏଆଇ ଏବଂ ଡାଟାର ନିୟୋଜନ ଓ ପ୍ରସାର ସକାଶେ ପ୍ରଯୁକ୍ତି ନିରପେକ୍ଷ ଆଭିମୁଖ୍ୟ ଅନୁସରଣ କରିବା ଆବଶ୍ୟକ । ଏହି ଆଭିମୁଖ୍ୟ ଅଧିକ ପ୍ରତିଯୋଗିତା ଓ ଉଦ୍ଭାବନକୁ ସମର୍ଥନ କରିବା ଏବଂ ବ୍ୟାପକ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ତଥା ଡିଜିଟାଲ ଅର୍ଥବ୍ୟବସ୍ଥାରେ ଅସମାନତା ହ୍ରାସ କରିବା ଦିଗରେ ଅନୁକୂଳ ଅଟେ ।

ଏହି ନିୟୋଜନର ଚାବିକାଠି ହେଉଛି ଡାଟା ସୁରକ୍ଷା ଓ ପରିଚାଳନା, ଗୋପନୀୟତା ଓ ସୁରକ୍ଷା ଆବଶ୍ୟକତା ପୂରଣ ଲାଗି ଡାଟା ପ୍ରଶାସନ ପାଇଁ ନିରପେକ୍ଷ ଓ ସମାନ ନୀତି ପ୍ରତିଷ୍ଠା କରିବା ଏବଂ ବଜାର ଅଂଶଗ୍ରହଣକାରୀମାନଙ୍କୁ ବୌଦ୍ଧିକ ସମ୍ପତ୍ତି ଅଧିକାର ତଥା ସେମାନଙ୍କର ଗୋପନୀୟ ସୂଚନାକୁ ସୁରକ୍ଷା ପ୍ରଦାନ କରିବା। ବିଶ୍ୱାସ ସବୁଠୁ ସମୃଦ୍ଧ ଗଣତନ୍ତ୍ରର ମୂଳଦୁଆ ଏବଂ ବୈଷୟିକ ବ୍ୟବସ୍ଥା ପାଇଁ ଏହା ଅଲଗା ନୁହେଁ । ଏହି ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରିବା ପାଇଁ କାର୍ଯ୍ୟରେ ସ୍ୱଚ୍ଛତା, ନାଗରିକଙ୍କ ଅଧିକାରକୁ ସମ୍ମାନ ଦେବା ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ସେମାନଙ୍କ ଶାସନରେ ନିରପେକ୍ଷତା ଆବଶ୍ୟକ । ଏହି କାରଣରୁ, ବିବିଧ ଓ ଉପଯୁକ୍ତ ପ୍ରତିନିଧି ଆଧାରିତ ଡାଟା ସେଟ୍ ? ଉପରେ ପ୍ରଶିକ୍ଷିତ ଫାଉଣ୍ଡେସନ ଓ ଏଆଇ ମଡେଲଗୁଡ଼ିକ ଭାଷା ଓ ସଂସ୍କୃତିଗତ ବିବିଧତା ପ୍ରତି ଅବଗତ ହେବା ଜରୁରୀ ଯାହାଦ୍ୱାରା ସେଗୁଡ଼ିକ ସାରା ବିଶ୍ୱର ବିବିଧ ସମାଜକୁ ଲାଭ ପହଞ୍ଚାଇପାରିବେ ।

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି ଆଲୋଚନା ପୁନଃ ଆରମ୍ଭ ନେଇ ବିବୃତି

**ନୂଆଦିଲ୍ଲୀ(ପିଆଇବି):** ବ୍ରାଜିଲର ରିଓ ଡି ଜେନେରୋଠାରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରିଟେନର ପ୍ରଧାନମନ୍ତ୍ରୀ ମହାମହିମ ସାର୍ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ପରେ ଆମେ ନୂତନ ବର୍ଷରେ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଆଲୋଚନା ପୁନଃ ଆରମ୍ଭ କରିବାକୁ ବ୍ରିଟେନ ଦ୍ୱାରା କରାଯାଇଥିବା ଘୋଷଣାକୁ ସ୍ୱାଗତ କରୁଛୁ ।

ଏକ ସନ୍ତୁଳିତ, ଆପୋସ ଲାଭଦାୟକ ଏବଂ ଭବିଷ୍ୟ ଉନ୍ମୁଖୀ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସୁରକ୍ଷିତ କରିବାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତ ଅବଶିଷ୍ଟ ପ୍ରସଙ୍ଗଗୁଡ଼ିକୁ ଆପୋସ ସନ୍ତୁଷ୍ଟି ପାଇଁ ସମାଧାନ କରିବା ଲାଗି ବ୍ରିଟେନର ଆଲୋଚନାକାରୀ ଦଳ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଆଗ୍ରହୀ । ୨୦୨୫ ପ୍ରାରମ୍ଭରେ ମୁକ୍ତ ବାଣିଜ୍ୟ ଆଲୋଚନା ପାଇଁ ତାରିଖ କୁଟନୀତିକ ମାଧ୍ୟମରେ ଶୀଘ୍ର ଚୂଡ଼ାନ୍ତ କରାଯିବ। ଏଫଟିଏ ଆଲୋଚନା ପୂର୍ବରୁ ହୋଇଥିବା ଅଗ୍ରଗତିରୁ ଆଲୋଚନାକୁ ପୁନଃ ଆରମ୍ଭ କରିବ ଏବଂ ବାଣିଜ୍ୟ ଚୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବଧାନକୁ ଦୂର କରିବାକୁ ଚେଷ୍ଟା କରିବ ।

ବ୍ରିଟେନ ସହ ଭାରତର ବାଣିଜ୍ୟିକ ସମ୍ପର୍କ କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ଗଭୀର ସହଯୋଗ ଏବଂ ରଣନୀତିକ ସମ୍ପର୍କ ପାଇଁ ପ୍ରଚୁର ସମ୍ଭାବନା ପ୍ରଦର୍ଶନ କରୁଛି । ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ସଦ୍ୟତମ ତଥ୍ୟ ଅନୁଯାୟୀ, ବ୍ରିଟେନକୁ ଭାରତର ରପ୍ତାନି ୧୨.୩୮% ବୃଦ୍ଧି ପାଇ ୭.୩୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି ୨୦୨୩ ର ସମାନ ଅବଧିରେ ୬.୫୧ ବିଲିୟନ ଡଲାର ଥିଲା । ଖଣିଜ ଇନ୍ଧନ, ଯନ୍ତ୍ରପାତି ଏବଂ ମୂଲ୍ୟବାନ ପଥର, ଔଷଧ, ପୋଷାକ, ଲୁହା ଏବଂ ଇସ୍ପାତ ଏବଂ ରାସାୟନିକ ଦ୍ରବ୍ୟ ବ୍ରିଟେନକୁ ଭାରତର ରପ୍ତାନି ବାସ୍କେଟର ନେତୃତ୍ୱ ନେଉଛି, ଯାହା ମୋଟ ରପ୍ତାନିରେ ୬୮.୭୨% ଅଂଶ ଯୋଗଦାନ କରେ । ୨୦୨୯-୩୦ ସୁଦ୍ଧା ବ୍ରିଟେନ ଆମର ୧ ଟ୍ରିଲିୟନ ଡଲାର ରପ୍ତାନି ଲକ୍ଷ୍ୟ ହାସଲ ପାଇଁ ଏକ ପ୍ରାଥମିକତା ଦେଶ ଏବଂ ବ୍ରିଟେନକୁ ଆମର ରପ୍ତାନି ୨୦୨୯-୩୦ ସୁଦ୍ଧା ୩୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

**ବାରଙ୍ଗ(ମାନିସ):** ବାରଙ୍ଗ ଅଞ୍ଚଳରେ ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି ।୬ ବର୍ଷ ଝିଅକୁ ଦୁଷ୍କର୍ମ କରାଯାଇଥିବା ନେଇ ବାରଙ୍ଗ ଥାନାରେ ମାମଲାରୁଜୁ ହୋଇଛି। ଦୁଷ୍କର୍ମ କରିଥିବା ଯୁବକ ହେଉଛନ୍ତି ଝାଡ଼ଖଣ୍ଡ ଅଞ୍ଚଳର, ସେ ତ୍ରିଶୂଳିଆ ନିକଟରେ ଥିବା ଏକ ଇଟାଭାଟିରେ କାମ କରୁଥିଲେ ।ମଙ୍ଗଳବାର ସନ୍ଧ୍ୟା ସମୟରେ ଯୁବକ ଜଣଙ୍କ ୬ ବର୍ଷ ଝିଅକୁ ଭାଟିରୁ କୁରୁର୍କୁରେ ଖାଇବାକୁ କହି ପାଖରେ ଥିବା ଏକ ଦୋକାନକୁ ଆଣିଥିଲା ।କୁରୁକୁରେ କିଣାଇ ସାରି ଭାଟିକୁ ଫେରିବା ବେଳେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା ।ଝିଅଟି କଷ୍ଟ ସହ୍ୟ କରିନପାରି ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକ ଦୁଷ୍କର୍ମପୀଡ଼ିତା କଟକର ଶିଶୁଭବନକୁ ଚିକିତ୍ସା ପାଇ ନେବା ସହ ବାରଙ୍ଗ ଥାନାକୁ ଜଣାଇଥିଲେ ।ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ଗତ କାଲି ରାତିରେ ଅଭିଯୁକ୍ତ କୁ ଧରିବା ପାଇଁ ଉଦ୍ୟମ କରିଥିବା ବେଳେ ଆଜି ସକାଳୁ ପୋଲିସ ଅଭିଯୁକ୍ତ କୁ ଧରିବାକୁ ସକ୍ଷମ ହୋଇଛି ।ଅଭିଯୁକ୍ତ ହେଉଛନ୍ତି ଝିଅର ସମ୍ପର୍କୀୟ ମାମୁ ବୋଲି ଜଣାପଡିଛି।

## ଧାନ କିଣା ପାଇଁ ବ୍ୟାପକ ପ୍ରସ୍ତୁତି : ସମବାୟ ମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟରେ ଆଜିଠୁ ଆରମ୍ଭ ହେଉଛି ଧାନ କିଣା । ବାହାର ରାଜ୍ୟ ଚାଷୀ ଓ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସରକାର । ସୀମାରେ ପୋଲିସ ପାଟ୍ରୋଲିଂ ନିରନ୍ତର ଚାଲିଛି ବୋଲି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ଯେମିତି ଅନ୍ୟ ରାଜ୍ୟର ଚାଷୀ ଓଡ଼ିଶାରେ ଆସି ଧାନ ବିକ୍ରି କରିବେ ନାହିଁ, ସେଥିପାଇଁ ପଦକ୍ଷେପ ନେଇଛନ୍ତି ସରକାର । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅସୁବିଧା ସାମ୍ନାକୁ ଆସିନାହିଁ । ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ମଣ୍ଡିରେ ଗ୍ରେନ ଆନାଲାଇଜର ଲଗାଯାଇଛି । ଚାଷୀଙ୍କ ଧାନକୁ ବର୍ଷା ପାଣିରୁ ସୁରକ୍ଷିତ ରଖିବା ପାଇଁ ମଣ୍ଡିରେ ପଲିଥିନ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା



**ବଡଚଣା (ମାନିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ର ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବନିତା ବିଶ୍ୱାଳଙ୍କ ଅଧ୍ୟକ୍ଷତା ଓ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଭକ୍ତଚରଣ ସାହୁଙ୍କ ସଂଚାଳନାରେ ବିଦ୍ୟାଳୟ ପରିସରରେ ଥିବା ସୁବର୍ଣ୍ଣ ଜୟନ୍ତୀ ପରିସର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଉତ୍ସବ ପ୍ରଦୀପଜାଳୀ ଆନୁଷ୍ଠାନିକ ଉଦଘାଟନ କରିଥିଲେ ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ ଡା ରାଜକିଶୋର ପାତ୍ରୀ ଓ ସମ୍ପ୍ରତି ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ରମଶଃ ବିପର୍ଯ୍ୟସ୍ୟ ଆଡକୁ ମୁହାଉଁଛି ଠିକ ସେହି ସମୟରେ ଜଣେ ଭଲ ଶିକ୍ଷକକୁ ଅଞ୍ଚଳବାସୀ ,ଶିକ୍ଷକ ,ଶିକ୍ଷୟତ୍ରୀ ,ଛାତ୍ର ,ଛାତ୍ରୀ ଓ ଅଭିଭାବକମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ଉପହାର ଦେଇ ତାଙ୍କ ମହନୀୟ ସ୍ମୃତିକୁ ବଖାଣିବା ଶିକ୍ଷାର ମାନକୁ ବଞ୍ଚିରଖିବାର ପ୍ରୟାସ ନିଶ୍ଚୟ ସ୍ୱାଗତଯୋଗ୍ୟ ପଦକ୍ଷେପ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଜଣେ ଶିକ୍ଷକ ଜୀବନର ସଫଳତା ସେତେବେଳେ ଆସେ ସଂସ୍କୃତୀ ଚଳଣି ଓ ସଂସ୍କାରକୁ ଭଲପାଇବା ସହିତ ନିଜ ବାପା ମା ଙ୍କ ଆଶୀର୍ବାଦ ନେବା ଦେଶକୁ ଭଲପାଇବା ସହିତ ସଫଳ ସୋପାନରେ ପହଂଚିପାରିବ ବୋଲି ମତବ୍ୟକ୍ତ କରିଥିଲେ ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପୁରାତନାଛାତ୍ର ସଂସଦର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ହେମନ୍ତ କୁମାର ବାରିକ, ମୋସ୍କୁଲର ଅଭିଯାନ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ସାମଲ , ସିଆରସି ଏକାଦଶୀ ମଲିକ,ଅମୂଲ୍ୟ କୁମାର ଦାସ, ଚନ୍ଦ୍ରମଣି ଲେଙ୍କା, ପତରାଜପୁର ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପରିଡ଼ା,ଶିକ୍ଷକ ସରୋଜ ଦାସ ,ଛାତ୍ରୀ ସାଜିୟା ନାଜିନ, ଛାତ୍ର ସତ୍ୟବ୍ରତ ଦାସ, ସାଇନା ପୀରଦୋଷ, ସ୍ମୃତିରେଖା ବେହୁରା, ଶିକ୍ଷୟତ୍ରୀ ସାଗରୀକା ଦାସ,ଶିକ୍ଷା ପ୍ରେମୀ ତଥା ପୁରାତନ ଛାତ୍ରସଂସଦ ଉପସଭାପତି ମନୋଜ କୁମାର ପରିଡା, ପୂଜାରିଣୀ କର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ପ୍ରଫୁଲ୍ଲ ସାମଲଙ୍କ ଗୁଣାବଳୀର ଉପମା ପ୍ରଦାନକାରୀ ବିଦାୟୀ ଅଭିନନ୍ଦନ ଜଣାଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନଟବର ସାମଲ, ବିଳାସ ଚନ୍ଦ୍ର ବାରିକ, ସରୋଜ ଶତପଥୀ, ସାମ୍ବାଦିକ ଏକାଦଶୀ ସେଠି, ଆଦ୍ୟପକ ସଂଗ୍ରାମ ପରିଡା, ଅକୁଳି ଦାସ, କୈଳାସ ବେହେରା ,ବିଜୟ କୁମାର ଦାସ ,ପ୍ରେମାନନ୍ଦ ପରିଡା ପ୍ରମୁଖ ଯୋଗଦେଇଥିଲେ ଓ ସ୍ୱାଗତ ଭାଷଣ ଅତିଥି ପରିଚୟ କରିଥିଲେ ସରକାରୀ ଶିକ୍ଷକ ଗଙ୍ଗାଧର ସାହୁ ଓ ଅତିଥିମାନଙ୍କଦ୍ୱାରା ଅଭିନନ୍ଦିନୀକ 'ପ୍ରଫୁଲୀତ ପ୍ରଫୁଲ' ପତ୍ରିକା ଉନ୍ମୋଚିତ ହୋଇଥିଲା ଓ ଏହି ସଭାକୁ ପରିଚାଳନାରେ ଶିକ୍ଷୟତ୍ରୀ ଚାରୁଲା ନନ୍ଦ , ଭାରତୀ ଜେନା, ମିନତୀ ବେହେରା, ଶୁଭଶ୍ରୀ ଜେନା ,ସିପ୍ରା ସୁଜାତା ପ୍ରଧାନ ଲକ୍ଷ୍ମୀପ୍ରିୟା ପୃଷ୍ଟି, ସୋମ୍ୟରଞ୍ଜନ ଓଝା, ନିହାର କୁମାର ପରିଡା, କିରଣ କୁମାର ଜେନା, ଗଂଜିତା ରାଉତରାୟ, ସବୁଜ କୁମାର ଦାସ,ନିବେଦିତା ସାହୁ, ପ୍ରିୟଦର୍ଶିନୀ ରାଉତ, ଜୟଶ୍ରୀ ରାୟ, ନିଶିକାନ୍ତ ସାହୁ ମଣିଭଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ଓ ପ୍ରାରମ୍ଭରେ ବିଦାଇ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ ଛାତ୍ର ଛାତ୍ରୀ ଓ ଅତିଥିମାନେ ସ୍ୱାଗତ ସମ୍ବର୍ଦ୍ଧନା ଓ ଉପହାର ଦେବାସହିତ ଓ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ହୋଇଥିଲା ଓ ଶେଷରେ ମୋସ୍କୁଲ ଅଭିଯାନ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରସଙ୍ଗରେ ସେମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସେମାନଙ୍କର ମତାମତ ବାଣ୍ଟିଥିଲେ।

## ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ବଲାଙ୍ଗୀରରେ ଉଦ୍ୟୋଗୀ ମାନଙ୍କ ପାଇଁ ଟାଉନ୍ ହଲ୍ ବୈଠକ




**ଭୁବନେଶ୍ୱର :** ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୯, ୨୦୨୪ ତାରିଖରେ ବଲାଙ୍ଗୀର ଜିଲ୍ଲା ରେ ଉଦ୍ୟୋଗୀ ମାନଙ୍କ ପାଇଁ ଟାଉନ ହଲ୍ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କ ନିକଟରେ ପହଞ୍ଚିବା ଏବଂ ବ୍ୟାଙ୍କିଙ୍ଗ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ର କ୍ଷେତ୍ରୀୟ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ୍ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଜର୍ଭ ବ୍ୟାଙ୍କ ର ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟନାୟକ, ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଆଇଏଏସ ଶ୍ରୀ ଗୌରବ ଶିବାଜୀ ଇସଲ୍କର, ଏସଏଲବିସିର ମହାପ୍ରବନ୍ଧକ ଶ୍ରୀ ଗୌତମ ପାତ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ସୂର୍ଯ୍ୟକାନ୍ତ ଦାସ, ଷ୍ଟେଟ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ଉପ-ମହାପ୍ରବନ୍ଧକ ଶ୍ରୀ ସଞ୍ଜୟ କୁମାର ଝା ତଥା ବଲାଙ୍ଗିରର ଜି ଏମ, ଡି ଆଇ ସୀ, ଶ୍ରୀ ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗିର ଜିଲ୍ଲା ର ଉଦ୍ୟୋଗୀ ସଂଘ ଯଥା ଓ.ଏ.ଏସ.ଏମ ଇ, ଓ ଆଇ ଏ, ୟୁ ସି ସି ଆଇ, ଇଣ୍ଡଷ୍ଟ୍ରି ଫେଡେରେସନ, ତିନୋଟି ଆଗ୍ରି ଉଦ୍ୟୋଗ ଆଦିରୁ ୨୦୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହକାରୀ ଭାଗ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡି ଡି ଏମ ନାବାର୍ଡ ଏବଂ ଜିଲ୍ଲା ରେ ଥିବା ମୁଖ୍ୟ ବ୍ୟାଙ୍କ ଗୁଡ଼ିକର ଆଞ୍ଚଳିକ ମ୍ୟାନେଜର ଓ ବ୍ରାଞ୍ଚ ମ୍ୟାନେଜରମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ଏମଏସଏମଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରଶ୍ନ ଏବଂ ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ପ୍ରଶ୍ନ ପଚାରିଥିଲେ ଏବଂ ବ୍ୟାଙ୍କ ଫାଇନାନ୍ସ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ।

## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସର୍ଗତ ଇନ୍ଦିରା ଗାନ୍ଧୀ ଙ୍କ ଜନ୍ମ ଜୟନ୍ତୀ ପାଳିତ

**ବାଲେଶ୍ୱର(ମାନିସ):** ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି। ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ,ଯୁବନେତା ସରୋଜ ଲେଙ୍କା, କହ୍ନେଇ ବେହେରା,କୃଷ୍ଣ ଗୋପାଳ ପଣ୍ଡା,ଜୁବୁଲି ପଣ୍ଡା,ପ୍ରତିମା ପଣ୍ଡା, ପିସିସି ସଦସ୍ୟ ବିକାଶ କୁମାର ଦାସ,ବିଦ୍ୟାଧର ମହାନ୍ତି,ରବୀନ୍ଦ୍ର ଘଡେଇ,ରାଜୀବ ମହାପାତ୍ର,ଅନୁପ କୁମାର ସ୍ୱାଇଁ,ଶ୍ରୀକାନ୍ତ ବଗଡାଇ,ସୁବ୍ରତ ରାଉଳ,ପ୍ରମୁଖ ଉପସ୍ଥିତ ରହି ସର୍ଗତ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ ।ଇନ୍ଦିରା ଗାନ୍ଧୀ ଜୀ ଅମର ରହେ ଧ୍ୱନି ଦେଇ ସମସ୍ତେ ଗୋଟେ ମିନିଟ ନିରବ ପ୍ରାର୍ଥନା କରିବା ସହ ଇନ୍ଦିରା ଗାନ୍ଧୀଙ୍କ ଫୋଟଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ୩୭ତମ ବିସିଆଇ ନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା: ଇତିହାସ ସୃଷ୍ଟି କଲା କିଟ୍ ଲ' ସ୍କୁଲ୍



**ଭୁବନେଶ୍ୱର:** କିଟ୍ ଲ' ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସମ୍ମାନଜନକ ୩୭ତମ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ରାଷ୍ଟ୍ରୀୟ ସର୍ବଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର କର୍ଣ୍ଣାବତୀ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଏହି ପ୍ରତିଯୋଗିତାରେ କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀମାନେ ପୁଣି ଥରେ ଶ୍ରେଷ୍ଠତ୍ୱ ବଜାୟ ରଖିବା ସହ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ୍ କରିଛନ୍ତି। ତିନିତିନି ଥର ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଜୟ ଲାଭ କରିବାରେ କିଟ୍ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି। ସୂଚନାଯୋଗ୍ୟ, ୨୦୦୭ରେ ପ୍ରତିଷ୍ଠିତ କିଟ୍ ଲ ସ୍କୁଲ୍ ଦେଶର ଏକ ଅଗ୍ରଣୀ ଲ'ସ୍କୁଲ ଭାବେ ଖ୍ୟାତି ଅର୍ଜନ କରିବା ସହ ଏଭଳି ଉପଲବ୍ଧି ଉଲ୍ଲେଖନୀୟ। ଏହା ପୂର୍ବରୁ କିଟ୍ ଲ' ସ୍କୁଲ୍ ଦୁଇ ଥର ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ନ୍ୟାସନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବେଳେ ଏବେ ତୃତୀୟ ଥର ପାଇଁ କିଟ୍ ଲ ସ୍କୁଲ୍ ଇତିହାସ ରଚିଛି। ଏହି ବିଜୟ ଭବିଷ୍ୟତ ଆଇନଜୀବୀଙ୍କ ଉତ୍ସର୍ଗୀକୃତ ଓ କଠିନ ପରିଶ୍ରମ ତଥା ଦକ୍ଷତାର ପ୍ରମାଣ ଦେବା ସହ କିଟ୍ ଲ ସ୍କୁଲର ଗୁଣାତ୍ମକ ଶିକ୍ଷାଦାନ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ଉପଯୁକ୍ତ ମାର୍ଗଦର୍ଶନ ପ୍ରତିପାଦିତ କରୁଛି।

ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ତିନିତିନି ଥର ବିସିଆଇ ମୁଟ୍ କୋର୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିବା ଭାରତବର୍ଷ ଓ ବିଶେଷ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସଫଳତା ପାଇଁ ସେ ବିଜୟୀ ହୋଇଥିବା କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପରବର୍ତ୍ତୀ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ ସମ୍ମାନଜନକ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ବିଭିନ୍ନ ଜାତୀୟସ୍ତରର ଲ' ସ୍କୁଲ୍ ସମେତ ଦେଶର ବହୁ ପ୍ରତିଷ୍ଠିତ ଲ' ସ୍କୁଲ୍‌ର ପିଲାମାନେ ଅଂଶଗ୍ରହଣ କରିଥାନ୍ତି।

## ନିଶାମୁକ୍ତି କେନ୍ଦ୍ରରେ ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳନ



**ଚୌଦ୍ୱାର (ମାନିସ):** ଚୌଦ୍ୱାର ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର ରେ ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳନ । ନଭେମ୍ବର ୨୦ ତାରିଖ ଏହି ଦିନ ସାରା ବିଶ୍ୱରେ ଆନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ ପାଳନ କରାଯାଏ । ସେହିଭଳି ଆଜି ଓଡିଶା ରେ ନାବାଳକ ନିଶା ସେବନକାରୀ ଙ୍କ ପାଇଁ ଉଦିଷ୍ଟ ସର୍ବ ପ୍ରଥମ 'ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର' ରେ ଥିବା ଅନ୍ତେବାସୀ ମାନେ ମଧ୍ୟ 'ଅନ୍ତର୍ଜାତୀୟ ଶିଶୁ ଅଧିକାର ଦିବସ' ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଓଡିଶା ର ସୁନାମଧନ୍ୟ ସମାଜସେବୀ ଲୋରାମିତ୍ରା ରଥ,ସାମାଜିକ କର୍ମୀ ଶ୍ରୀଯୁକ୍ତ ଆର୍ଯ୍ୟା ପ୍ରଦୀପ ଦାସ ଓ ସମାଜସେବୀ ଶ୍ରୀମତୀ ଅନୁଭା ଦାସ ପ୍ରମୁଖ ଯୋଗ ଦାନ କରି ଶିଶୁ ଟିର ଜନ୍ମ ଠାରୁ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ କଣ କଣ ଅଧିକାର ତାକୁ ମିଳିବ ଓ କେଉଁ ଅଧିକାର ପାଇବାକୁ ହକଦାର ସେ ବିଷୟ ରେ ଆଲୋଚନା କରିଥିଲେକ୍ଷ କେନ୍ଦ୍ର ମଧ୍ୟରେ ଥିବା ଅନ୍ତେବାସୀ ମାନଙ୍କ କଣ ଅଧିକାର ପାଇବା ଜରୁରୀ ସେ ଉପରେ ଶ୍ରୀମତୀ ରଥ ଆଲୋକପାତ କରିଥିଲେ । ନାବାଳକ ଅନ୍ତେବାସୀ ମାନେ ନିଜେ ନିଜେ ଶିକ୍ଷା ଗ୍ରହଣ କରିଥିବା ଗ୍ରୁପ ନୃତ୍ୟ , ଏକକ ନୃତ୍ୟ, ସଂଗୀତ, ଶିଶୁ ଟିର ଅଧିକାର ଉପରେ ବକ୍ତୃତା ମଧ୍ୟ ପରିବେଷଣ କରାଯାଇଥିଲା କ୍ଷ ଉପସ୍ଥିତ ଥିବା ମୁଖ୍ୟ ଅତିଥି ଶ୍ରୀମତୀ ରଥ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗ ନେଇଥିବା ସମସ୍ତେ ଅନ୍ତେବାସୀ ଙ୍କୁ ଖାତା, କଲମ, ବ୍ୟାଗ ଦେଇ ପୁରସ୍କୃତ କରିଥିଲେ କ୍ଷ କେକ୍ କାଟି ସମସ୍ତେ ଅନ୍ତେବାସୀ, ଅତିଥି ଓ କର୍ମକର୍ତା ମାନେ ଶିଶୁ ଅଧିକାର ଦିବସ ପାଳନ କରିଥିଲେକ୍ଷ ଶେଷରେ ଅନ୍ତେବାସୀ ମାନଙ୍କ ମନପସନ୍ଦ ରେ ସେହି ଦିନ ର ଟିଫିନ ଓ ରାତ୍ରି ଭୋଜନ କେନ୍ଦ୍ର ମଧ୍ୟରେ ଅନ୍ତେବାସୀ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅଧକ୍ଷ ଶ୍ରୀଯୁକ୍ତ ନରୋତ୍ତମ ଦାସ, ବଦ୍ରିନାରାୟଣ ଅଧିକାରୀ, ପ୍ରିୟଙ୍କା ଦାସ, ସୁବ୍ରତ ଖଟୁଆ, ଉଦ୍ଧାର ଫାଉଣ୍ଡେସନ ସଂଗଠନ ର ସମ୍ପାଦକ ଶିବାନନ୍ଦ ବାରିକ, ସହ ସମ୍ପାଦକ ସରୋଜ ସାହୁ, ଉପସଭାପତି ଦିଲୀପ ସାହୁ, କାହ୍ନୁ ଚରଣ ସେଠୀ, କୋଷାଧକ୍ଷ କେଦାର ନାଥ ବେହେରା, ବରିଷ୍ଠ ସଦସ୍ୟ ଆବେଶ କମଲ ସତ୍ୟପ୍ରକାଶ ମଲକ , ସୌଭାଗ୍ୟରାଜ ନାୟକ, ବିଶ୍ୱଜିତ ଓଝା, ଓମ ପ୍ରକାଶ ନାୟକ, କୃଷ୍ଣ ଚନ୍ଦ୍ର ଜେନା, ସୋମ୍ୟ ରଞ୍ଜନ ପରିଡା ଓ ସାନ ସୁବୁଦ୍ଧି ରାୟ ପ୍ରମୁଖ ଯୋଗଦାନ କରିଥିଲେ ।

## ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପ୍ରସ୍ତୁତ 'ଖଜୁରୀ ଗୁଡ଼'ର ଚାହିଦା

**ନୂଆଦିଲ୍ଲୀ/ ଭୁବନେଶ୍ୱର:** ତାଳ ଓ ଖଜୁରୀରୁ ପ୍ରସ୍ତୁତ ଗୁଡ଼ ହେଉଛି ଏକ ପାରମ୍ପରିକ ଖାଦ୍ୟ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହୋଇଥିବାରୁ ବର୍ତ୍ତମାନ ସମୟରେ ଏହାର ଭଲ ଚାହିଦା ରହିଛି । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର 'ଓଡ଼ିଶା ମଣ୍ଡପ'ରେ ଏହି ଖଜୁରୀ ଗୁଡ଼ ଏକ ପ୍ରମୁଖ ଆକର୍ଷଣ ପାଲଟିଛି ।

ଓଡ଼ିଶା ମଣ୍ଡପରେ ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଖୋଲାଯାଇଥିବା ସ୍ୱତନ୍ତ୍ର ଷ୍ଟଲରେ ଖଜୁରୀ ଗୁଡ଼ ପ୍ରଦର୍ଶନ ଓ ବିକ୍ରି କରାଯାଉଛି । ତା'ସହିତ ତାଳ ଓ ଖଜୁରୀ ଗଛର ପତ୍ରରୁ ପ୍ରସ୍ତୁତ ବିଭିନ୍ନ ଘରୋଇ ଉପକରଣ ମଧ୍ୟ ଏଠାରେ ବିକ୍ରି କରାଯାଉଛି । ଦେଶ ବିଦେଶରୁ ଆସୁଥିବା ଦର୍ଶକମାନେ ଏହାକୁ ଆଗ୍ରହର ସହ କିଣୁଛନ୍ତି । ମଙ୍ଗଳବାର ସୁଦ୍ଧା ଏହି ଷ୍ଟଲରେ ୩୫ ହଜାର ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି ।

'ଖଜୁରୀ ଗୁଡ଼ ସ୍ୱାସ୍ଥ୍ୟ ପାଇଁ ଭଲ । ତେଣୁ ପ୍ରତିବର୍ଷ ଆମେ ବାଣିଜ୍ୟ ମେଳାରୁ ଖଜୁରୀ ଗୁଡ଼ କିଣିଥାଉ । ବିଶେଷକରି, ଓଡ଼ିଶା ଖଜୁରୀ ଗୁଡ଼ର ଏକ ନିଆରା ସ୍ୱାଦ ରହିଛି । ଆମେ ଓଡ଼ିଶା ମଣ୍ଡପରୁ ଖୋଜି ଖୋଜି ଏହି ଗୁଡ଼ କିଣୁଛୁ,' କହିଛନ୍ତି ଦିଲ୍ଲୀର ଜଣେ ବାସିନ୍ଦା ଭାରତ ଭୂଷଣ ଅରୋରା ।

ସେହିପରି ଦିଲ୍ଲୀର ଆଉ ଜଣେ ଦର୍ଶକ ଧରମବୀର ଅଗ୍ରୱାଲ କହନ୍ତି, 'ଆମ ପରିବାରରେ ସମସ୍ତେ ନିୟମିତ ଗୁଡ଼ ଖାଇବାକୁ ପସନ୍ଦ କରୁଛନ୍ତି । ବାଣିଜ୍ୟ ମେଳା ଆସିଲେ ଆମେ ଓଡ଼ିଶା ମଣ୍ଡପରୁ ଖଜୁରୀ ଗୁଡ଼ କିଣିଥାଉ । ଏଥର ମଧ୍ୟ ଆମେ ଖଜୁରୀ ଗୁଡ଼ କିଣିଛୁ । ଏହା ଜୈବିକ ଉପାୟରେ ପ୍ରସ୍ତୁତ ହେଉଥିବାରୁ ଖାଇବାକୁ ଭଲ ଲାଗୁଛି ।'

ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଅଧୀନରେ କଟକ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ପୁରୀ, ଗଜପତି, ଢେଙ୍କାନାଳ, ଅନୁଗୋଳ ଏବଂ ବୌଦ୍ଧ ଜିଲ୍ଲା ରହିଛି । ତା' ଭିତରୁ ଗଜପତି, ଢେଙ୍କାନାଳ, ଅନୁଗୋଳ ଓ ବୌଦ୍ଧ ଜିଲ୍ଲାରେ ଖଜୁରୀ ଗୁଡ଼ ପ୍ରସ୍ତୁତି ହେଉଛି । ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଅଧୀନରେ ଥିବା ୨୩ଟି ପ୍ରାଥମିକ ତାଳଗୁଡ଼ ସମବାୟ ସମିତି ମାଧ୍ୟମରେ ଏହି ଗୁଡ଼ ଉତ୍ପାଦନ କରାଯାଉଛି । ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଜୀବିକା ପାଉଛନ୍ତି ।




'ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପ୍ରସ୍ତୁତ ଖଜୁରୀ ଗୁଡ଼ର ଭଲ ଚାହିଦା ରହିଛି । ମେଳା ବୁଲିବାକୁ ଆସୁଥିବା ଲୋକମାନେ ଏହି ଗୁଡ଼ କିଣିବାକୁ ଆଗ୍ରହ ଦେଖାଉଛନ୍ତି । ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହନ ଦେଉଥିବାରୁ ଓଡ଼ିଶା ବାହାରେ ଏହାର ଭଲ ଚାହିଦା ରହୁଛି,' କହିଛନ୍ତି ବାଣିଜ୍ୟ ମେଳାକୁ ଆସିଥିବା ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘର ମାର୍କେଟିଂ ଇନଚାର୍ଜ ଅନିଲ କୁମାର ବେହେରା ।'

ସମବାୟ ସଙ୍ଘ ପକ୍ଷରୁ ବିଭିନ୍ନ ଜିଲ୍ଲାରେ ଖଜୁରୀ ଏବଂ ତାଳ ବଗିଚା ସୃଷ୍ଟି କରାଯାଉଛି । ଚାଷୀମାନେ ସୂର୍ଯ୍ୟ ଉଦୟ ପୂର୍ବରୁ ଖଜୁରୀ ଗଛରୁ ରସ ସଂଗ୍ରହ କରିଥାନ୍ତି । ଏହାକୁ ଚୁଲିରେ ରନ୍ଧାଯାଇ ଗୁଡ଼ ପ୍ରସ୍ତୁତ କରାଯାଇଥାଏ । ପ୍ରାଥମିକ ସମବାୟ ସମିତିଗୁଡ଼ିକଠାରୁ ଗୁଡ଼ ସଂଗ୍ରହ କରାଯିବା ପରେ ଏହାକୁ ପ୍ୟାକେଜିଂ କରାଯାଇଥାଏ ।

ଖଜୁରୀ ଗୁଡ଼କୁ ସମ୍ପୂର୍ଣ୍ଣ ଜୈବିକ ଉପାୟରେ ପ୍ରସ୍ତୁତ କରାଯାଉଛି । ନିକଟରେ ଏହା ଜିଆଇ ମାନ୍ୟତା ପାଇଛି । 'ଓଡ଼ିଶା ଖଜୁରୀ ଗୁଡ଼' ନାଁରେ ଏହା ବଜାରରେ ଉପଲବ୍ଧ ହେଉଛି । ଏହି ଗୁଡ଼ କିପରି ବଜାର ସଂଯୋଗ ହୋଇପାରିବ ସେନେଇ ସମବାୟ ସଂଘ ପକ୍ଷରୁ ବ୍ୟବସ୍ଥା କରାଯାଉଛି । ଭୁବନେଶ୍ୱରର ୟୁନିଟ-୨ ଓ ଗଣ୍ଡମୁଣ୍ଡା ଏବଂ କଟକର ଚାନ୍ଦିନୀଚୌକଠାରେ ଥିବା ଆଉଟଲେଟରେ ଏହା ବିକ୍ରି କରାଯାଉଛି । ଏହାଛଡ଼ା ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମେଳାରେ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇ ଏହି ଗୁଡ଼ ବିକ୍ରି କରାଯାଉଛି ।

ମାତୃଭାଷା



### ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି

# ଚାଇନାକୁ ହରାଇ ଭାରତ ଚାମ୍ପିୟନ

- ୧-୦ରେ ଜିତିଲା ଭାରତୀୟ ମହିଳା ଦଳ
- ୨୦୨୩ରେ ଜାପାନକୁ ହରାଇ ହୋଇଥିଲା ଚାମ୍ପିୟନ



**ନୂଆଦିଲ୍ଲୀ, ୨୦।୧୧:** ପୁଣିଥରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି କବଜା କରିଛି ଭାରତୀୟ ମହିଳା ହକି ଟିମ। ବିହାରର ରାଜଗିରରେ ଭାରତୀୟ ମହିଳା ଟିମ ରାଜ କରିଛି। ଆଜି ଫାଇନାଲରେ ଭାରତୀୟ ମହିଳା ଦଳ ଚାଇନାକୁ ୧-୦ରେ ହରାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଛି।

୨୦୨୩ରେ ଦଳ ଜାପାନକୁ ୪-୦ ଗୋଲରେ ହରାଇ ରାଞ୍ଚିରେ ଟ୍ରଫି ତୋଳିଥିଲା। ଏଥର ବିହାରରେ ଭାରତର ଫାଇନାଲ ଶିକାର ବନିଛି ଚାଇନା। ମୁଖ୍ୟକୋଚ ଭାବେ ହରେନ୍ଦ୍ର ସିଂହ ପ୍ରଥମ ଟାଇଟଲ ଜିତିବାକୁ ମଧ୍ୟ ସକ୍ଷମ ହୋଇଛନ୍ତି।

ଆଜିର ଫାଇନାଲରେ ଭାରତ ପକ୍ଷରୁ ଏକମାତ୍ର ଗୋଲ ଦୀପିକା ସ୍କୋର କରିଛନ୍ତି। ୩୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନବନୀତ କୌର ଠିକ ଭାବେ ହିଟ କରିପାରି ନଥିଲେ। ଏହା ତାଙ୍କ ଷ୍ଟିକରେ ବାଜି ଦୀପିକାଙ୍କ ପାଖକୁ ଚାଲି ଯାଇଥିଲା। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ।

ଏହି ଗୋଲରେ ହିଁ ଭାରତ ବିଜୟ ହୋଇଛି। ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ଦୀପିକାଙ୍କୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ହେଲେ ସେ ଏହାକୁ ଗୋଲରେ ପରିଣତ କରିପାରି ନଥିଲେ। ଭାରତ ଶେଷରେ ୧-୦ରେ ମ୍ୟାଚ ଜିତି ଚାମ୍ପିୟନ ହୋଇଛି।

ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିବା ସହ ଟ୍ରଫି କବଜା କରିଛି। ସେମି ଫାଇନାଲରେ ଦଳ ଜାପାନକୁ ୨-୦ରେ ହରାଇଥିଲା। ୨୦୧୦ରୁ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେଉଛି।

ଭାରତ ପ୍ରଥମଥର ପାଇଁ ୨୦୧୬ରେ ଟ୍ରଫି ଜିତିଥିଲା। ୨୦୧୮ରେ ଦଳକୁ ଫାଇନାଲରେ ଦକ୍ଷିଣ କୋରିଆ ଠାରୁ ୦-୧ରେ ହାରିବାକୁ ପଡ଼ିଥିଲା। ହେଲେ ୨୦୨୩ ଓ ୨୦୨୪ରେ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇଛି।

### ଚାଇନା ମାଷ୍ଟର୍ସ

# ପ୍ରି-କ୍ୱାର୍ଟରରେ ସିନ୍ଧୁ ଓ ଲକ୍ଷ୍ୟ



**ସେନଝେନ, ୨୦।୧୧:** ଚୀନର ସେନଝେନ ଠାରେ ଅନୁଷ୍ଠିତ ଚାଇନା ମାଷ୍ଟର୍ସ-୨୦୨୪ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ପି.ଭି. ସିନ୍ଧୁ ଏବଂ ମାଳବିକା ବାଂଶୋଦ ମହିଳା ଏକକ ବର୍ଗରେ ଓ ଲକ୍ଷ୍ୟ ସେନ ପୁରୁଷ ଏକକ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସିନ୍ଧୁ' ମାଲେସିଆର ବୁସାନାନଙ୍କୁ ୨୧-୧୭, ୨୧-୧୯ ସେଟରେ ପରାସ୍ତ କରିଛନ୍ତି। ସେହିପରି ମାଳବିକା' ଡେନମାର୍କର ପ୍ରତିଯୋଗୀ ଲିନେ ହୋଜମାର୍କଙ୍କୁ ୨୦-୨୨, ୨୩-୨୧, ୨୧-୧୬ ସେଟରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ ମାଲେସିଆର ଲି ଜି ଜିଆଙ୍କୁ ୨୧-୧୪, ୧୩-୨୧ ଏବଂ ୨୧-୧୩ ସେଟରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପହଁଞ୍ଚିଛନ୍ତି। ଅନ୍ୟପକ୍ଷରେ ପୁରୁଷ ମିଳିତ ବର୍ଗରେ ଚିରାଗ ସେଟ୍ଟୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଚୀନର ଯୋଡ଼ିକୁ ଆଜି ଭେଟିବେ।

# ଦିଲ୍ଲୀ କ୍ୟାପିଟାଲ୍ ଛାଡ଼ିବା ପ୍ରସଙ୍ଗରେ ନୀରବତା ଭାଙ୍ଗିଲେ ପନ୍ତ



**ନୂଆଦିଲ୍ଲୀ, ୨୦।୧୧:** ଆଇପିଏଲ ୨୦୨୫ ମେଗା ଅକ୍ସନରେ ସବୁଠାରୁ ଚର୍ଚ୍ଚିତ ନାଁ ହେଉଛି ଟିମ ଇଣ୍ଡିଆର ୱିକେଟ କିପର ଋଷଭ ପନ୍ତ। ୨୦୧୬ରୁ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ସହ ରହିଥିଲେ। କିନ୍ତୁ ଚଳିତ ବର୍ଷ ମେଗା ଅକ୍ସନ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସରୁ ସେ ବାହାରି ଯାଇଛନ୍ତି।

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେଉଥିବା ମେଗା ଅକ୍ସନରେ ସେ ସାମିଲ ହେବେ। ପନ୍ତ ଜବରଦସ୍ତ ଫର୍ମରେ ଥିବାରୁ ତାଙ୍କୁ କିଣିବା ପାଇଁ ସବୁ ଫ୍ରାଞ୍ଚାଇଜ ଚେଷ୍ଟା କରିବେ। ସେ ରେକର୍ଡ ଦରରେ ବିକ୍ରି ହେବେ ବୋଲି ମଧ୍ୟ କୁହାଯାଉଛି।

ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ରିଟେନସନ ଫି' ସହ ଏକମତ ନ ହୋଇ ଫ୍ରାଞ୍ଚାଇଜ ଛାଡ଼ିଥିବା କୁହାଯାଉଛି। କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ମଧ୍ୟ ସମାନ କଥା କହିଛନ୍ତି। ଅଧିକ ଟଙ୍କା ପାଇବା ଆଶାରେ ପନ୍ତ ଏପରି କରିଥିବା ଗାଭାସ୍କର ଗୋଟିଏ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। କିନ୍ତୁ ଏହାର ଭିଡିଓ ଭାଇରାଲ ହେବା ପରେ ପନ୍ତ ଏହାକୁ ଖଣ୍ଡନ କରିଛନ୍ତି।

ଗାଭାସ୍କର ଗୋଟିଏ ଟିଭି ଚ୍ୟାନେଲରେ କହିଥିଲେ ଯେ ବଡ଼ବଡ଼ ଖେଳାଳିମାନେ ବେଳେବେଳେ ନିଜର ଉପଯୁକ୍ତ ପ୍ରାପ୍ୟ ପାଇଁ ଅକ୍ସନରେ ସାମିଲ ହୁଅନ୍ତି। ପନ୍ତ ମଧ୍ୟ ସମାନ କାରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ିଛନ୍ତି। ତେବେ ଦିଲ୍ଲୀ ତାଙ୍କୁ ନିଲାମ ବେଳେ ପୁଣି ଅଧିକ ଦାମରେ କିଣିବାକୁ ଚେଷ୍ଟା କରିବ।

ଟଙ୍କା ପାଇଁ ପନ୍ତ ଦିଲ୍ଲୀ ଛାଡ଼ିଥିବା ଗାଭାସ୍କର ଦେଇଥିବା ବୟାନର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓ ଭାଇରାଲ ହେବାରୁ ପନ୍ତ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, "ମୋ ରିଟେନସନ ନିଶ୍ଚିତ ଭାବେ ଟଙ୍କା ପାଇଁ ନଥିଲା ବୋଲି ମୁଁ କହିପାରିବି।"

ପନ୍ତଙ୍କ ପଛରେ ୧୦ଟି ଯାକ ଫ୍ରାଞ୍ଚାଇଜ ନିଲାମ ବେଳେ ପଡ଼ି ପାରନ୍ତି। ହେଲେ ଫ୍ରାଞ୍ଚାଇଜମାନଙ୍କ ପାଖରେ ରିଟେନସନ ପରେ ଥିବା ଟଙ୍କାକୁ ଦେଖିଲେ ପନ୍ତ ସମ୍ଭବତଃ ପଞ୍ଜାବ କିଙ୍ଗସ, ଲକ୍ଷ୍ନୌ ସୁପର ଜାଏଣ୍ଟସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଖକୁ ଯାଇ ପାରନ୍ତି। ଏପରି କି ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ତାଙ୍କୁ ପୁଣି କିଣିପାରେ।

# ଆଇସିସି ଟି-୨୦ ର୍ୟାଙ୍କିଙ୍ଗର ୩ ନମ୍ବରରେ ତିଲକ

**ଦୁବାଇ, ୨୦।୧୧:** ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଯୁବ ବ୍ୟାଟର ତିଲକ ବର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ରାଙ୍କିଙ୍ଗରେ ରେକର୍ଡ ୬୯ଟି ସ୍ଥାନ ଉପରକୁ ଉଠି ସିଧା ୩ନଂରେ ପହଞ୍ଚି ଯାଇଛନ୍ତି। ଏହା ତାଙ୍କ ଟି-୨୦ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ।

### ହାର୍ଦ୍ଦିକ ବିଶ୍ୱର ଶ୍ରେଷ୍ଠ ଅଲରାଉଣ୍ଡର

ସେ ଟିମ ଇଣ୍ଡିଆର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଟି-୨୦ ରାଙ୍କିଙ୍ଗରେ ସର୍ବଶ୍ରେଷ୍ଠ ଭାରତୀୟ ବ୍ୟାଟର ମଧ୍ୟ ବନି ଯାଇଛନ୍ତି।

ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଲକ ବର୍ମାଙ୍କ ଉପରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ଇଂଲଣ୍ଡର ଫିଲ ସଲ୍ଟ ରହିଛନ୍ତି। ତିଲକ ପ୍ରଥମଥର ପାଇଁ ତାଙ୍କ ଟି-୨୦ କ୍ୟାରିୟରରେ ଆଇସିସି ରାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି।



ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜରେ ତାଙ୍କ ବ୍ୟାଟରୁ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ଏହି ସଫଳତା ପରେ ତାଙ୍କୁ ରାଙ୍କିଙ୍ଗରେ ଫାଇଦା ମିଳିଛି। ଭାରତ ୩-୧ରେ ଟି-୨୦ ସିରିଜ ଜିତିଥିବା ବେଳେ ତିଲକ ବର୍ମା ୧୯୮ ଷ୍ଟ୍ରାଇକ ରେଟରେ ୨୮୦ ରନ କରିଥିଲେ। ସେ ୨୦ଟି ଛକା ମଧ୍ୟ ମାରିଛନ୍ତି।

ଚଳିତ ବର୍ଷ ଆରମ୍ଭରେ ସୂର୍ଯ୍ୟ କୁମାର ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ଏବେ ସେ ୪ନଂକୁ ଖସି ଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷର ସିରିଜରେ ସେ ନିଜ ୩ନଂ ବ୍ୟାଟିଂ ସ୍ଥାନକୁ ତିଲକଙ୍କ ପାଇଁ ଛାଡ଼ି ଦେଇଥିଲେ। ସୂର୍ଯ୍ୟ ୪ନଂରେ ବ୍ୟାଟିଂ କରିଥିବା ବେଳେ ୪ ମ୍ୟାଚ୍‌ରୁ ୩ ଇନିଂସରେ କେବଳ ୨୬ ରନ ହିଁ କରିଛନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷରେ ସଞ୍ଜୁ ସାମସନଙ୍କ ବ୍ୟାଟରୁ ମଧ୍ୟ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ସେ ରାଙ୍କିଙ୍ଗରେ ୧୭ଟି ସ୍ଥାନ ଉଠି ୨୨ ନମ୍ବରରେ ପହଞ୍ଚିଛନ୍ତି। ଟପ୍ ୧୦ରେ ତିଲକ ଓ ସୂର୍ଯ୍ୟ କୁମାରଙ୍କ ବ୍ୟତୀତ ଭାରତର ଯଶସ୍ୱୀ ଜୈସୱାଲ ୮ନଂ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷରେ ଟି-୨୦ ଅଲରାଉଣ୍ଡର ରାଙ୍କିଙ୍ଗରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ପୁଣି ୧ନଂରେ ପହଞ୍ଚି ଯାଇଛନ୍ତି। ସେ ଇଂଲଣ୍ଡର ଲିଆମ ଲିଭିଙ୍ଗଷ୍ଟୋନଙ୍କୁ ପଛକୁ ଠେଲି ଏପରି ସଫଳତା ପାଇଛନ୍ତି।

## ଜାତୀୟ ବରିଷ୍ଠ ଟେନିସବଲ୍ କ୍ରିକେଟ ପ୍ରତିଯୋଗିତାରେ ଭଦ୍ରକରୁ ୭ ମନୋନୀତ

**ଭଦ୍ରକ, ୨୦।୧୧:** ଜାମ୍ମୁ କାଶ୍ମୀରରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ବରିଷ୍ଠ ଟେନିସବଲ କ୍ରିକେଟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇ ୨୨ ନଭେମ୍ବର ୨୦୨୪ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ୧୬ ଜଣ ପୁରୁଷ ଓ ମହିଳା ଖେଳାଳୀଙ୍କ ନାମ ଘୋଷଣା କରିଛି। ମହିଳା ଦଳରେ ଭଦ୍ରକ ଜିଲ୍ଲାରୁ ପ୍ରଜ୍ଞାପରମିତା ପରିଡା , ମଧୁସ୍ମିତା ପଣ୍ଡା, ଇତିଶ୍ରୀ ସେଠୀ, ସନ୍ତୋଷିନୀ ତ୍ରିପାଠୀ ଓ ଭାଗ୍ୟଶ୍ରୀ ରାଉତ୍ ସ୍ଥାନ ପାଇଛନ୍ତି। ସେହିଭଳି ପୁରୁଷ ବିଭାଗରେ ରଜତ୍ ନାୟକ ଓ ଅଜିତ୍ ପଲାଇ ସ୍ଥାନ ପାଇଛନ୍ତି । ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସଂପାଦକ ମନୋଜ କୁମାର ସାହୁ, ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି, ଉପ ସଭାପତି ଗୌରହରି ମଣ୍ଡଳ, ମନୋଜ ଦାସ, ପବିତ୍ର ମୋହନ ଖିଲାଲ, ସହିଦ୍ ଖାନ୍, ସହ ସଂପାଦକ ବି. ପିତାମ୍ବର ରେଡି ଓ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇବା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ହିନ୍ଦୁସ୍ଥାନ ସମାଚାର/ପ୍ରମୋଦ/ଭାନୁ

## ଜାତୀୟ ସ୍କୁଲ ଉଷୁ ପ୍ରତିଯୋଗିତା ବଲାଙ୍ଗୀରରୁ ୨ ଜଣ

**ବଲାଙ୍ଗୀର, ୨୦।୧୧:** ଚଳିତ ମାସ ୨୨ରୁ ୨୬ ତାରିଖ ଜାମ୍ମୁ ଠାରେ ହେବାକୁ ଥିବା ଜାତୀୟ ଉଷୁ ପ୍ରତିଯୋଗିତା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦ ଜଣ ବାଳକ, ବାଳିକା ଏହି ଦଳରେ ବଲାଙ୍ଗୀରରୁ ଅଭିପ୍ସା ହୋତା ଏବଂ ରୁଦ୍ର ମେହେର ସ୍ଥାନ ପାଇଛନ୍ତି। ଆଜି ବଡ଼ବିଲ ଠାରେ ସ୍ୱତନ୍ତ୍ର ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ ତା' ପରେ ୧୮ ତାରିଖ ଭୁବନେଶ୍ୱରରୁ ଜାମ୍ମୁ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ଓ ଜିଲ୍ଲା ଉଷୁ ସଂଘ ସଭାପତି ତପନ ପାଣିଗ୍ରାହୀ ଶୁଭେଚ୍ଛା କାମନା କରିଛନ୍ତି।

### ଅଷ୍ଟ୍ରେଲିଆରେ ରହିବେ ଅଗରକର

# ସିରିଜ ପରେ ରୋହିତ ଓ ବିରାଟଙ୍କ ଉପରେ ନେବେ ବଡ଼ ନିଷ୍ପତ୍ତି !

**ନୂଆଦିଲ୍ଲୀ, ୨୦।୧୧:** ଟିମ ଇଣ୍ଡିଆର ଦୁଇ ଅଭିଜ୍ଞ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ନେଇ ଆସିଛି ବଡ଼ ଖବର। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ଦୁଇ ଖେଳାଳିଙ୍କ ଭବିଷ୍ୟତ ଉପରେ ନିଆଯିବ ବଡ଼ ନିଷ୍ପତ୍ତି। ଏଥିପାଇଁ ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ସମୟରେ ଅଷ୍ଟ୍ରେଲିଆରେ ରହିବାକୁ କୁହାଯାଇଛି।

ସେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସହ ମିଶି ଭବିଷ୍ୟତର ଧଳା ବଲ କ୍ରିକେଟ ଟିମ ସହ ଟେଷ୍ଟ କ୍ରିକେଟର ରୋଡ ମ୍ୟାପ ପ୍ରସ୍ତୁତ କରିବେ। ଏଥିସହ ଗମ୍ଭୀରଙ୍କୁ ଅଗରକର ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମଧ୍ୟ ପରାମର୍ଶ ଦେଇପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ନ୍ୟୁଜିଲ୍ୟାଣ୍ଡ ଠାରୁ ଭାରତ ଘରୋଇ ମାଟିରେ ୦-୩ରେ ହାରିବା ପରେ ଟିମ ମ୍ୟାନେଜମେଣ୍ଟ ପ୍ରଶ୍ନ ଘେରରେ ରହିଛି।



ଫଳସ୍ୱରୂପ ଅଗରକରଙ୍କୁ ପୂରା ଟେଷ୍ଟ ସିରିଜ ସମୟରେ ଅଷ୍ଟ୍ରେଲିଆରେ ରହି ଗମ୍ଭୀରଙ୍କ ସହ ମିଳିତ ଭାବେ କାମ କରିବାକୁ କୁହାଯାଇଛି।

ବିସିସିଆଇ ସୂତ୍ରରେ କୁହାଯାଇଛି, "ଉଭୟ ଅଗରକର ଓ ଗମ୍ଭୀର ଭଲ ଭାବେ ଜାଣିଛନ୍ତି ଯେ ଭାରତରେ ଦୁର୍ବଳ ପ୍ରଦର୍ଶନ ନିଶ୍ଚିତ ଭାବେ ସମାଲୋଚନାକୁ ନିମନ୍ତ୍ରଣ କରିବ। ଏହା ମଧ୍ୟ ସ୍ୱାଭାବିକ। ଯେହେତୁ ଅଷ୍ଟ୍ରେଲିଆରେ ଭାରତ ୫ଟି ଟେଷ୍ଟ ଖେଳିବ, ତେଣୁ ଅଗରକର ଓ ଗମ୍ଭୀର ଏକାଠି ବସି ସିରିଜ ପରେ ଦଳର ରୂପରେଖ କେମିତି ଆଗକୁ ରହିବ, ସେବିଷୟରେ ଆଲୋଚନା ପାଇଁ ସମୟ ପାଇପାରିବେ।

ଶକ୍ତିଶାଳୀ ବ୍ୟାକଅପ ସହ ଗୋଟିଏ ଦୃଢ଼ ଟିମ ଗଠନ ପାଇଁ ଉଭୟଙ୍କୁ ସମ୍ଭବତଃ ଦେଢ଼ ବର୍ଷ ସମୟ ଲାଗିପାରେ। ଏଥିପାଇଁ ଉଭୟଙ୍କୁ ଏକାଠି ରହି ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି।"

ରିପୋର୍ଟ ଅନୁସାରେ, ଦଳର ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଆଲୋଚନା ହେବ। ରୋହିତ ଶର୍ମା, ବିରାଟ କୋହଲି, ରବି ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଏବେ ବୟସ୍କ ହୋଇସାରିଲେଣି। ଏମାନେ ଯେକୌଣସି ସମୟରେ ଅବସର ମଧ୍ୟ ନେଇପାରନ୍ତି। ତେଣୁ ବରିଷ୍ଠ ଖେଳାଳିଙ୍କ ପରେ ଟିମର ରୂପରେଖ କେମିତି ରହିବ, ତା'ର ଯୋଜନା ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପରେ ପ୍ରସ୍ତୁତ ହେବ। ବର୍ଡର-ଗାଭାସ୍କର ଟ୍ରଫି ପରେ ରୋହିତ ଓ ବିରାଟଙ୍କ ଭଳି ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଉପରେ ମଧ୍ୟ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି ।

- ୨୦୨୪ରେ ପାକିସ୍ତାନ ଦଳ ନାଁରେ କଳଙ୍କ

# ଟି-୨୦ ମ୍ୟାଚ୍ ହାରିବାରେ ନମ୍ବର ୱାନ



**ନୂଆଦିଲ୍ଲୀ, ୨୦।୧୧:** ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ପାକିସ୍ତାନ କ୍ଲିନ ସୁଇପର ଶିକାର ହୋଇଛି। ପାକିସ୍ତାନ ସୋମବାର ତୃତୀୟ ମ୍ୟାଚ୍‌ରେ ୭ ୱିକେଟ୍‌ରେ ପରାଜିତ ହୋଇଛି। ଅଷ୍ଟ୍ରେଲିଆ ହାତରୁ ୦-୩ରେ ହାରିବା ପରେ ପାକିସ୍ତାନ ନାଁରେ ଏକ ଅଲୋଡ଼ା ରେକର୍ଡ ଯୋଡ଼ି ହୋଇ ଯାଇଛି। ୨୦୨୪ରେ ପାକିସ୍ତାନ ମଥାରେ ଏକ ବଡ଼ କଳଙ୍କ ଲାଗିଛି। ପାକିସ୍ତାନ ଚଳିତ ବର୍ଷ ସର୍ବାଧିକ ଟି-୨୦ ମ୍ୟାଚ୍ ହାରିବାରେ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି। ପାକିସ୍ତାନ ଏବଂ ଓମାନ ଏ ପର୍ଯ୍ୟନ୍ତ ୧୩ଟି ଲେଖାଏଁ ଟି-୨୦ ମ୍ୟାଚ୍ ହାରି ସାରିଛନ୍ତି। କିନ୍ତୁ ପାକିସ୍ତାନ ଏକ ପୂର୍ଣ୍ଣକାଳୀନ ସଦସ୍ୟ ଦେଶ ଭାବେ ୨୦୨୪ରେ ସର୍ବାଧିକ ଟି-୨୦ ମ୍ୟାଚ୍ ହାରିବାରେ ପ୍ରଥମ ସ୍ଥାନରେ ରହିଛି। ପାକିସ୍ତାନ ପରେ ଏକ ପୂର୍ଣ୍ଣକାଳୀନ ଦେଶ ଭାବେ ଦ୍ୱିତୀୟ ସ୍ଥାନରେ ଦକ୍ଷିଣ ଆଫ୍ରିକା ରହିଛି। ଏହି ଆଫ୍ରିକୀୟ ଦେଶ ୧୧ଟି ମ୍ୟାଚ୍ ହାରି ସାରିଛି। ଅଷ୍ଟ୍ରେଲିଆ ପରେ ପାକିସ୍ତାନକୁ ଏବେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ଗସ୍ତରେ ତିନୋଟି ଲେଖାଏଁ ଟି-୨୦ ମ୍ୟାଚ୍ ଖେଳିବାର ଅଛି। ଯଦି ଦଳ ଆଉ ତିନୋଟି ମ୍ୟାଚ୍ ହାରେ ତେବେ ଦଳ ନାଁରେ ଆହୁରି ଅପବାଦ ଯୋଡ଼ି ହୋଇଯିବ।

# ବରୋଦା ପକ୍ଷରୁ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଖେଳିବେ ହାର୍ଦ୍ଦିକ

**ହାର୍ଦ୍ଦିକ ପାଣ୍ଡ୍ୟା କିଛି ବର୍ଷର ବିରତି ପରେ ଘରୋଇ କ୍ରିକେଟ୍ ଖେଳିବାକୁ କମ୍‌ବ୍ୟାକ୍ କରୁଛନ୍ତି । ନଭେମ୍ବର ୨୩ରୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ହାର୍ଦ୍ଦିକ ତାଙ୍କ ଘରୋଇ ଦଳ ବରୋଦାକୁ ଫେରୁଛନ୍ତି । ଯେଉଁଠାରେ ସେ ତାଙ୍କ ବଡ଼ ଭାଇ କ୍ରୁନାଲ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଖେଳିବେ ।**

**ନୂଆଦିଲ୍ଲୀ ୨୦।୧୧:** ୮ ବର୍ଷ ପରେ ହାର୍ଦ୍ଦିକ ପାଣ୍ଡ୍ୟା ଏହି ଦଳକୁ ଫେରିଛନ୍ତି, ବିସିସିଆଇକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି । ଦକ୍ଷିଣ ଆଫ୍ରିକା ଗସ୍ତରୁ ଫେରିବା ପରେ ହାର୍ଦ୍ଦିକ ଆଜିକାଲି ଏକ ବ୍ରେକ୍‌ରେ ଅଛନ୍ତି । କିନ୍ତୁ ବର୍ତ୍ତମାନ ସେ ପୁନର୍ବାର କ୍ରିକେଟ୍ ପଡ଼ିଆକୁ ଫେରିବାକୁ ଯାଉଛନ୍ତି । ଏହାର କାରଣ ଟିମ୍ ଇଣ୍ଡିଆର ସିରିଜ୍ ନୁହେଁ, ବରଂ ଏକ ଘରୋଇ ଟୁର୍ଣ୍ଣାମେଣ୍ଟ ।

ଗୋଟିଏ ପଟେ ଭାରତୀୟ ଦଳ ନଭେମ୍ବର ୨୨ରୁ ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିବାକୁ ପଡ଼ିଆକୁ ଓହ୍ଲାଇବ । ତେବେ ଏହାର ଗୋଟିଏ ଦିନ ପରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବି ଆକ୍ସନରେ ନଜର ଆସିବେ । ଦୀର୍ଘ ଦିନ ଧରି ଟେଷ୍ଟ ଦଳରୁ ବାହାରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଷ୍ଟ୍ରେଲିଆରେ ନୁହେଁ କେବଳ ଭାରତରେ ନିଜର ଯାଦୁ ଦେଖାଉଥିବା ଦେଖିବାକୁ ମିଳିବ ।

ତେବେ ଟିମ୍ ଇଣ୍ଡିଆ କୌଣସି ଦିନିକିଆ କିମ୍ବା ଟି -୨୦ ସିରିଜ୍ ଖେଳିବାକୁ ଯିବ ନାହିଁ, ବରଂ ହାର୍ଦ୍ଦିକ ପାଣ୍ଡ୍ୟା କିଛି ବର୍ଷର ବିରତି ପରେ ଘରୋଇ କ୍ରିକେଟ୍ ଖେଳିବାକୁ କମ୍‌ବ୍ୟାକ୍ କରୁଛନ୍ତି । ନଭେମ୍ବର ୨୩ରୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ହାର୍ଦ୍ଦିକ ତାଙ୍କ ଘରୋଇ ଦଳ ବରୋଦାକୁ ଫେରୁଛନ୍ତି । ଯେଉଁଠାରେ ସେ ତାଙ୍କ ବଡ଼ ଭାଇ କ୍ରୁନାଲ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଖେଳିବେ ।



ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହି ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ ଡାହାଣହାତୀ ଦ୍ରୁତ ବୋଲିଂ-ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ଏବଂ ଏଭଳି ପରିସ୍ଥିତିରେ ସେ ସ୍ୱାଭାବିକ ଭାବେ ଦଳରେ ସ୍ଥାନ ପାଇଛନ୍ତି । ଏହି ଋତୁରେ ରଣଜୀ ଟ୍ରଫିରେ ବହୁତ ଭଲ ଆରମ୍ଭ କରିଥିବା ବରୋଦାଙ୍କୁ ହାର୍ଦ୍ଦିକଙ୍କ ପ୍ରତ୍ୟାବର୍ତ୍ତନ ଅତୁଳନୀୟ ଶକ୍ତି ପ୍ରଦାନ କରିବ । ଗତ ସିଜନରେ ଦଳ ମୁଶ୍ଟାକ ଅଲି ଟ୍ରଫି ଜିତିବାକୁ ହରାଇଥିଲା ଏବଂ ଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ।

ଆହତ କାରଣରୁ ହାର୍ଦ୍ଦିକ କ୍ରିକେଟ୍ କାର୍ଯ୍ୟରୁ ଦୂରେଇ ଯାଇଥିଲେ । ୮ ବର୍ଷ ପରେ ହାର୍ଦ୍ଦିକ ଏହି ଟୁର୍ଣ୍ଣାମେଣ୍ଟ ଜରିଆରେ ଦଳକୁ ଫେରୁଛନ୍ତି । ସେ ଶେଷ ଥର ପାଇଁ ୨୦୧୬ରେ ମୁସ୍ତାକ୍ ଅଲି ଟ୍ରଫିରେ ଭାଗ ନେଇଥିଲେ । ନଭେମ୍ବର ୨୩ରୁ ବିସିସିଆଇର ଘରୋଇ କ୍ରିକେଟ୍ ର ଏହି ପ୍ରମୁଖ ଟି-୨୦ ଟୁର୍ଣ୍ଣାମେଣ୍ଟରେ ବରୋଦାଙ୍କୁ ଉତ୍ତରାଖଣ୍ଡ, ତାମିଲନାଡୁ, ତ୍ରିପୁରା, କର୍ଣ୍ଣାଟକ, ସିକ୍କିମ୍ ଏବଂ ଦୁଇ ପଡ଼ୋଶୀ ସୌରାଷ୍ଟ୍ର ଏବଂ ଗୁଜୁରାଟ ସହିତ ଗ୍ରୁପ୍ ବିରେ ସ୍ଥାନିତ କରାଯାଇଛି ।

ବରୋଦାଙ୍କ ପ୍ରଥମ ମ୍ୟାଚ୍ ଗୁଜୁରାଟ ବିପକ୍ଷରେ ହେବ, ଯାହା ଇନ୍ଦୋରର ହୋଲକର ଷ୍ଟାଡିୟମରେ ଖେଳାଯିବ । ଡିସେମ୍ବର ୧୫ରେ ଫାଇନାଲ ସହିତ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ଉପଲବ୍ଧ ହେବ ବୋଲି ଆଶା କରାଯାଉଛି । ଏହି ଅବଧି ମଧ୍ୟରେ ଟିମ୍ ଇଣ୍ଡିଆକୁ କୌଣସି ଧଳା ବଲ୍ ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡିବ ନାହିଁ ।

ଏଭଳି ପରିସ୍ଥିତିରେ ହାର୍ଦ୍ଦିକଙ୍କୁ ମ୍ୟାଚ୍ ଫିଟ୍ ରହିବାକୁ ଏବଂ ଆଗାମୀ ଆହ୍ୱାନଗୁଡିକ ପାଇଁ ପ୍ରସ୍ତୁତ ହେବାରେ ଏହି ଟୁର୍ଣ୍ଣାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ । ଏହା ପରେ ହାର୍ଦ୍ଦିକ ଜାନୁଆରୀ ୨୦୨୫ରେ ଇଂଲଣ୍ଡ ବିପକ୍ଷ ଦିନିକିଆ ଏବଂ ଟି-୨୦ ସିରିଜରୁ ଫେରିବେ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar